READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524





ବର୍ଷ-୭ | ସଂଖ୍ୟା-୧୩ | ୧୦ - ୧୬ ଏପ୍ରିଲ, ୨୦୨୩ | ଭୁବନେଶ୍ୱର | Monday Weekly | VOL-7 | ISSUE-13 | 10th - 16th APRIL, 2023 | BHUBANESWAR | ₹ 5/- (8 Pages)


### ଓଡ଼ିଆ ଭାଷାରେ ନାମଫଳକ

## ପ୍ରଚାର ବେଶୀ, ଆନ୍ତରିକତା କମ !



**ଭୁବନେଶ୍ୱର :** ରାଜ୍ୟର ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ଲେଖାକୁ ବାଧ୍ୟତାମୂଳକ ପାଇଁ ବିଧିବଦ୍ଧ ନିଷ୍ପତ୍ତି ନିଆଯିବାର ପ୍ରାୟ ୫ବର୍ଷ ପରେ ସରକାରଙ୍କ ନିଦ ଭାଙ୍ଗିଛି। ଓଡ଼ିଆ ଭାଷାରେ ନାମଫଳକ ଲେଖାଯାଇ ନଥିଲେ ସମ୍ପୃକ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନଠୁ ୧ହଜାରରୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟର ପ୍ରାବଧାନ ଥିବା ସତ୍ତ୍ୱେ ନିଜର ଅପାରଗତା ଓ ଆନ୍ତରିକତା ନଥିବାରୁ ଓଡ଼ିଶା ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଆଇନ-୨୦୧୮ ଏବଂ ଓଡ଼ିଶା ସରକାରୀ ଭାଷା ଆଇନ-୧୯୫୪କୁ ପାଳନ କରୁନଥିବା ରାଜ୍ୟ ସରକାର ପୁଣି ସମସ୍ତ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ଲଗାଯିବାକୁ କଡ଼ାକଡ଼ି ଭାବେ ନିରୀକ୍ଷଣ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଆ ଭାଷା ଆଇନ ସତ୍ତ୍ୱେ ଦୀର୍ଘ ୫ବର୍ଷ ଧରି ରାଜ୍ୟ ସରକାର କାହିଁକି ନିରବଦ୍ରଷ୍ଟା ସାଜିଥିଲେ ତାକୁ ନେଇ ପ୍ରଶ୍ନ ଉଠିଛି। ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରମ ବିଭାଗର ସଚିବ, ଶ୍ରମ କମିଶନର ଓ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପରିବର୍ତ୍ତିତ ଅଧିନିୟମର କଡାକଡ଼ି ଅନୁପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଶ୍ରମ ଆୟୁକ୍ତ ଓଡ଼ିଶାର ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡ଼ିକରେ ଓଡ଼ିଆରେ ନାମଫଳକ ଲଗାଇବା ନିମନ୍ତେ ଜିଲ୍ଲା ଶ୍ରମ ଅଧିକାରୀ ଓ ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବେ ନାମଫଳକ ରହିବ। ଏହି ନିୟମକୁ ଯିଏ ଉଲ୍ଲଘଂନ କରିବ ତାଙ୍କୁ ୭ ଦିନିଆ ନୋଟିସ୍ ଚଳିତ ମାସଠାରୁ ଦିଆଯିବ। ଏହାପରେ ମଧ୍ୟ ଯଦି ଅଧିନିୟମର ଅନୁପାଳନ ନହୁଏ, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଜୋରିମାନା ଅବା ଲାଇସେନ୍ସ ରଦ୍ଦ କରାଯିବ। ପ୍ରଥମଥର ଖିଲାପକାରୀଙ୍କୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଏବଂ ଦ୍ୱିତୀୟଥର ଖିଲାପକାରୀଙ୍କୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡ଼ିବ। ଜିଲ୍ଲାସ୍ତରରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ➤ ପୃ-୬

### ପୁଣି ଚିନ୍ତା ବଢ଼ାଇଲା କରୋନା

## ସତର୍କ ରହିବାକୁ ନିର୍ଦ୍ଦେଶ



**ନୂଆଦିଲ୍ଲୀ :** ସତର୍କ ରହିବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସତର୍କ ରହିବା ସହ କୋଭିଡ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ନୂଆଦିଲ୍ଲୀରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ସମୀକ୍ଷା ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏହି ପରାମର୍ଶ ଦେଇଛନ୍ତି। କୋଭିଡ ପରିଚାଳନା ପାଇଁ ପ୍ରସ୍ତୁତ ରହିବାକୁ କହିବା ସହିତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଏପ୍ରିଲ ୧୦ ଓ ୧୧ରେ ମକ ଡ୍ରିଲ କରିବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଏବଂ ରାଜ୍ୟଗୁଡିକ କୋଭିଡ-୧୯ ପ୍ରତିରୋଧ ଏବଂ ପରିଚାଳନା ପାଇଁ ପୂର୍ବପରି ସହଯୋଗୀ ମନୋଭାବ ରଖି କାର୍ଯ୍ୟ ଜାରି ରଖିବା ଆବଶ୍ୟକ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭ୍ୟ ପ୍ରକାଶ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ମୁଖ୍ୟ ସଚିବ, ଅତିରିକ୍ତ ମୁଖ୍ୟ ସଚିବଙ୍କ ସହ କଥାବାର୍ତ୍ତା କରି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭ୍ୟ ଏହା କହିଛନ୍ତି। କୋଭିଡ-୧୯ର ଧାରଣ ଏବଂ ପରିଚାଳନା ତଥା ଟୀକାକରଣ ଅଭିଯାନର ଅଗ୍ରଗତି ସମୀକ୍ଷା କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ଭାରତୀ ପ୍ରବୀଣ ପାୱାରଙ୍କ ଉପସ୍ଥିତିରେ ଏକ ଭର୍ଚୁଆଲ୍ ବୈଠକ ଅନୁଷ୍ଠିତ ହୋଇଥିଲା। କେତେକ ରାଜ୍ୟରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟମାନଙ୍କୁ ସତର୍କ ରହିବାକୁ ଏବଂ କୋଭିଡ-୧୯ ପରିଚାଳନା ପାଇଁ ସମସ୍ତ ପ୍ରସ୍ତୁତି ରଖିବାକୁ ପରାମର୍ଶ ଦେଇଛନ୍ତି। ୧୦ ଏବଂ ୧୧ ଏପ୍ରିଲ, ➤ ପୃ-୬

### ୩୦ ଆଇଏଏସଙ୍କୁ ଜିଲ୍ଲା ଦାୟିତ୍ୱ, ପ୍ରତିମାସ ତୃତୀୟ ସପ୍ତାହରେ ବୈଠକ ମନା

## ଗାଁକୁ ଯିବେ; ସ୍ଥିତି ପରଖିବେ



**ଭୁବନେଶ୍ୱର :** ନିର୍ବାଚନୀ ବର୍ଷରେ ରାଜ୍ୟ ସରକାର ୧୦ଟି ଆକାଂକ୍ଷା ଜିଲ୍ଲା ସହ ମୋଟ ୩୦ଟି ଜିଲ୍ଲା ଦାୟିତ୍ୱ ୩୦ଜଣ ବରିଷ୍ଠ ଆଇଏଏସଙ୍କୁ ନ୍ୟସ୍ତ କରିଛନ୍ତି। ଏହାସହିତ ସେମାନଙ୍କୁ ପ୍ରତ୍ୟେକ ମାସର ତୃତୀୟ ସପ୍ତାହରେ ଜିଲ୍ଲା ଗସ୍ତରେ ଯାଇ ବ୍ୟାପକ କ୍ଷେତ୍ର ପରିଦର୍ଶନ କରି ଦୁର୍ଗମ ଅଞ୍ଚଳରେ ରାତିରେ ରହିବା ସହ ଗ୍ରାମାଞ୍ଚଳରେ ସରକାରଙ୍କ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଓ ବିଭିନ୍ନ ଜନସେବା କିଭଳି ପ୍ରଦାନ କରାଯାଉଛି ତା'ର ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଫିସରମାନେ ତୃତୀୟ ସପ୍ତାହରେ ଜିଲ୍ଲା ଗସ୍ତରେ ଯାଉଥିବାରୁ ଏହି ସପ୍ତାହରେ ସରକାରୀସ୍ତରରେ କୌଣସି ପ୍ରକାରର ସମୀକ୍ଷା ବୈଠକ ନରଖିବା ପାଇଁ ବିଭାଗୀୟ ସଚିବ ଓ ଅତିରିକ୍ତ ମୁଖ୍ୟ ସଚିବମାନଙ୍କୁ ପରାମର୍ଶ ଦିଆଯାଇଛି। ଯଦି ଜରୁରୀ ବୈଠକ ଆବଶ୍ୟକ ଥିବ, ତା'ହେଲେ ଏନେଇ ମୁଖ୍ୟ ସଚିବ ନିଷ୍ପତ୍ତି ନେବେ। ଚଳିତ ଏପ୍ରିଲ ମାସରୁ ହିଁ ତୃତୀୟ ସପ୍ତାହ(ପ୍ରତ୍ୟେକ ମାସ)ରେ ବିଭାଗୀୟ ସଚିବମାନେ କୌଣସି ବୈଠକ ସ୍ଥିରୀକୃତ ନକରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉନ୍ନୟନ ସଚିବ ଅନୁ ଗର୍ଗଙ୍କ ମାର୍ଚ୍ଚ ୨୭,୩୧ ଓ ଏପ୍ରିଲ ୩ତାରିଖରେ ସମସ୍ତ ସଚିବମାନଙ୍କୁ ଭିନ୍ନ ଭିନ୍ନ ୩ଟି ଚିଠି ଲେଖି ସଚିବ ଓ ବରିଷ୍ଠ ଅଫିସରମାନଙ୍କୁ ଜିଲ୍ଲା ଦାୟିତ୍ୱ ନ୍ୟସ୍ତ କରିବା ସହ ପ୍ରତି ମାସର ତୃତୀୟ ସପ୍ତାହରେ ରାଜ୍ୟସ୍ତରରେ କୌଣସି ବୈଠକ ନରଖି ସେମାନଙ୍କୁ ବ୍ୟାପକ କ୍ଷେତ୍ର ପରିଦର୍ଶନ କରିବା ନିମନ୍ତେ ଆବଶ୍ୟକ ସୁଯୋଗ ଦେବାକୁ ପରାମର୍ଶ ଦେଇଛନ୍ତି। ଏହାସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ୧୦ଟି ଆକାଂକ୍ଷା ଜିଲ୍ଲା ଦାୟିତ୍ୱରେ ଥିବା ୧୦ଜଣ ବରିଷ୍ଠ ଆଇଏଏସଙ୍କୁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ୫ଟି କ୍ଷେତ୍ରର ମୋଟ ➤ ପୃ-୬

### ଓଡ଼ିଶା ଆସିବ ବିଶ୍ୱସ୍ତରୀୟ କମ୍ପାନୀ 'ଫୁଜି ସଫ୍ଟ'

## ନିକ୍‌ଟାଲ୍ ଖୋଲିବ ଦକ୍ଷତା ବିକାଶ କେନ୍ଦ୍ର



**ଭୁବନେଶ୍ୱର :** ଭୁବନେଶ୍ୱରକୁ ଆସିବ ଆଉ ଏକ ବିଶ୍ୱସ୍ତରୀୟ କମ୍ପାନୀ। ଜାପାନର ଆଇଟି କମ୍ପାନୀ ଫୁଜି ସଫ୍ଟ ଏଠାରେ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛି। ଜାପାନ ଗସ୍ତର ଯାଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ପ୍ରତିନିଧି ଦଳ ସହ ଆଲୋଚନା କରି ଏହି ପ୍ରସ୍ତାବ ଦେଇଛି କମ୍ପାନୀ। ଯାହା ଆଶା କରାଯାଉଛି ଫୁଜି ସଫ୍ଟର ପ୍ରସ୍ତାବିତ ଉତ୍କର୍ଷ କେନ୍ଦ୍ର ଓଡ଼ିଶାର ଆଇଟି ଶିଳ୍ପକୁ ଆହୁରି ସମୃଦ୍ଧ କରିବ। ଜାପାନର ଟୋକିଓ ସହରରେ ଆୟୋଜିତ ଓଡ଼ିଶା ବିଜନେସ୍ ମିଟ୍‌ରେ ୨୬ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଜାପାନର ବିଭିନ୍ନ କ୍ଷେତ୍ର ସହ ସହଯୋଗିତା ବଢ଼ାଇବା ଲାଗି ଆଲୋଚନା ଜାରି ରଖିଛନ୍ତି। ଏହି ମର୍ମରେ ସେ ଫୁଜି ସଫ୍ଟ, ଏନ୍‌ବାଇକେ ଲାଇନ୍ସ, ନିକ୍‌ଟାଲ୍) ଓ ସୁମିଟୋମୋ ଗ୍ରୁପ୍‌ର ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ। ଦକ୍ଷତା ବିକାଶ କ୍ଷେତ୍ରରେ ନିହୋନ୍-ଉତ୍କଳ (ନିଟ୍‌କାଲ୍) ପକ୍ଷରୁ ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ରିସର୍ଚ୍ଚ (ଓୟୁଟିଆର) ସହିତ ସହଯୋଗିତା ସ୍ଥାପନ କରାଯାଇଛି। ଉଭୟ ସଂସ୍ଥା ମିଳିତ ଭାବେ ଏକ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ ➤ ପୃ-୬

### ବକ୍ରବାଣୀ



ଜାପାନ ଯାଇଚି ଆମ ସର୍କାର
ନିପନ କରିବ ଫ୍ୟାକ୍ଟ୍ରି ୟେଥର
ଅଇଲାଣି ପରା ଭୋଅଟ ବେଳ
ଜାପାନୀ ତେଲରେ କରିବେ ଖେଳ
ବେକାରୀ ଆଖିକୁ ସପନ ଦେଇ
ତାଙ୍କ ଭୋଟଗୁଡ଼ା ନେବେ ହାତେଇ
ଭୋଅଟ ବେଳକୁ କୁମ୍ପାନୀ ଆସେ
ଚାଡ଼ି ଚାଲିଯାଏ ଯାତେରା ଶେଷେ
ଯୁବ ପୀଢ଼ି ହାତେ ଚାକିରୀ ନାହିଁ
ବୁଢ଼ା ହାତୀ ପୁଳେ ପୋଷନ୍ତି କାହିଁ।

——— ଟୁଟୁ

### ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସର୍ବଦଳୀୟ ବୈଠକ

## ରାତିରେ ମାଇକ୍ ପ୍ରଚାର ଉପରେ କଟକଣା



**ଭୁବନେଶ୍ୱର :** ଝାରସୁଗୁଡ଼ା ଉପନିର୍ବାଚନକୁ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ନିର୍ବାଚନ ପାଇଁ ଆସନ୍ତା ୧୩ ତାରିଖରେ ଗେଜେଟ୍ ନୋଟିଫିକେସନ୍ ପ୍ରକାଶ ପାଇବ ଓ ମେ' ୧୦ ତାରିଖରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ୧୩ ତାରିଖରେ ଭୋଟ ଗଣନା ଓ ୧୫ ତାରିଖ ସୁଦ୍ଧା ଉପନିର୍ବାଚନ ସଂକ୍ରାନ୍ତ ସମସ୍ତ ପ୍ରକ୍ରିୟା ଶେଷ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଉପସ୍ଥିତ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କୁ ଅବଗତ କରାଇଛନ୍ତି। ଉପନିର୍ବାଚନ ଘୋଷଣା ଦିନଠାରୁ ସମଗ୍ର ଝାରସୁଗୁଡ଼ା ଜିଲ୍ଲାରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ଉପନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନଙ୍କ ଦ୍ୱାରା କୌଣସି ଲୋଭନୀୟ ପ୍ରସ୍ତାବ କିମ୍ବା ଆର୍ଥିକ ସହାୟତା ଭୋଟରଙ୍କୁ ଯଚାଯାଇ ପାରିବ ନାହିଁ ବୋଲି ଶ୍ରୀ ଧଳ କହିଛନ୍ତି। ନିର୍ବାଚନ ପ୍ରଚାର ସମୟରେ ପ୍ରାର୍ଥୀମାନେ କିମ୍ବା ରାଜନୈତିକ ଦଳମାନେ ପ୍ରଚାର ଗାଡ଼ିରେ ମାଇକ୍ ବାନ୍ଧି ରାତି ୧୦ ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ପ୍ରଚାର କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏଥର ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ଥିବା ସବୁ ବୁଥ୍‌ରେ ଶତ ପ୍ରତିଶତ ୱେବ୍ କାଷ୍ଟିଙ୍ଗର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଉପନିର୍ବାଚନ ପ୍ରଚାର ସମୟରେ ପ୍ରାର୍ଥୀ ଓ ବିଭିନ୍ନ ରାଜନୈତିକ ଦଳର ତାରକା ପ୍ରଚାରକମାନେ ଯେଉଁସବୁ ଗାଡ଼ି ବ୍ୟବହାର କରିବେ ପୂର୍ବରୁ ସେମାନେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କଠାରୁ ଅନୁମତି ନେଇ ନିର୍ବାଚନ ପ୍ରଚାରରେ ଗାଡ଼ି ବ୍ୟବହାର କରିପାରିବେ ବୋଲି କୁହାଯାଇଛି। ଉପନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପ୍ତ କରିବା ନିମନ୍ତେ ନିର୍ବାଚନ ➤ ପୃ-୬

## ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ପ୍ରଦୀପ୍ତ



**ଭୁବନେଶ୍ୱର :** ପୂର୍ବତନ ବିରୋଧୀ ଦଳ ନେତା ତଥା ବିଧାୟକ ପ୍ରଦୀପ୍ତ ନାଏକ କରୋନାର ପରବର୍ତ୍ତୀ ଜଟିଳତାର ଶିକାର ହୋଇ ଦୀର୍ଘଦିନ ଧରି ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ହେଲେ ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ନେଇ 'ଏକମାତ୍ର' ସମ୍ପାଦକ ତାରକ ମହାନ୍ତିଙ୍କ ସହିତ କଥା ହୋଇଥିଲେ ଶ୍ରୀ ନାଏକଙ୍କ ପତ୍ନୀ ପ୍ରମିଳା ନାଏକ। ଶ୍ରୀମତୀ ନାଏକ କହିଥିଲେ ଯେ, ପ୍ରଦୀପ୍ତ ବାବୁ ଏବେ ପୂର୍ବଭଳି ଫିଟ୍ ରହିବା ସହିତ ଦୈନିକ ଯୋଗ କରୁଛନ୍ତି। ଏଥିସହିତ ପ୍ରଦୀପ୍ତ ବାବୁ ସାଧାରଣ ଲୋକଙ୍କ ସହିତ ମିଳାମିଶା କରିବା ସହ ➤ ପୃ-୬






## ରାଜ୍ୟର ଯୁବକ ମାନଙ୍କୁ ମିଛ କୁହନ୍ତୁ ନାହିଁ ମୁଖ୍ୟମନ୍ତ୍ରୀ : ବିଜେପି



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ଓ ତାଙ୍କର ଟିମ ବିଭିନ୍ନ କାର୍ଯ୍ୟର ବାହାନା ଦେଇ ଛୁଟି କଟାଇବା ପାଇଁ ଜାପାନ ଗସ୍ତ କରିବା କେବଳ ଏକ ପ୍ରହସନ। ବୁଲିବାର ଅଧିକାର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଛି କିନ୍ତୁ ରାଜ୍ୟ ରାଜକୋଷରେ ଥିବା ଲୋକମାନଙ୍କ କଷ୍ଟ ଅର୍ଜିତ ଟିକସ ଅର୍ଥକୁ ଖର୍ଚ୍ଚ କରି ଛୁଟି କଟାଇବାକୁ ଯିବା କେତେ ଦୂର ଯୁକ୍ତିଯୁକ୍ତ ? ମୁଖ୍ୟମନ୍ତ୍ରୀ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରି ଛୁଟି କଟାଇବା ପାଇଁ ମନା ନାହିଁ କିନ୍ତୁ ରାଜ୍ୟର ଯୁବକ ମାନଙ୍କୁ ମିଛ ପ୍ରତିଶ୍ରୁତି ଦିଅନ୍ତୁ ନାହିଁ ବୋଲି ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦଳର ମୁଖପାତ୍ର ସତ୍ୟବ୍ରତ ପଣ୍ଡା। ଶ୍ରୀ ପଣ୍ଡା କହିଛନ୍ତି ଜାପାନରୁ କିଛି ନୂଆ ଶିଳ୍ପ ଆସୁଛି ନା ପୁରୁଣା ବହିରେ ନୂଆ ମଲାଟ ମଡ଼ାଇଛନ୍ତି ରାଜ୍ୟ ସରକାର। ଇଟାଲି ଏବଂ ୟୁଏଇ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ଏବଂ ତୃତୀୟ ମହଲାର ବାବୁମାନେ ଜାପାନ ଗସ୍ତ କରିଛନ୍ତି। ୫ ଘଣ୍ଟାର କାର୍ଯ୍ୟକୁ ୭ ଦିନ ଗସ୍ତ କରିବାର ମାନେ କଣ ? ଏହା ଛୁଟି କାଟିବା ନୁହେଁ ତ ଆଉ କଣ ? ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜାପାନ ଗସ୍ତ କରିବା ଓ ବ୍ୟାପକ ନିବେଶ ଆସିବା ନେଇ ବିଜେଡ଼ି ସରକାର ଦ୍ୱାରା ଯେଉଁ ସବୁ ପ୍ରଚାର କରାଯାଉଛି, ସେ ସବୁର ସତ୍ୟାସତ୍ୟ କେତେ ? ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କର ସ୍ୱୋର୍ଟିଭ୍ ଗ୍ରୁପକୁ ସାଙ୍ଗରେ ନେଇ ଯିବାର ଅର୍ଥ କଣ ? ଓଡ଼ିଶା ସରକାର ଓ ଖଣି ମାଲିକଙ୍କର ମଧ୍ୟସ୍ଥି କରୁଥିବା ଉପକୂଳ ଜିଲ୍ଲାର ସାଂସଦ ତଥା ଯେଉଁ ଅଂଚଳରେ ଖଣିର ନାଁ ଗନ୍ଧ ନାହିଁ ସେ ବି ସରକାରୀ ପଇସାରେ ଜାପାନ ଯିବା ଗସ୍ତର ସ୍ୱାର୍ଥ କଣ ? ପୂର୍ବରୁ ମୁଖ୍ୟମନ୍ତ୍ରୀ ଗସ୍ତ କରିଥିବା ଇଟାଲି ଏବଂ ୟୁଏଇ ଗସ୍ତ ପରେ ଓଡ଼ିଶାକୁ କେତେ ନିବେଶକ ଆସିଛନ୍ତି ? ଏସବୁ ପ୍ରସଙ୍ଗ ଉପରେ ରାଜ୍ୟ ସରକାର ସ୍ପଷ୍ଟୀକରଣ ରଖିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସବୁବେଳେ ଭାରତର ଏକ ସହଯୋଗୀ ରାଷ୍ଟ୍ର ଭାବେ ରହିଆସିଛି। ପୂର୍ବ ଭାରତକୁ ବିକାଶ କରିବା ଦିଗରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମିଶନକୁ ସାକାର କରିବାରେ ଜାପାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ୨୦୧୯ ପୂର୍ବରୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଭାରତ ସରକାରଙ୍କ ଦ୍ୱାରା ଷ୍ଟିଲ୍ କ୍ଷେତ୍ରରେ ପୁଞ୍ଜିନିବେଶ ନେଇ ଘୋଷଣା କରାଯାଇଥିଲା। ଓଡ଼ିଶାରେ ଜାପାନ ପୁଞ୍ଜିନିବେଶକୁ ଆଣିବାରେ ସଫଳ ନେତା ହେଉଛନ୍ତି ଏବେର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଗୋଟିଏ ନୁହେଁ ବରଂ ଦୁଇଟି ବୃହତ ପ୍ରକଳ୍ପକୁ ଓଡ଼ିଶାକୁ ଆଣିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏବେ ଯେଉଁ ନିପନ୍ ଷ୍ଟିଲ ପାଇଁ ମୁଖ୍ୟମନ୍ତ୍ରୀ ବାହା ବାହା ନେଉଛନ୍ତି, ଅକ୍ଟୋବର ୨୫, ୨୦୧୯ରେ ଇସ୍ପାତ୍ ମନ୍ତ୍ରଣାଳୟର ଦାୟିତ୍ୱରେ ଥିବା ସମୟରେ ସେ ପ୍ରତିନିଧି ମଣ୍ଡଳୀ ସହ ୫ ଦିନିଆ ଜାପାନ ଗସ୍ତରେ ଯାଇ ନିପନ ଷ୍ଟିଲ ସମେତ ଜାପାନର ପ୍ରମୁଖ ଇସ୍ପାତ୍ କମ୍ପାନୀଙ୍କ ସହ ଓଡ଼ିଶାରେ ପୁଞ୍ଜିନିବେଶ କରିବା ସହ ଭାଗିଦାରୀ ହେବା ପାଇଁ ନିମନ୍ତ୍ରଣ କରିଥିଲେ। ଫେବୃୟାରୀ ୨୭, ୨୦୨୦ରେ ଜାପାନର ରାଷ୍ଟ୍ରଦୂତ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ରାଜ୍ୟ ସରକାରଙ୍କ ସହ ଏକ ମିଳିତ ବୈଠକ ହୋଇଥିଲା ଏବଂ ଏହା ପରେ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଘୋଷଣା କରାଯାଇଥିଲା। ଜୁନ ୨୪, ୨୦୨୧ରେ କେନ୍ଦ୍ରମନ୍ତ୍ରୀ କେନ୍ଦ୍ରାପଡା ଯାଇଥିଲେ। ଶିଳ୍ପ କ୍ଷେତ୍ରରେ କେନ୍ଦ୍ରାପଡା ଜିଲ୍ଲା ଏକ ପେଣ୍ଟସ୍ଥଳି ହେବା ନେଇ ଏକ ପ୍ରେସମିଟରେ ମତ ରଖିଥିଲେ। ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** କଷ୍ଟ ସମୟରେ ମନ ଶାନ୍ତ ରଖନ୍ତୁ। ଠିକ ମାର୍ଗରେ ବିନିଯୋଗ କରନ୍ତୁ। ପରିବାର ସଦସ୍ୟଙ୍କୁ ଠିକ୍ ବ୍ୟବହାର କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ସହଯୋଗୀ ପ୍ରତି ସତର୍କ ରହିବେ। ପ୍ରତିକାର : ୨୦ଥର ଓଁ ନମ୍ ନାରାୟଣାୟନମ୍ ଜପ କରନ୍ତୁ।

**ବୃଷ** ମନ ଅସ୍ଥିର ରହିବ। ଛୋଟ ଛୋଟ ବିନିଯୋଗ କରନ୍ତୁ, ଲାଭ ହେବ। ପିଲାମାନଙ୍କୁ ଲଗାମ ଦିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ନିଜ ବିଚାର ବୁଝିବିଚାରୀ ରଖନ୍ତୁ। ପ୍ରତିକାର : ପ୍ରତିଦିନ ୨୮ଥର ଓ ନମଃ ଦୁର୍ଗାୟ ନମଃ ଜପ କରନ୍ତୁ।

**ମିଥୁନ** ମନରେ ନକାରାତ୍ମକ ଭାବ ରହିବ। ସମୟ ପ୍ରତି ଧ୍ୟାନ ଦିଅନ୍ତୁ। ପାରିବାରିକ କାର୍ଯ୍ୟରେ ସମୟ କଟିବ। କାର୍ଯ୍ୟକ୍ଷେତ୍ରରେ କାମରେ ଅଧିକ ଧ୍ୟାନ ଦିଅନ୍ତୁ। ପ୍ରତିକାର : ବୁଧବାର ଦିନ ବୁଧଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**କର୍କଟ** ପୂର୍ବରୁ ଥିବା ରୋଗରୁ ମୁକ୍ତି ମିଳିବ। ଧନ ଅର୍ଜନ ପାଇ ଅନେକ ସୁଯୋଗ ପାଇବେ। ପରିବାରରେ ଶାନ୍ତି ଅନୁଭବ ହେବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବାଦଠୁ ଦୂର ରହିବେ। ପ୍ରତିକାର : ଓଁ ସୋମାୟନମଃ ଜପ କରନ୍ତୁ।

**ସିଂହ** ମାଂସପେଶୀରେ କଷ୍ଟ ହୋଇପାରେ। ଜମି ଘର, ସୁନା ଇତ୍ୟାଦି କ୍ରୟ କରି ପାରନ୍ତି। ସହଯୋଗୀଙ୍କ ସହଯୋଗ ମିଳିବ ନାହିଁ। ଉଚ୍ଚଶିକ୍ଷା ପାଇଁ ସମୟ ଅନୁକୂଳ : ପ୍ରତିକାର : ଗାଧୋଇବା ପରେ ପ୍ରତିଦିନ ସୂର୍ଯ୍ୟଙ୍କୁ ଫୁଲ ଓ ଜଳ ଅର୍ପଣ କରନ୍ତୁ।

**କନ୍ୟା** ଦୁର୍ବଳ ଅନୁଭବ କରିପାରନ୍ତି। ଆଶାନୁରୂପ ଧନପ୍ରାପ୍ତି ହେବନାହିଁ। ପଦୋନ୍ନତି ଯୋଗ ଅଛି। ଛାତ୍ରମାନେ ଅନେକ ଅନୁକୂଳ ସୁଯୋଗ ପାଇବେ। ପ୍ରତିକାର : ଶୁକ୍ରବାର ଦିନ ମହାଲକ୍ଷ୍ମୀଙ୍କୁ ପୂଜା କରନ୍ତୁ।

**ତୁଳା** ଶରୀର ଅସୁସ୍ଥ ରହିବ। ଆର୍ଥିକ ଲାଭ ହେବ। ନୂଆ ଯାନବାହନ କିଣି ପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସତର୍କ ରହନ୍ତୁ। ଛାତ୍ରମାନେ ଏକାଗ୍ରତାବାଦୀ ହେବେ। ପ୍ରତିକାର : ପ୍ରତିଦିନ ୨୧ଥର ଓଁ କେତକେ ନମଃ ଜପ କରନ୍ତୁ।

**ବିଛା** ଯାନବାହନ ଚଳାଇବାରେ ସତର୍କ ହୁଅନ୍ତୁ। ସହଜରେ ଧନ ଲାଭ କରିପାରନ୍ତି। ଋଣ ସୁଝି ପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇଁ ଉଚ୍ଚଶିକ୍ଷା ପାଇଁ ସମୟ ଅନୁକୂଳ। ପ୍ରତିକାର : ପ୍ରତିଦିନ ୯ଥର ଓଁ ଭୌମାୟ ନମଃ ଜପ କରନ୍ତୁ।

**ଧନୁ** ଉତ୍ତମ ସ୍ୱାସ୍ଥ୍ୟ ରହିବ। ଆୟରେ ବୃଦ୍ଧି ହେବ। ବିରକ୍ତ ହୁଅନ୍ତୁ ନାହିଁ। କ୍ଷତି ହୋଇପାରେ। ଛାତ୍ରମାନେ ଅନେକ ଉତ୍ତମ ସୁଯୋଗ ପାଇବେ। ପ୍ରତିକାର : ପ୍ରତିଦିନ ୬ଥର ଓଁ ଶୁକ୍ରାୟ ନମଃ ଜପ କରନ୍ତୁ।

**ମକର** ମଦ୍ୟ ଓ ତମାଖୁ ତ୍ୟାଗ କରିବାକୁ ଚେଷ୍ଟା କରିପାରନ୍ତି। ଆୟରୁ ଅଧିକ ହେବ। ବନ୍ଧୁଙ୍କ ସହ ସମୟ ଭଲ କଟିବ। କାର୍ଯ୍ୟକ୍ଷେତ୍ରରେ ଶତ୍ରୁ ସୃଷ୍ଟି ହୋଇପାରନ୍ତି। ପ୍ରତିକାର : ଭଗବାନ ଶିବଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**କୁମ୍ଭ** ଖର୍ଚ୍ଚରେ ବୃଦ୍ଧି ହୋଇପାରେ।ଘରର ଛୋଟ ପିଲାଙ୍କ ସହ ସମ୍ପର୍କ ବଢ଼ିବ। ଅସୁରକ୍ଷିତ ମନେ କରିବେ। ଛାତ୍ରମାନେ ଅନ୍ୟ ପ୍ରତି ଇର୍ଷା କରିପାରନ୍ତି। ପରିବାରରେ ବହୁତ ଭଲ ତାଳମେଳ ରହିବ। ପ୍ରତିକାର୍ଯ୍ୟ ପ୍ରତିଦିନ ୪୨ଥର ଓଁ ଶ୍ରୀ ଲକ୍ଷ୍ମୀ ଭ୍ୟୋଂ ନମଃ ଜପ କରନ୍ତୁ।

**ମୀନ** ପୁରୁଣା ରୋଗରୁ ମୁକ୍ତି ମିଳିବ। ପୁରୁଣା ବିନିଯୋଗରୁ ଲାଭ ମିଳିବ। ଆପଣଙ୍କ ପରିଧାନରେ ପରିବର୍ତ୍ତନ ଯୋଗୁ ପରିବାର ମଧ୍ୟରେ ଶାନ୍ତି ପ୍ରକାଶ ପାଇବ। ବିବାଦୀୟ ସ୍ଥିତିରେ ପଡିପାରନ୍ତି। ପ୍ରେମୀମାନେ ନିଜର ମନ କଥା କହିପାରିବେ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ମାର୍ଗଦର୍ଶିକା

# ଖବରକାଗଜରେ 'ବେଟିଂ ବିଜ୍ଞାପନ' ପ୍ରକାଶ କରନି



**ନୂଆଦିଲ୍ଲୀ :** ଦେଶର ପ୍ରମୁଖ ତଥା ମୁଖ୍ୟସ୍ରୋତର କିଛି ଇଂରାଜୀ ଓ ହିନ୍ଦୀ ଖବରକାଗଜରେ 'ବେଟିଂ ବିଜ୍ଞାପନ' ଭଳି ପ୍ରଚାରମୂଳକ ବିଷୟବସ୍ତୁ ପ୍ରକାଶ ପାଇବାର କିଛି ଦିନ ପରେ ସରକାର ଗୁରୁବାର ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ବେଟିଂ ପ୍ଲାଟଫର୍ମର ବିଜ୍ଞାପନ ପ୍ରକାଶ ନ କରିବାକୁ ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ଚେତାବନୀ ଦେଇଛନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ନିକଟରେ ଦେଶର କିଛି ମୁଖ୍ୟସ୍ରୋତର ଇଂରାଜୀ ଓ ହିନ୍ଦୀ ଖବରକାଗଜରେ ବେଟିଂ ୱେବସାଇଟର ବିଜ୍ଞାପନ ଏବଂ ପ୍ରଚାର ବିଷୟବସ୍ତୁ ପ୍ରସାରଣ ଘଟଣାକୁ ନେଇ ତୀବ୍ର ଆପତ୍ତି ଉଠାଇଛି। ଏ ଘଟଣା ଦୃଷ୍ଟିଗୋଚର ହେବାପରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଏକ ଆଡଭାଇଜରି ଜାରି କରି ଗଣମାଧ୍ୟମ ସଂସ୍ଥା, ମିଡିଆ ପ୍ଲାଟଫର୍ମ ଏବଂ ଅନଲାଇନ୍ ବିଜ୍ଞାପନ ମିଡିଆଙ୍କୁ ବେଟିଂ ପ୍ଲାଟଫର୍ମର ବିଜ୍ଞାପନ କିମ୍ବା ପ୍ରଚାର ବିଷୟବସ୍ତୁ ପ୍ରସାରଣରୁ ନିଜକୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି। ଏକ ସରକାରୀ ବିବୃତିରେ କୁହାଯାଇଛି ଯେ ଖବରକାଗଜ, ଟେଲିଭିଜନ ଚ୍ୟାନେଲ ଏବଂ ଅନଲାଇନ୍ ସମ୍ବାଦ ପ୍ରକାଶକଙ୍କ ସମେତ ଗଣମାଧ୍ୟମର ସମସ୍ତ ଫର୍ମାଟ ଉଦ୍ଦେଶ୍ୟରେ ଏହି ଆଡଭାଇଜରି ଜାରି କରାଯାଇଛି ଏବଂ ନିକଟ ଅତୀତରେ ଗଣମାଧ୍ୟମରେ ଏଭଳି ବିଜ୍ଞାପନ ପ୍ରକାଶ ପାଇଥିବାର ନିର୍ଦ୍ଦିଷ୍ଟ ଉଦାହରଣ ଦିଆଯାଇଛି। ଏକ ନିର୍ଦ୍ଦିଷ୍ଟ ବେଟିଂ ପ୍ଲାଟଫର୍ମ ଦ୍ୱାରା ଦର୍ଶକଙ୍କୁ ଏହାର ୱେବସାଇଟରେ ଏକ କ୍ରୀଡ଼ା ଲିଗ୍ ଦେଖିବାକୁ ପ୍ରୋତ୍ସାହିତ କରିବା ଉପରେ ମଧ୍ୟ ମନ୍ତ୍ରାଳୟ ଆପତ୍ତି ଉଠାଇଛି; ଯାହା ପ୍ରାଥମିକ ଦୃଷ୍ଟିରୁ କପିରାଇଟ୍ ଆଇନ, ୧୯୫୭ର ଉଲ୍ଲଂଘନ କରିଥିବା ଜଣାପଡୁଛି ବୋଲି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ସାମ୍ବାଦିକତା ଆଚରଣ ନିୟମର ବ୍ୟବସ୍ଥାରେ ଉଲ୍ଲେଖ ରହିଛି ଯେ ଖବରକାଗଜଗୁଡ଼ିକ ବେଆଇନ ଖବର କିମ୍ବା ବେଆଇନ ବାର୍ତ୍ତା ବହନ କରୁଥିବା କୌଣସି ବିଜ୍ଞାପନ ପ୍ରକାଶ କରିବା ଉଚିତ ନୁହେଁ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

## ବିଶ୍ୱରେ ବଢ଼ିଚାଲିଛି ମଶାଜନିତ ରୋଗ



**ନୂଆଦିଲ୍ଲୀ :** ସାରା ବିଶ୍ୱରେ ଦ୍ରୁତଗତିରେ ବଢ଼ିଚାଲିଛି ମଶାଜନିତ ରୋଗ। ପ୍ରାୟ ୧୨୯ଟି ରାଷ୍ଟ୍ର ଲାଗି ଡେଙ୍ଗୁ ଓ ଚିକୁନଗୁନିଆ ବିପଦ ସୃଷ୍ଟି କରିବ ବୋଲି ସତର୍କ କରାଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଏହା ସହ ଜଳବାୟୁ ପରିବର୍ତ୍ତନ ଯୋଗୁ ମଶାଜନିତ ରୋଗ ବଢ଼ିବାରେ ଲାଗିଛି ବୋଲି କହିଛି ସଂଗଠନ। କେବଳ ଡେଙ୍ଗୁ ଓ ଚିକୁନଗୁନିଆ ନୁହେଁ, ଜିକା ଭାଇରସଜନିତ ରୋଗ ବି ମହାମାରୀ ଆକାର ଧାରଣ କରିପାରେ ବୋଲି ସତର୍କ କରିଛି ଡବ୍ଲ୍ୟୁଏଚ୍‌ଓ। ଏହି ତିନିଟିଯାକ ରୋଗ ମୁଖ୍ୟତଃ ଏଡିସ୍ ଏଗେପ୍ଟି ପ୍ରଜାତିର ମଶାଙ୍କ ଦ୍ୱାରା ବ୍ୟାପିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଂଯୋଜକ ରମଣ ଭେଲାୟୁଧନ କହିଛନ୍ତି- ଆଗକୁ ମଶାଙ୍କୁ ନେଇ ବଡ଼ ବିପଦ ଆସୁଥିବାରୁ ଏଥିଲାଗି ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ବିଶ୍ୱର ୧୦୦ଟି ରାଷ୍ଟ୍ରରେ ମଶାଜନିତ ବିଭିନ୍ନ ରୋଗ ଏଣ୍ଡେମିକ ପାଲଟିଯାଇଥିବାବେଳେ ୧୨୯ଟି ରାଷ୍ଟ୍ର ରିସ୍କ ଜୋନରେ ରହିଛନ୍ତି। ୨୦୦୦ ମସିହାରେ ପ୍ରାୟ ୫୦ ଲକ୍ଷ ଲୋକ ମଶାଜନିତ ରୋଗରେ ପୀଡ଼ିତ ଥିବାବେଳେ ୨୦୧୯ରେ ସେମାନଙ୍କ ସଂଖ୍ୟା ହୋଇଛି ପ୍ରାୟ ୫୨ ଲକ୍ଷ।

## ୬.୫%ରେ 'ରେପୋ ରେଟ୍' ଅପରିବର୍ତ୍ତିତ ରଖିଲା ରିଜର୍ଭ ବ୍ୟାଙ୍କ



**ମୁମ୍ବାଇ :** ଦେଶରେ ମୁଦ୍ରାସ୍ଫୀତି ପରିସ୍ଥିତିକୁ ଚାହିଁ 'ରେପୋ ରେଟ୍' ୬.୫% ଅପରିବର୍ତ୍ତିତ ରଖିବା ଲାଗି 'ମନିଟାରି ପଲିସି କମିଟି' (ଏମ୍ପିସି) ନିଷ୍ପତ୍ତି ଗ୍ରହଣ କରିଥିବା କଥା ଆଜି ଭାରତୀୟ ରିଜର୍ଭ ବ୍ୟାଙ୍କ୍ର ଗଭର୍ଣ୍ଣର୍ ଶକ୍ତିକାନ୍ତ ଦାସ କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ମେ ମାସରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ରେପୋ ରେଟ୍ ୨୫୦ ବେସିସ୍ ପଏଣ୍ଟ୍ ବୃଦ୍ଧି କରିଥିଲା। ବୈଶ୍ୱିକ ଅର୍ଥନୀତି ଏବେ ଅସ୍ଥିରତାର ନୂତନ ପର୍ଯ୍ୟାୟର ସମ୍ମୁଖୀନ ହେଉଥିବାରୁ ରିଜର୍ଭ ବ୍ୟାଙ୍କ୍ 'ମନିଟାରି ପଲିସି ଆକମଡେସନ୍'ର ପ୍ରତ୍ୟାହାର ଉପରେ ଧ୍ୟାନ ନିବେଶ କରିଛି ବୋଲି ଗଭର୍ଣ୍ଣର୍ ଶକ୍ତିକାନ୍ତ ଦାସ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ୨୦୨୨ ମେ'ରେ ଗ୍ରହଣ କରାଯାଇଥିବା ନୀତି ନିଷ୍ପତ୍ତି ସବୁ ଏବେ ବି ଅର୍ଥନୈତିକ ବ୍ୟବସ୍ଥାରେ କାମ କରୁଛି। ସୁଧର ଦର କମ୍ ଥିବାରୁ ଅର୍ଥନୈତିକ କାର୍ଯ୍ୟକଳାପ ବିଶେଷ ସକ୍ରିୟ ଅଛି। ଆର୍ଥିକ ବର୍ଷ ୨୩ରେ ୭% ଅଭିବୃଦ୍ଧି ହାର ଆଶା ରଖି ଭାରତର ଅର୍ଥନୈତିକ କାର୍ଯ୍ୟକଳାପ ସୁଦୃଢ଼ ରହିଥିବା କଥା ମଧ୍ୟ ଗଭର୍ଣ୍ଣର୍ ଦାସ କହିଛନ୍ତି। ଆର୍ଥିକ ବର୍ଷ ୨୪ ନିମନ୍ତେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଅଭିବୃଦ୍ଧି ହାର ୬.୪ରୁ ସାମାନ୍ୟ ବୃଦ୍ଧି କରି ୬.୫% ହେବ ବୋଲି ଆକଳନ କରିଛି। ଗତବର୍ଷ ଫେବ୍ରୁଆରି ତୁଳନାରେ ଚଳିତ ବର୍ଷ ଫେବ୍ରୁଆରିରେ ଖାଉଟି ମୁଦ୍ରାସ୍ଫୀତି ୬.୪୪% ବୃଦ୍ଧି ପାଇଛି। କିନ୍ତୁ, ଜାନୁଆରି ମାସରେ ଖାଉଟି ମୁଦ୍ରାସ୍ଫୀତି ୬.୫୨% ଥିଲା। ଅଦିନିଆ ବୃଷ୍ଟିପାତ ଖାଦ୍ୟ ଦର ବୃଦ୍ଧି କରାଉଥିବା ବେଳେ ନିକଟ ଅତୀତରେ ତୈଳ ଦର ବୃଦ୍ଧି ମଧ୍ୟ ମୁଦ୍ରାସ୍ଫୀତି ହ୍ରାସ ନ ପାଇବାର କାରଣ ବୋଲି ଜଣାପଡ଼ିଛି।

# ଜଳ ଜୀବନ ମିସନର ୬୦% ସଫଳତା ହାସଲ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ୬୦% ଗ୍ରାମାଞ୍ଚଳ ପରିବାର ଟ୍ୟାପ୍ ଯୋଗେ ନିଜ ଘରେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ସୁବିଧା ପାଉଛନ୍ତି। ଦେଶର ମୋଟ ଗ୍ରାମର ୨୫% ଅର୍ଥାତ୍ ୧.୫୫ ଲକ୍ଷରୁ ଅଧିକ ଗାଁକୁ 'ହର୍ ଘର୍ ଜଲ୍' ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ସବୁ ପରିବାରକୁ ଟ୍ୟାପ୍ ଜଳ ଯୋଗାଣ ସୁବିଧା ପ୍ରଦାନ କରାଯାଇଛି। ଚଳିତବର୍ଷ ଜାନୁଆରିରୁ ମାର୍ଚ୍ଚ ମଧ୍ୟରେ ଜଳ ଜୀବନ ମିସନରେ ପ୍ରତି ସେକେଣ୍ଡରେ ଗୋଟିଏ ପାଣି ଟ୍ୟାପ୍ ଲୋକଙ୍କ ଘରକୁ ଯୋଗାଇ ଦିଆଯାଉଛି। ଏହା ଏକ ବିରଳ ସଫଳତା। ୨୦୨୩ର ପ୍ରଥମ ତିନିମାସ ମଧ୍ୟରେ ପ୍ରତ୍ୟେକ ଦିନ ହାରାହାରି ୮୬,୮୯୪ ନୂଆ ପାଣି ଟ୍ୟାପ୍ ସଂଯୋଗ ଦେବାରେ ସରକାର ସଫଳ ହୋଇଛନ୍ତି। ଜଳ ଜୀବନ ମିସନ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ୨୦୧୯ ଅଗଷ୍ଟ ୧୫ରେ ଘୋଷଣା କରାଯାଇଥିଲା। ଏହି ଯୋଜନାର ଲକ୍ଷ୍ୟ ହେଲା ଦେଶର ଗ୍ରାମାଞ୍ଚଳରେ ସବୁ ପରିବାରକୁ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଆବଶ୍ୟକ ପରିମାଣରେ ଟ୍ୟାପ୍ ଯୋଗେ ଯୋଗାଇ ଦେବା। ଏହି ଯୋଜନାରେ ଜଣେ ଲୋକଙ୍କୁ ଦୈନିକ ମୁଣ୍ଡ ପିଛା ୫୫ଲିଟର ସ୍ୱଚ୍ଛ ପାନୀୟ ଜଳ ଟ୍ୟାପ୍ ଯୋଗେ ମିଳୁଛି। ଜଳ ଜୀବନ ମିସନରେ ମୋଟ ୩,୬୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଏହା ପୃଥିବୀର ସର୍ବବୃହତ୍ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ। ଏହି ଅଭିଯାନ ୨୦୧୯ରେ ଆରମ୍ଭ ହେବା ସମୟରେ ଦେଶର ମୋଟ ୧୯.୪୩ କୋଟି ଗ୍ରାମାଞ୍ଚଳ ପରିବାର ମଧ୍ୟରୁ ମାତ୍ର ୩.୨୩ କୋଟି ବା ୧୬.୬୫ ପ୍ରତିଶତଙ୍କ ଘରେ ଟ୍ୟାପ୍ ଜଳ ସୁବିଧା ଥିଲା। ୨୦୨୩ ଏପ୍ରିଲ ୪ତାରିଖରେ ଭାରତ ହର୍ ଘର୍ ଜଲ୍ ଅଭିଯାନରେ ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛି। ଏହି ପ୍ରକ୍ରିୟାରେ ୧୧.୬୬ କୋଟି ଗ୍ରାମୀଣ ପରିବାର (୬୦%)କୁ ସେମାନଙ୍କ ଘରେ ଟ୍ୟାପ୍ ଜଳ ସଂଯୋଗ ଯୋଗାଇ ଦିଆଯାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ପାଞ୍ଚଟି ରାଜ୍ୟ- ଗୁଜରାଟ, ତେଲେଙ୍ଗାନା, ଗୋଆ, ହରିୟାଣା ଓ ପଞ୍ଜାବ ଏବଂ ତିନିଟି କେନ୍ଦ୍ରଶାସିତ ଅଞ୍ଚଳ- ଆଣ୍ଡାମାନ ନିକୋବର, ଦାଦ୍ରା ଓ ନଗର ହାବେଳି ଏବଂ ପୁଡୁଚେରିରେ ଏହି ଟ୍ୟାପ୍ ସଂଯୋଗ ଶତ ପ୍ରତିଶତ ହୋଇଛି। ଅବଶିଷ୍ଟ ଗ୍ରାମାଞ୍ଚଳ ପରିବାରକୁ ଯଥାଶୀଘ୍ର ଟ୍ୟାପ୍ ଯୋଗେ ପାନୀୟଜଳ ଯୋଗାଇ ଦେବାକୁ ଉଦ୍ୟମ ଅବ୍ୟାହତ ରହିଛି।

### ବିଦେଶୀ ଜେଲ୍‌ରେ ରହିଛନ୍ତି ୮୪୩୭ ଭାରତୀୟ ବନ୍ଦୀ

# ୟୁଏଇରେ ସର୍ବାଧିକ ୧୯୬୬ କଏଦୀ



**ନୂଆଦିଲ୍ଲୀ :** ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଦେଶର ଜେଲରେ ମୋଟ ୮ ହଜାର ୪୩୭ ଜଣ ଭାରତୀୟ ବନ୍ଦୀ ରହିଛନ୍ତି। ତେବେ ମିଳିତ ଆରବ ଏମିରାତ୍ରେ ସର୍ବାଧିକ ୧୯୬୬ ଜଣ ବନ୍ଦୀ ରହିଥିଲା ବେଳେ ଏହାପଚକୁ ୧୩୬୨ ଜଣ ସାଉଦି ଆରବ ଏବଂ ନେପାଳରେ ୧୨୨୨ ଜଣ ଭାରତୀୟ ବନ୍ଦୀ ରହିଛନ୍ତି ବୋଲି ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି ମୂରଲିଧରନ ଗୁରୁବାର ରାଜ୍ୟସଭାରେ ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ବିଦେଶରେ ବିଚାରାଧୀନ କଏଦୀ ଏବଂ ଦୋଷୀ ସାବ୍ୟସ୍ତ ହୋଇଥିବା ଭାରତୀୟ କଏଦୀଙ୍କ ସଂଖ୍ୟା ୮୪୩୭ ରହିଛି। ତେବେ ଅଧିକାଂଶ ଦେଶରେ ରହିଥିବା ଭିନ୍ନ ଏବଂ ଶକ୍ତ ଆଇନ ବ୍ୟବସ୍ଥାକୁ ନେଇ ସେଠାକାର ସ୍ଥାନୀୟ ପ୍ରଶାସନ ପକ୍ଷରୁ କଏଦୀଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରିବା ମଧ୍ୟ ସମ୍ଭବ ହେଉ ନାହିଁ। ଏପରିକି କେତେକ ରାଷ୍ଟ୍ର ମଧ୍ୟ ବିଦେଶୀ କଏଦୀଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦେଉ ନାହାନ୍ତି। ତେବେ ଭାରତ ମୋଟ ୩୧ ରାଷ୍ଟ୍ରଙ୍କ ସହିତ କଏଦୀ ପ୍ରତ୍ୟାର୍ପଣ ପାଇଁ ଚୁକ୍ତି ସ୍ୱାକ୍ଷର କରିଛି। ସେଗୁଡିକ ମଧ୍ୟରେ ଅଷ୍ଟ୍ରେଲିଆ, ବାହାରେନ, ବାଂଲାଦେଶ, ବୋସନିଆ, ବ୍ରାଜିଲ, ବୁଲଗେରିଆ, କାମ୍ବୋଡିଆ, ମାଲଦ୍ୱୀପ, ଫ୍ରାନ୍ସ, ହଂକଂ, ମଙ୍ଗୋଲିଆ, କାତାର, ରୁଷିଆ, ସାଉଦି ଆରବ, ସ୍ପେନ, ଶ୍ରୀଲଙ୍କା, ମରିସସ୍, ଥାଇଲାଣ୍ଡ, ତୁର୍କୀ, ୟୁଏଇ, ଭିଏତନାମ ଏବଂ ଯୁକ୍ତରାଜ୍ୟ ଆଦି ରହିଥିବା ସେ କହିଛନ୍ତି।

### ୨୦୨୩ ଫୋର୍ବସ୍ ତାଲିକା

# ବିଶ୍ୱର ୧୦ ବିତ୍ତଶାଳୀଙ୍କ ମଧ୍ୟରେ ମୁକେଶ ଅମ୍ବାନୀ



**ନୂଆଦିଲ୍ଲୀ :** ଭାରତର ପ୍ରତିଷ୍ଠିତ ଶିଳ୍ପଦ୍ୟୋଗୀ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ବିଶ୍ୱର ୧୦ ପ୍ରମୁଖ ବିତ୍ତଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ବିଶ୍ୱର ପ୍ରମୁଖ ଅରବପତିଙ୍କୁ ନେଇ ୨୦୨୩ ଫୋର୍ବସ ତାଲିକା ପ୍ରକାଶ କରାଯାଇଥିଲା ବେଳେ ଏଥିରେ ପ୍ରଥମ ୧୦ ବିତ୍ତଶାଳୀଙ୍କ ମଧ୍ୟରେ ମୁକେଶ ନବମ ସ୍ଥାନରେ ରହିଛନ୍ତି। ତାଙ୍କର ମୋଟ ସମ୍ପତ୍ତି ପରିମାଣ ୮୩.୪ ବିଲିୟନ ଡଲାର ରହିଛି। ଏହି ତାଲିକାରେ ପ୍ରଥମ ସ୍ଥାନରେ ରହିଛନ୍ତି ବର୍ନାଡ ଆରନଲ୍ଟ ଆଣ୍ଡ ଫ୍ୟାମିଲି। ଏଲଭିଏମଏଚ୍ ବ୍ୟାବସାୟିକ ଗୋଷ୍ଠୀର ପରିଚାଳକ ଭାବେ ଏହି ଗୋଷ୍ଠୀର ମୋଟ ସମ୍ପତ୍ତି ପରିମାଣ ସବୁଠୁ ଅଧିକ ଭାବେ ୨୧୧ ବିଲିୟନ ଡଲାର ରହିଛି। ଏହାପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଏଲନ ମସ୍କ। ତାଙ୍କ ସମ୍ପତ୍ତିରେ ପୂର୍ବ ତୁଳନାରେ କିଛିଟା ହ୍ରାସ ଘଟି ଏହା ଏବେ ୧୮୦ ବିଲିୟନ ଡଲାର ରହିଛି। ସେହିପରି ତୃତୀୟ ସ୍ଥାନରେ ରହିଛନ୍ତି ଆମାଜନ ମୁଖ୍ୟ ଜେଫ୍ ବେଜୋସ୍। ତାଙ୍କ ମୋଟ ସମ୍ପତ୍ତି ପରିମାଣ ୧୧୪ ବିଲିୟନ ଡଲାର ରହିଛି। ଚତୁର୍ଥ ସ୍ଥାନରେ ଲ୍ୟାରୀ ଏଲିସନ(୧୦୭ ବିଲିୟନ ଡଲାର),ପଞ୍ଚମରେ ୱାରେନ୍ ବଫେଟ୍(୧୦୬ ବିଲିୟନ ଡଲାର),ଷଷ୍ଠରେ ବିଲ ଗେଟ୍ସ(୧୦୪ ବିଲିୟନ ଡଲାର), ସପ୍ତମରେ ମାଇକେଲ ବ୍ଲୁମବର୍ଗ(୯୪.୫ ବିଲିୟନ ଡଲାର), ଅଷ୍ଟମରେ କାର୍ଲୋସ ସ୍ଲିମ୍ ହେଲୁ(୯୩ ବିଲିୟନ ଡଲାର) ଏବଂ ନବମରେ ମୁକେଶ ଅମ୍ବାନୀ(୮୩.୪ ବିଲିୟନ ଡଲାର) ଏବଂ ଦଶମରେ ଷ୍ଟିଭ୍ ବାଲମର(୮୦.୭ ବିଲିୟନ ଡଲାର) ରହିଛନ୍ତି। ମୁକେଶ ବିଶ୍ୱର ନବମ ଧନୀ ବ୍ୟକ୍ତି ବ୍ୟତୀତ ଏସିଆ ଏବଂ ଭାରତର ସବୁଠୁ ବିତ୍ତଶାଳୀ ଭାବେ ଏହି ତାଲିକରେ ସ୍ଥାନିତ ହୋଇଛନ୍ତି। ମୁକେଶଙ୍କ ବ୍ୟତୀତ ଫୋର୍ବସ ତାଲିକାରେ ଆଉ ୧୬୮ ଜଣ ଅରବପତି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଗୌତମ ଆଦାନୀ(୪୭.୨ ବିଲିୟନ ଡଲାର), ଶିବ ନାଦର(୨୫.୬ ବିଲିୟନ ଡଲାର), ସାଇରସ ପୁନାୱାଲା(୨୨.୬ ବିଲିୟନ ଡଲାର), ଲକ୍ଷ୍ମୀ ମିତ୍ତଲ(୧୭.୭ ବିଲିୟନ ଡଲାର) ଏବଂ ସାବିତ୍ରୀ ଜିନ୍ଦଲ (୧୭.୫ ବିଲିୟନ ଡଲାର) ରହିଛନ୍ତି।

### ଗଡ଼ିଚାଲିଛି ସମୟ, ବାହାରୁନି ନିଷ୍କର୍ଷ

# ୩ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଆନ୍ଧ୍ର ସହ ଜୁଝୁଛି ଓଡ଼ିଶା



**ନୂଆଦିଲ୍ଲୀ:** କୋଟିଆ ସୀମା ବିବାଦ, ପୋଲାଭରମ ଓ ବଂଶଧାରା ଜଳବିବାଦକୁ ନେଇ ସୁପ୍ରିମ୍‌କୋର୍ଟରେ ଆନ୍ଧ୍ର ସହ ଓଡ଼ିଶାର ଚାଲିଛି ଆଇନଗତ ଲଢ଼େଇ। ସୁପ୍ରିମ୍‌କୋର୍ଟରେ ଦୀର୍ଘ ବର୍ଷ ହେଲା ଏହି ସବୁ ପ୍ରସଙ୍ଗକୁ ନେଇ ମାମଲା ଚାଲିଛି। ସମୟ ଗଡ଼ିଚାଲିଛି, ନିଷ୍କର୍ଷ ବାହାରୁନି କି ଓଡ଼ିଶାର ଉଦ୍ଦେଶ୍ୟ ସାଧନ ହେଉନାହିଁ। ରେକର୍ଡ ମୁତାବକ, ଓଡ଼ିଶା ପୋଲାଭରମ ପ୍ରକଳ୍ପକୁ ବିରୋଧ କରି ୨୦୦୭ ଅକ୍ଟୋବରରେ ମୂଳ ମାମଲା ଦାଖଲ କରିଥିଲା। ମୂଳ ମାମଲା ସହ ପରବର୍ତ୍ତୀ ସମୟରେ ଏକାଧିକ ମଧ୍ୟବର୍ତ୍ତୀକାଳୀନ ଆବେଦନ ଓଡ଼ିଶା ଦ୍ୱାରା ଦାଖଲ କରାଯାଇଥିଲା। କିନ୍ତୁ ଏହିସବୁ ଆବେଦନର ଫଇସଲା ଏ ପର୍ଯ୍ୟନ୍ତ ହୋଇନାହିଁ। ୨୦୦୮ରୁ ୨୦୨୩ ମଧ୍ୟରେ ସର୍ବୋଚ୍ଚ ଅଦାଲତରେ ପୋଲାଭରମ ମାମଲାର ୫୫ ଥର ଶୁଣାଣି ହେଲାଣି। ମୂଳ ମାମଲାର ଶୁଣାଣି ପାଇଁ ୨୦୧୮ ଅଗଷ୍ଟ ୨ରେ ସୁପ୍ରିମ୍‌କୋର୍ଟ ୧୪ଟି ପ୍ରସଙ୍ଗ ନିର୍ଦ୍ଧାରଣ କରିଥିଲେ। ଗତ ବର୍ଷ ସେପ୍ଟେମ୍ବରରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରାଳୟ ଏହି ମାମଲାର ସମାଧାନ ପାଇଁ ନିଜକୁ ସାମିଲ କରିଛି। ତେବେ ମନ୍ତ୍ରାଳୟ ଏବେବି ପୋଲଭରମ ପ୍ରସଙ୍ଗରେ ପକ୍ଷଭୁକ୍ତ ଚାରି ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ କରାଇବାରେ ସଫଳ ହୋଇପାରିନାହିଁ। ଅନ୍ୟ ପକ୍ଷରେ ଦୁଇ ଥର ମାମଲାକୁ ସ୍ଥଗିତ କରିବା ପାଇଁ ସୁପ୍ରିମ୍‌କୋର୍ଟଙ୍କୁ ଅନୁରୋଧ କରିଛି। ଇତିମଧ୍ୟରେ ପୋଲାଭରମ ପ୍ରକଳ୍ପ କାର୍ଯ୍ୟକୁ ଶେଷ କରିବା ପାଇଁ ଆନ୍ଧ୍ର ପ୍ରଦେଶ ବିଶେଷ ତତ୍ପରତା ପ୍ରକାଶ କରିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରକଳ୍ପର କାର୍ଯ୍ୟ ଶେଷ କରିବା ପାଇଁ ଆନ୍ଧ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରି କାମ କରୁଛି ଓ କେନ୍ଦ୍ର ସରକାରଙ୍କୁ ଅର୍ଥ ପ୍ରଦାନ ପାଇଁ ଚାପ ସୃଷ୍ଟି କରୁଛି। ଏହି ସ୍ଥିତିରେ ଓଡ଼ିଶାକୁ ତ୍ୱରିତ ନ୍ୟାୟ ମିଳିବା ନେଇ ଆଶଙ୍କା ସୃଷ୍ଟିହୋଇଛି। ପ୍ରକଳ୍ପ ହେଲେ ମାଲକାନଗିରି ଜିଲ୍ଲାର ଅନେକ ଗାଁ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଯାହା ଅନୁମାନ କରାଯାଉଛି, ପ୍ରକଳ୍ପ ସରିଯିବ କିନ୍ତୁ ନ୍ୟାୟିକ ଲଢ଼େଇର ପରିସମାପ୍ତି ହେବନାହିଁ। ସେହିଭଳି ବଂଶଧାର ଜଳବିବାଦ ମାମଲାରେ ଓଡ଼ିଶା ସପକ୍ଷରେ ରାୟ ନଆସିବାରୁ ଟ୍ରିବ୍ୟୁନାଲଙ୍କ ରାୟକୁ ବିରୋଧ କରି ତିନିଟି ଏସ୍‌ଏଲ୍‌ପି ସୁପ୍ରିମ୍‌କୋର୍ଟରେ ଦାଖଲ ହୋଇଛି। ଏବେ ଏହା ବିଚାରାଧୀନ ରହିଛି। ବଂଶଧାର ଜଳ ବିବାଦ ଟ୍ରିବ୍ୟୁନାଲ ରାୟ ଶୁଣାଇବା ପରେ କେନ୍ଦ୍ର ସରକାର ଏହାକୁ ଗତ ବର୍ଷ ମାର୍ଚ୍ଚରେ ଭଙ୍ଗ କରିଥିଲେ। ଟ୍ରିବ୍ୟୁନାଲ ରାୟ ପ୍ରକାଶ କରିସାରିଥିବାରୁ ଆନ୍ଧ୍ରପ୍ରଦେଶ ଗେଜେଟ ବିଜ୍ଞପ୍ତି ପାଇଁ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କୁ ପତ୍ର ଲେଖିଥିଲା। ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ଥିବାରୁ ଓ ଚୂଡ଼ାନ୍ତ ରିପୋର୍ଟ ନଆସିବା ପର୍ଯ୍ୟନ୍ତ ଓଡ଼ିଶା ସରକାର ସହମତି ପ୍ରଦାନ କରିବେ ନାହିଁ ବୋଲି ରୋକଟୋକ୍ ମନାକରିଦେଇଛନ୍ତି। ବଂଶଧାରା ଟ୍ରିବ୍ୟୁନାଲଙ୍କ ରାୟ କାର୍ଯ୍ୟକ୍ଷମ ହେବାରେ ଆନ୍ଧ୍ର ପାଇଁ ଆଇନଗତ ସମସ୍ୟା ସୃଷ୍ଟି କରୁଥିବାରୁ ମାମଲାର ତ୍ୱରିତ ଶୁଣାଣି ପାଇଁ ଆନ୍ଧ୍ର ସରକାର ସୁପ୍ରିମ୍‌କୋର୍ଟରେ ଆବେଦନ କରିବ ବୋଲି ବିଶ୍ୱସ୍ତ ସୁତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ମାମଲାରେ ନିଜ ପକ୍ଷକୁ ଦୃଢ଼ଭାବେ ଉପସ୍ଥାପନ କରିବା ପାଇଁ ଓଡ଼ିଶା ସରକାର ବରିଷ୍ଠ ଆଇନଜୀବୀ ଗୋପାଳ ସୁବ୍ରମଣ୍ୟମଙ୍କୁ ନିଯୋଜିତ କରିଛନ୍ତି। ସେହିପରି କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ବିବାଦ ଦିନକୁ ଦିନ ଘନାଉଛି। କୋଟିଆକୁ ନିଜ କବ୍‌ଜାକୁ ନେବା ପାଇଁ ଆନ୍ଧ୍ର ସବୁ ପ୍ରକାର ଉଦ୍ୟମ ଜାରିରଖିଛି। ଏହି ମାମଲା ଏବେ ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ଥିବା ବେଳେ ଏହାର ନିଷ୍କର୍ଷ କେବେ ବାହାରିବ, ତାକୁ ଏବେ ଠାରୁ କହିବା ସମ୍ଭବ ନୁହେଁ।




## ହାତୀପଲ କ୍ଷତିଗ୍ରସ୍ତ ଅଞ୍ଚଳରେ ସୌରଶକ୍ତି ତାରବାଡ଼ ବ୍ୟବସ୍ଥା ପ୍ରକଳ୍ପକୁ ସବୁଜ ସଙ୍କେତ

# ରାଜ୍ୟସରକାର ବହନ କରିବେ ୯୦%

**ବାରିପଦା :** କ୍ରମାଗତ ଦୀର୍ଘବର୍ଷ ଧରି ହାତୀପଲ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଅଞ୍ଚଳରେ ସୌରଶକ୍ତି ତାରବାଡ଼ (ସୋଲାର ଫେନସି) ବ୍ୟବସ୍ଥାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ବାରିପଦା ବନଖଣ୍ଡ ପକ୍ଷରୁ ପ୍ରସ୍ତାବିତ ଏହି ପ୍ରକଳ୍ପ ଅନୁମୋଦନ ଲାଭ ପରେ ପ୍ରତିବର୍ଷ କ୍ଷତି ସହୁଥିବା ବୃହତ୍ତ ଚାଷୀ ଉପକୃତ ହେବେ। ବାରିପଦ ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସନ୍ତୋଷ କୁମାର ଯୋଶୀଙ୍କ କହିବା ଅନୁଯାୟୀ ଯୋଗ୍ୟ ବିବେଚିତ ଚାଷୀଙ୍କ ଫସଲକୁ ସୁରକ୍ଷା ଦେବା ପାଇଁ ବନବିଭାଗ ପକ୍ଷରୁ ଉପରୋକ୍ତ ପ୍ରସ୍ତାବ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ଯାହା ମଞ୍ଜୁର ହୋଇଛି। ଝାଡ଼ଖଣ୍ଡରୁ ନୀଳଗିରି କୁଲଡ଼ିହା ଜଙ୍ଗଲ ଅଭିମୁଖେ ପ୍ରତିବର୍ଷ ଯିବାଆସିବା କରୁଥିବା ହାତୀପଲଙ୍କ ପାଇଁ ବାରିପଦା ବନଖଣ୍ଡ ଅଧୀନ ବେତନଟୀ ଓ ରାସଗୋବିନ୍ଦପୁର ରେଞ୍ଜ ଇଲାକାରେ ଏକହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କ ଫସଲ ନଷ୍ଟ ହୋଇଥାଏ। ବନିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ପରବର୍ତ୍ତୀ ସମୟରେ କ୍ଷତିପୂରଣ ମଧ୍ୟ ଦିଆଯାଇଥାଏ। ତେବେ ବାରମ୍ବାର ଫସଲ କ୍ଷତିଗ୍ରସ୍ତ ପାଇଁ ଚାଷୀକୂଳ ହତାଶ ହୋଇପଡ଼ିଥିଲେ। ବେତନଟୀ ବ୍ଲକର ଅଗ୍ରଣୀ ଚାଷୀ ପୁରଷୋତ୍ତମ ପଣ୍ଡା ତାଙ୍କର ସନ୍ତରାସ୍ଥିତ କୃଷି ଫାର୍ମ(ରାଫା ଇକୋ ଟୁରିଜିମ)ରେ ୪ବର୍ଷ ତଳେ ଉପରୋକ୍ତ ସୌର ତାରବାଡ଼ ବ୍ୟବସ୍ଥା ନିଜସ୍ୱ ଉଦ୍ୟମରେ କରି ସଫଳତା ପାଇଛନ୍ତି। ପ୍ରତିବର୍ଷ ହାତୀପଲ ତାଙ୍କ ଫାର୍ମରେ କ୍ଷତି ପହଞ୍ଚାଇବା ପରେ ସେ ୨୫ଏକର ଜମିର ଚତୁଃପାର୍ଶରେ ସୌର ତାରବାଡ଼ କରିଛନ୍ତି। ହାତୀପଲ ଭିତରକୁ ପ୍ରବେଶ ପାଇଁ ଉଦ୍ୟମ କରି ସୌରବିଦ୍ୟୁତ ଝଟକାରେ ପଛକୁ ଫେରିବା ଜଣାପଡ଼ିଥିଲା। ବନବିଭାଗ ଶ୍ରୀ ପଣ୍ଡାଙ୍କ କୌଶଳ ଆପଣାଇ ସରକାରଙ୍କୁ ପ୍ରସ୍ତାବ ଦେଇଥିଲା ଯାହା ମଞ୍ଜୁର ହୋଇଛି।

## କପା ଚାଷୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ

# କଞ୍ଚାମାଲ ନେଇ ପ୍ରୋସେସିଂ କରିବେ ସରକାର

**ଭୁବନେଶ୍ୱର :** ଓଡ଼ିଶାରେ ଉତ୍ପାଦନ ହେଉଥିବା କପା ଉନ୍ନତମାନର। ଏଣୁ ଚଳିତ ଆର୍ଥିକ ବର୍ଷରୁ କପା ଉତ୍ପାଦନକୁ ପ୍ରୋତ୍ସାହିତ କରାଯିବା ସହ ରାଜ୍ୟ ୧୧ଟି ଜିଲ୍ଲାର କପା ଚାଷୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଣୁ ବ୍ୟବସ୍ଥିତ ଢଙ୍ଗରେ କପା ଉତ୍ପାଦନ କରିବାକୁ କୃଷି ଓ କୃଷକ ସଶକ୍ତିକରଣ ଓ ସମବାୟ ବିଭାଗ ହାତ ମିଳାଇଛନ୍ତି। କପା ଉତ୍ପାଦନ ହେଉଥିବା ଓଡ଼ିଶାର ୧୧ଟି ଜିଲ୍ଲା ପାଇଁ ସମବାୟ ବିଭାଗ ପକ୍ଷରୁ ନୋଡାଲ୍ ଅଫିସର ନିଯୁକ୍ତ ହୋଇ ସାରିଛନ୍ତି। କପା ଚାଷୀମାନଙ୍କୁ ନେଇ ୧୦୯ଟି କୃଷକ ଉତ୍ପାଦକ ସଂଗଠନ ଗଠନ ନେଇ ନିଷ୍ପତ୍ତି ହୋଇଥିବା ବେଳେ ସମ୍ପ୍ରତି ୬୧ଟି କୃଷକ ଉତ୍ପାଦକ ସଂଗଠନ ଗଠନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସମସ୍ତ ସଙ୍ଗଠନଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ସମବାୟ ନିବନ୍ଧକମାନଙ୍କୁ ନିର୍ଦ୍ଦେଶ ମିଳିଛି। କୃଷି ଓ ସମବାୟ ବିଭାଗର ମିଳିତ ଉଦ୍ୟମରେ କପା



ଉତ୍ପାଦନ ହେଉଥିବା ବରଗଡ଼, ବଲାଙ୍ଗିର, ବୌଦ୍ଧ, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନୂଆପଡ଼ା, ରାୟଗଡ଼ା ଓ ସୁବର୍ଣ୍ଣପୁର ଜିଲ୍ଲାର ଚାଷୀଙ୍କ ସହ ଯୋଗସୂତ୍ର ସ୍ଥାପନ କରିବା ପାଇଁ ସ୍ୱତନ୍ତ୍ର ମୋବାଇଲ ଆପ୍ ଓ ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ ହୋଇଛି। ସେହିଭଳି କପା ଉତ୍ପାଦନକାରୀ ସମବାୟ ସମିତି ଗଠନ ଉପରେ ଜୋର୍ ଦିଆଯାଉଛି। କପା ଉତ୍ପାଦନ ପରେ ସମ୍ପୃକ୍ତ ଜିଲ୍ଲାଗୁଡ଼ିକରେ ପ୍ରୋସେସିଂ ୟୁନିଟ୍ ସ୍ଥାପନ କରାଯିବ। ଅର୍ଥାତ୍ କଞ୍ଚାମାଲଗୁଡ଼ିକର ଗିନିଂ, ପ୍ରେସିଂ ଓ ବଏଲିଂ ୟୁନିଟ୍ ପ୍ରସ୍ତୁତ କରାଯିବ। ଏନେଇ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ୧୧ ଜିଲ୍ଲାରୁ ଉତ୍ପାଦିତ ସମସ୍ତ କପାକୁ ସରକାର ସମବାୟ ସମିତି ମାଧ୍ୟମରେ ସଂଗ୍ରହ କରିବେ ବୋଲି ବିଭାଗ ଚାଷୀମାନଙ୍କୁ ଆଶ୍ୱାସନା ଦେଇଛି। ଅନ୍ୟପକ୍ଷରେ ସର୍ବଭାରତୀୟ ନିଲାମୀ ପୋର୍ଟାଲ ଇ-ଏନ୍ଏମ୍ ଜରିଆରେ ଉତ୍ପାଦିତ କପାକୁ ବିକ୍ରି କରିବାକୁ ଚେଷ୍ଟା କରାଯିବ। ଜିଲ୍ଲାସ୍ତରରେ କାର୍ଯ୍ୟକ୍ଷମ ଥିବା କେନ୍ଦ୍ରୀୟ ସମବାୟ ବ୍ୟାଙ୍କଗୁଡ଼ିକ କପା ଉତ୍ପାଦନକାରୀଙ୍କୁ ଋଣ ପ୍ରଦାନ କରିବେ। ରାଜ୍ୟରେ ୫ ହଜାର କୋଟି ଟଙ୍କାର କପା ଉତ୍ପାଦନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସମବାୟ ବିଭାଗର ଜନୈକ ଅଧିକାରୀଙ୍କ କହିବା କଥା ଯେ, ମୁଖ୍ୟତଃ ବଜାର ଅଭାବରୁ କପା ଉତ୍ପାଦନ ପ୍ରୋତ୍ସାହିତ ହୋଇପାରୁ ନ ଥିଲା। ମାତ୍ର ସମ୍ପ୍ରତି ସରକାର ଏହାର ସମାଧାନ ଖୋଜି ସାରିଛନ୍ତି। କପା କଞ୍ଚାମାଲ ଚାଷୀଙ୍କଠାରୁ ସଂଗ୍ରହ କରି ତାହାକୁ ପ୍ରୋସେସିଂ କରାଯିବ। ସରକାର ପ୍ରୋସେସିଂ ୟୁନିଟ ବସାଇ ପ୍ରୋସେସିଂ କପା ପ୍ରସ୍ତୁତ କରି ବିକ୍ରି କରିବେ।

# ‘ଶିକ୍ଷକ ନିଯୁକ୍ତି ପାଇପାରିବେ ବାଣିଜ୍ୟ ଓ ଜୀବବିଜ୍ଞାନ ସ୍ନାତକ’

**କଟକ :** ତାଲିମପ୍ରାପ୍ତ ବାଣିଜ୍ୟ ଓ ଜୀବବିଜ୍ଞାନରେ ସ୍ନାତକ ଡିଗ୍ରୀଧାରୀମାନେ ସରକାରୀ ହାଇସ୍କୁଲରେ ଶିକ୍ଷକ ଭାବେ ନିଯୁକ୍ତି ପାଇପାରିବେ। ଏ ସମ୍ପର୍କରେ ଆଗତ ଏକ ମାମଲାର ବିଚାର କରି ପୂର୍ବରୁ ହାଇକୋର୍ଟଙ୍କ ଜଣକିଆ ପୀଠ ଦେଇଥିବା ରାୟକୁ ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍. ମୁରଲୀଧର ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ କାଏମ୍ ରଖିଛନ୍ତି। ଅନ୍ୟପକ୍ଷରେ ଜଣକିଆ ପୀଠଙ୍କ ରାୟକୁ ଚ୍ୟାଲେଞ୍ଜ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦାୟର ରିଟ୍ ଆବେଦନକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ପ୍ରକାଶ ଯେ, ଚୁକ୍ତିଭିତ୍ତିକ ଟିଜିଟି(ଟ୍ରେନ୍ଡ ଗ୍ରାଜୁଏଟ୍ ଟିଚର) ପଦ ପୂରଣ ପାଇଁ ୨୦୨୧ ଅଗଷ୍ଟ ୨୮ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କଳା/ବାଣିଜ୍ୟ ବା ଶାସ୍ତ୍ରୀ ଡିଗ୍ରୀ ସହିତ ବିଏଡ୍ ପାସ୍ କରିଥିବା ପ୍ରାର୍ଥୀ ଏହି ପଦ ପାଇଁ ଆବେଦନ କରିପାରିବେ ବୋଲି ଉଲ୍ଲେଖ ଥିଲା। ପ୍ରାର୍ଥୀ ସ୍ନାତକରେ ଦୁଇଟି ସ୍କୁଲ ବିଷୟ ଯଥା- ଇଂଲିଶ, ଓଡ଼ିଆ, ସଂସ୍କୃତ, ଇତିହାସ, ଭୂଗୋଳ, ଅର୍ଥନୀତି, ରାଜନୀତି ବିଜ୍ଞାନ ଓ ଅନ୍ୟ ଚାରିଟି ବିଷୟ ରଖି ପାସ୍ କରିଥିବେ ବୋଲି ସର୍ତ୍ତ ରଖାଯାଇଥିଲା। ବାଣିଜ୍ୟ ଓ ଲାଇଫ୍ସାଇନ୍ସରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଆବେଦନକାରୀଙ୍କ ଆବେଦନକୁ ଗ୍ରହଣ କରାଯାଇଥିଲା। ମାତ୍ର ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି କମ୍ପ୍ୟୁଟର ବେସ୍ଡ ଟେଷ୍ଟ (ସିବିଟି) ଦେଇଥିବା ଆବେଦନକାରୀଙ୍କ ପ୍ରାର୍ଥିତ୍ୱ ପରବର୍ତ୍ତୀ ସମୟରେ ଖାରଜ କରାଯାଇଥିଲା। ନିଯୁକ୍ତିରୁ ବଞ୍ଚିତ ପ୍ରାର୍ଥୀଙ୍କ ଆବେଦନକୁ ବିଚାର କରି ୨୦୨୨ ମେ’ ୬ରେ ହାଇକୋର୍ଟର ଜଣିକିଆ ପୀଠ ସ୍ନାତକ ଓ ଲାଇଫ୍ସାଇନ୍ସ (ଜୀବ ବିଜ୍ଞାନ) ଡିଗ୍ରୀଧାରୀଙ୍କ ସପକ୍ଷରେ ରାୟ ଦେବା ସହ ଉକ୍ତ ଆବେଦନକାରୀଙ୍କ ପ୍ରାର୍ଥିତ୍ୱକୁ ବିଚାରକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଚାରପତି ତାଙ୍କ ରାୟରେ ଦର୍ଶାଇଥିଲେ ଯେ କମ୍ୟୁନିକେଟିଭ୍ ଇଂଲିଶ ଓ ଇଂଲିଶ ଉଭୟ ସମାନ ବିଷୟ। ସେହିଭଳି ଭାବେ ଇକୋନୋମିକ୍ସ ଓ ବିଜିନେସ୍ ଇକୋନୋମିକ୍ସ ମଧ୍ୟ ସମାନ। ଏଭଳି ସ୍ଥିତିରେ ଆବେଦନକାରୀଙ୍କୁ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ଦିଆଯିବା ତ୍ରୁଟିପୂର୍ଣ୍ଣ ବୋଲି ହାଇକୋର୍ଟ କହିଥିଲେ। ସେହିପରି ଲାଇଫ୍ସାଇନ୍ସ ମଧ୍ୟ ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ସହ ସମାନ ସ୍ଥଳେ ଉକ୍ତ ଯୋଗ୍ୟତା ଥିବା ଆବେଦନକାରୀଙ୍କୁ ପ୍ରାର୍ଥିତ୍ୱରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ। ଜଣିକିଆ ପୀଠର ଏହି ରାୟକୁ ଚାଲେଞ୍ଜ କରି ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ତେବେ ହାଇକୋର୍ଟ ବିଭାଗର ଏହି ଆବେଦନକୁ ଖାରଜ କରିଛନ୍ତି। ପ୍ରତିପକ୍ଷ ଜ୍ୟୋତିରଞ୍ଜନ ଜେନାଙ୍କ ପକ୍ଷରୁ ଆଇନଜୀବୀ ସତ୍ୟବ୍ରତ ମହାନ୍ତି ମାମଲା ପରିଚାଳନା କରୁଥିଲେ।



# ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ଆସିବ ନୂଆ ମାର୍ଗଦର୍ଶିକା

**ଭୁବନେଶ୍ୱର :** ରାଜ୍ୟରେ ଶୀତଳଭଣ୍ଡାର ଅଭାବୀ ସ୍ଥିତି କୃଷି ଓ କୃଷକ ସଶକ୍ତିକରଣକୁ ବ୍ୟାପକ ଭାବେ ପ୍ରଭାବିତ କରୁଛି। ତେବେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଶୀତଳଭଣ୍ଡାର କ୍ଷେତ୍ରକୁ ବିଦ୍ୟୁତ୍ ଦର ୧ ଟଙ୍କା ୬୦ ପଇସା କମ୍ କରିବା ପରେ ରାଜ୍ୟରେ ଶୀତଳଭଣ୍ଡାରଗୁଡ଼ିକର ପୁନରୁଦ୍ଧାର ହେବା ନେଇ ସରକାର ମିଶନ ମୋଡ୍ରେ କାମ କରୁଛନ୍ତି। ଏହିକ୍ରମରେ ଶୀତଳଭଣ୍ଡାର ପ୍ରତିଷ୍ଠା ନେଇ ନୂଆ ମାର୍ଗଦର୍ଶିକା ଆସିବ ବୋଲି କୃଷି ଓ କୃଷକ ସଶକ୍ତିକରଣ ଓ ସମବାୟ ବିଭାଗ ପକ୍ଷରୁ କୁହାଯାଇଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ, ରାଜ୍ୟରେ ଶୀତଳଭଣ୍ଡାର ନିର୍ମାଣ ଓ ବ୍ୟବହାରରେ ଉତ୍କର୍ଷତା ଅଣାଯିବ। ଏନେଇ ବିସ୍ତୃତ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଛି। ରାଜ୍ୟ କୃଷି ଭବନରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ରାଜ୍ୟର ସମସ୍ତ ଶୀତଳଭଣ୍ଡାରଗୁଡ଼ିକର ସ୍ଥିତି ସମୀକ୍ଷା କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ, କୃଷି ଓ ଖାଦ୍ୟ ଉତ୍ପାଦନ, ସମବାୟ ଓ ଉଦ୍ୟାନ କୃଷିର ପ୍ରମୁଖ ଶାସନ ସଚିବ ଓ ନିର୍ଦ୍ଦେଶକମାନଙ୍କୁ ଏନେଇ ଏକ କମିଟି ଗଠନ ନେଇ ମନ୍ତ୍ରୀ ଶ୍ରୀସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କମିଟି ଗଠନ ହୋଇଛି। ଏହି କମିଟି ଶୀତଳଭଣ୍ଡାର ସମ୍ପର୍କିତ ତଥ୍ୟକୁ ତର୍ଜମା କରି ବିଭିନ୍ନ ଦିଗ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। କମିଟି ପ୍ରଥମେ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ସଂଗ୍ରହ କରିବ। ବିଭିନ୍ନ ଜିଲ୍ଲାର ଉତ୍ପାଦନ କ୍ଷମତାକୁ ଦୃଷ୍ଟିରେ ରଖି ଶୀତଳଭଣ୍ଡାର ନିର୍ମାଣ ନେଇ ପଦକ୍ଷେପ ଗ୍ରହଣ କରାଯିବ। ନୂଆ ମାର୍ଗଦର୍ଶିକାକୁ ସରଳ କରିବା ଦିଗରେ ସରକାର ପଦକ୍ଷେପ ନେବେ। ସେହିଭଳି ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ କ୍ଷେତ୍ର ପ୍ରଦର୍ଶନୀମାନ କରାଯିବ। ସେହିଭଳି କୋରାପୁଟ ଜିଲ୍ଲା ଆଳୁ ଚାଷକୁ ପ୍ରୋତ୍ସାହିତ କରାଯାଉଥିବା ହେତୁ ସେଠାରେ ଶୀତଳଭଣ୍ଡାର ପ୍ରତିଷ୍ଠା ଉପରେ ପ୍ରାଥମିକତା ଦିଆଯିବ। ସେହିଭଳି ସମନ୍ୱିତ ପାକ୍(ପ୍ରାଥମିକ କୃଷି ସମବାୟ ସମିତି) ହାଉସ୍ ଗଠନ କରାଯିବ। କୃଷକ ଉତ୍ପାଦକ ଗୋଷ୍ଠୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଏହାର ପରିଚାଳନା ଦାୟିତ୍ୱ ନିଆଯିବ। ସେହିଭଳି ଶୀତଳଭଣ୍ଡାର, ଶୀତଳ ଚ୍ୟାମ୍ବର ଓ ଇଣ୍ଟିଗ୍ରେଟେଡ୍ ପ୍ୟାକ୍ ହାଉସଗୁଡ଼ିକର ସମନ୍ୱିତ ପରିଚାଳନା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ଚଢ଼ା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ବିଭାର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଶୀତଳଭଣ୍ଡାର ପ୍ରତିଷ୍ଠା ଓ ପରିଚାଳନାର ବିଭିନ୍ନ ଦିଗ ଉପରେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ସମବାୟ ନିବନ୍ଧକ, ଓରେଡାର ମୁଖ୍ୟ ପରିଚାଳକ ଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସରମାନେ ଉପସ୍ଥିତ ଥିଲେ।



# ପରିମଳ ବ୍ୟବସ୍ଥାରେ ସୁଧାର ଓ ମଶାଙ୍କ ଉପଦ୍ରବକୁ ଦୃଷ୍ଟିରେ ରଖି ବିଏମସିର ନୂଆ ଯୋଜନା

**ଭୁବନେଶ୍ୱର :** ପରିମଳ ବ୍ୟବସ୍ଥାରେ ସୁଧାର ଓ ମଶାଙ୍କ ଉପଦ୍ରବକୁ ଦୃଷ୍ଟିରେ ରଖି ବିଏମସି ନୂଆ ଯୋଜନା କରିଛି। ଘର ସମ୍ମୁଖ ଅଞ୍ଚଳ ପରେ ଏବେ ଘର ଓ ସାହି ପଛପାଖ ଉପରେ ବିଏମସିର ନଜର ରହିବ। ପ୍ରଥମ ପର୍ଯ୍ୟାୟରେ ୟୁନିଟ-୩, ୟୁନିଟ- ୪ ଓ ୟୁନିଟ- ୮ଏରିଆ ଉପରେ ଫୋକସ କରାଯାଇଛି। ଏ ନେଇ ୭୫ କିଲୋମିଟର ରାସ୍ତା ଚିହ୍ନଟ ହେଲାଣି। ସବୁ ଅଞ୍ଚଳରେ ଘର ଓ ସାହିର ପଛଭାଗକୁ ସଫା କରାଯିବ। ସଫା କରିବା ପରେ ପେଭର ବ୍ଲକ ବିଛାଇ ଚଲାରାସ୍ତା, ଓପେନ ଜିମ ଓ ବିଶ୍ରାମ ନେବା ପାଇଁ ସରଞ୍ଜାମ ସ୍ଥାପନ କରାଯିବ।ପର୍ଯ୍ୟାୟ କ୍ରମେ ସମଗ୍ର ଭୁବନେଶ୍ୱରରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିପାଇଁ ବିନିଯୋଗ ହେବ ୫୮ କୋଟି ଟଙ୍କା। ଏନେଇ ବିଏମସି କର୍ପୋରେସନ ବୈଠକରେ ବିସ୍ତୃତ ଆଲୋଚନା ପରେ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ବାହାରେ ଅଳିଆ ନ ପକାଇବା ନେଇ ଲୋକଙ୍କୁ ସଚେତନ କରାଯାଉଛି। ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମସି ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ରାଜଧାନୀର ପରିମଳ ବ୍ୟବସ୍ଥାରେ ଉନ୍ନତି ଘଟିବା ସହ ମଶାଙ୍କ ଉପଦ୍ରବ ହ୍ରାସ ପାଇବ। ସ୍ଥାନୀୟ କର୍ପୋରେଟର ଓ ଅଧିକାରୀଙ୍କ ସହ ଗ୍ରାଉଣ୍ଡ ଜିରୋରେ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କୁ ସଚେତନ କରିଛନ୍ତି ଖୋଦ ବିଏମସି କମିଶନର। ଏ ନେଇ ସୂଚନା ଦେଇଛନ୍ତି ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ।

# ରାଜ୍ୟରେ ମେ’ ପହିଲାରୁ ପଛୁଆ ବର୍ଗ ସର୍ଭେ

**ଭୁବନେଶ୍ୱର :** ଆସନ୍ତା ମେ’ ମାସ ୧ ତାରିଖ ଠାରୁ ରାଜ୍ୟରେ ପଛୁଆ ବର୍ଗ ସର୍ଭେ ଆରମ୍ଭ ହେବ। ଏହି ସର୍ଭେ ମେ’ ୧ରୁ ଆରମ୍ଭ ହୋଇ ୨୦ ତାରିଖରେ ସରିବ। ପରେ ମେ’ ୨୦ରୁ ୨୭ ପର୍ଯ୍ୟନ୍ତ ସ୍ପେସାଲ ଡ୍ରାଇଭ ହେବ। ଉଭୟ ଅନଲାଇନ ଏବଂ ଅଫଲାଇନ ମାଧ୍ୟମରେ ଏହି ସର୍ଭେ ହେବ। ଅନଲାଇନରେ ଜଣେ ବ୍ୟକ୍ତି ଓଏସବିସି ବା ଓବିସି କମିସନଙ୍କ ୱେବସାଇଟକୁ ଯାଇ ସମସ୍ତ ତଥ୍ୟ ଦେଇ ଆବେଦନ କରିପାରିବେ। ଅଫଲାଇନ ସର୍ଭେ ପାଇଁ ଏନୁମରେଟର ସେଣ୍ଟର ଗାଁ ଏବଂ ୱାର୍ଡ଼ରେ ଖୋଲିବ। ଗାଁ ଅଙ୍ଗନୱାଡ଼ି କିମ୍ବା ସ୍କୁଲ ଘରେ ଖୋଲିବ ଏହି ସେଣ୍ଟର। ଅଫଲାଇନ ସର୍ଭେରେ ଏନୁମରେଟର ଭାବେ ନିୟୋଜିତ ହେବେ ଅଙ୍ଗନୱାଡ଼ି କର୍ମୀ ଆଉ ଶିକ୍ଷକ। ଆଇସିଡିଏସ୍ ସୁପରଭାଇଜର ଏବଂ ବ୍ଲକ୍ ଲେଭୁଲ୍ ଏକ୍ସଟନସନ୍ ଅଫିସରଙ୍କୁ ସୁପରଭାଇଜର ଭାବେ ନିୟୋଜିତ ହେବ। ପରିବାର ମୁଖ୍ୟ କିମ୍ବା ସଦସ୍ୟ ଏନୁମରେଟର ସେଣ୍ଟରକୁ ଯାଇ ପରିବାରର ସମସ୍ତ ସଦସ୍ୟ ତଥ୍ୟ ଦେଇ ପଞ୍ଜୀକରଣ କରିବେ। ପଞ୍ଜୀକରଣ ପାଇଁ ଆଧାର, ଭୋଟର କାର୍ଡ, ପାନ କାର୍ଡ କିମ୍ବା ପାସପୋର୍ଟକୁ ଦେଖାଇ ପାରିବେ। ନିଜସ୍ୱ ଘୋଷଣା ମୁତାବକ ସମସ୍ତ ତଥ୍ୟ ରଖିବେ ଏନୁମିରେଟର। ଏହା ସହ ଜଣେ ସାକ୍ଷୀ ମଧ୍ୟ ରହିବ। ପ୍ରତ୍ୟେକ ଜିଲ୍ଲା ଏବଂ ମ୍ୟୁନିସିପାଲିଟି ଅନୁସାରେ ସେଣ୍ଟର ଖୋଲାଯିବ। ପୂର୍ବାହ୍ନ ୧୦ଟା ଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲାରହିବ ସମସ୍ତ କେନ୍ଦ୍ର। ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର ଅତିରିକ୍ତ କମିସନର ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି, ଭୁବନେଶ୍ୱରରେ ମୋଟ ୧୦୧ଟି କେନ୍ଦ୍ରରେ ସର୍ଭେ କରାଯିବ। ମୋଟ ୨୦୮ ପ୍ରକାର ବର୍ଗଙ୍କୁ ପଛୁଆ ବର୍ଗ ଭାବେ ସର୍ଭେରେ ସ୍ଥାନ ଦିଆଯିବ। ସେମାନଙ୍କର ତାଲିକା କମିସନଙ୍କ ୱେବସାଇଡ଼ରେ ପ୍ରକାଶ କରାଯିବା ସହ ସେଣ୍ଟରରେ ମଧ୍ୟ ଲଗାଜିବ। ଉଭୟ ସର୍ଭେ ମେ’ ୧ରୁ ଆରମ୍ଭ ହେବ। ଅଫ୍ଲାଇନ ସର୍ଭେ ପାଇଁ ଆଜି ସହରାଞ୍ଚଳରେ ମାଷ୍ଟର ଟ୍ରେନର ମାନଙ୍କର ତାଲିମ ସରିଛି। ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଏମାନେ ଏନୁମରେଟର ଏବଂ ସୁପରଭାଇଜରଙ୍କୁ ୬ରୁ ୧୩ ତାରିଖ ଭିତରେ ପ୍ରଥମ ପର୍ଯ୍ୟାୟ ତାଲିମ ଏବଂ ୧୮ରୁ ୨୪ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ପରେ ମିଳିବ ଏନୁମରେଟର କିଟ୍। ୨୦୨୧ ମସିହାରେ ଓବିସି କମିସନ ମାଧ୍ୟମରେ ପଛୁଆ ବର୍ଗ ସାର୍ଭେ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା ହେଲେ କୋଭିଡ୍ ପାଇଁ ସ୍ଥଗିତ ଥିଲା।



# ୨.୨୬ଲକ୍ଷ ପଦବୀ ଖାଲି, ୯ଲକ୍ଷ ପଞ୍ଜିକୃତ ବେକାର

**ଭୁବନେଶ୍ୱର :** ରାଜ୍ୟରେ ପ୍ରାୟ ୨.୨୬ଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଛି। ରାଜ୍ୟ ସରକାରଙ୍କ ଏମ୍ପ୍ଲଏମେଣ୍ଟ ଏକ୍ସଚେଞ୍ଜରେ ପ୍ରାୟ ୯ଲକ୍ଷ ଶିକ୍ଷିତ ବେକାର ଯୁବକଯୁବତୀ ଚାକିରି ଆଶାରେ ପଞ୍ଜିକୃତ କରିଛନ୍ତି। ରାଜ୍ୟରେ ବେକାର ସମସ୍ୟା ୫.୩ ପ୍ରତିଶତ ରହିଛି ବୋଲି ଅର୍ଥନୀତିକ ସର୍ଭେ ରିପୋର୍ଟ ୨୦୨୨-୨୩ରେ ଖୋଦ୍ ରାଜ୍ୟ ସରକାର ଆକଳନ କରିଛନ୍ତି। ତଥାପି ଏହି ଶିକ୍ଷିତ ବେକାର ଯୁବକଯୁବତୀଙ୍କୁ କର୍ମନିଯୁକ୍ତି ଦେବା ପରିବର୍ତ୍ତେ ରାଜ୍ୟ ସରକାର ଏବେ ଅବସରପ୍ରାପ୍ତ ବାବୁମାନଙ୍କୁ (ଓଡ଼ିଶା ପ୍ରଶାସନିକ ସେବାର ଅଫିସର) କିଭଳି ପୁନଃନିଯୁକ୍ତି ଦେଇହେବ ସେ ନେଇ ବିଧିବଦ୍ଧ ସଂକଳ୍ପ ଜାରି କରିଛନ୍ତି। ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି ମାଥିଭାଥାନନଙ୍କ ଦ୍ୱାରା ଜାରି ସଂକଳ୍ପ ରାଜ୍ୟରେ ଲକ୍ଷ ଲକ୍ଷ ଶିକ୍ଷିତ ବେକାରଙ୍କ ପ୍ରତି ଉପହାସ ପାଲଟିଛି। ନଗର ଉନ୍ନୟନ ବିଭାଗ ପକ୍ଷରୁ ଏନେଇ ଏଭଳି ଏକ ସଂକଳ୍ପ ଜାରି କରାଯାଇଛି, ଯାହା କେବଳ ଓଡ଼ିଶା ପ୍ରଶାସନିକ ସେବାରୁ ଅବସର ନେଉଥିବା ବାବୁମାନଙ୍କୁ ଖୁସି କରିବା ନିମନ୍ତେ ଉଦ୍ଦିଷ୍ଟ ଥିବା ଭଳି ପ୍ରତୀତ ହେଉଛି। ଦୀର୍ଘବର୍ଷ ଧରି ନଗର ଉନ୍ନୟନ ବିଭାଗର ସଚିବ ଥିବା ଶ୍ରୀ ମାଥିଭାଥାନନଙ୍କ ଦ୍ୱାରା ଜାରି ଏହି ସଂକଳ୍ପରେ କୁହାଯାଇଛି ଯେ, ରାଜ୍ୟରେ ସହରୀକରଣ ଓ ସମସ୍ୟାମାନ ବୃଦ୍ଧି ପାଉଥିବାବେଳେ ପ୍ରଭାବୀ ତଦାରଖ ବ୍ୟବସ୍ଥାର ଅଭାବ ଯୋଗୁ ପୌରସଂସ୍ଥା ଗୁଡ଼ିକର ସଠିକ ପରିଚାଳନା କରିବା କଷ୍ଟକର ହୋଇପଡ଼ିଛି। ତେଣୁ ତୁରନ୍ତ ଓ ମଧ୍ୟବର୍ତ୍ତୀ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ସମସ୍ତ ଜିଲ୍ଲା ସହରାଞ୍ଚଳ ବିକାଶ ଏଜେନ୍ସି (ଡିୟୁଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ ପଦବୀରେ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ, ଓଏଫଏସ, ଓପିଏସ,ଓଆରଏସ, ଜିଲ୍ଲା ପରିସଂଖ୍ୟାନ ଅଧିକାରୀ, ଜିଲ୍ଲା କ୍ଷୁଦ୍ର ସଂଚୟ ଅଧିକାରୀ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ)ର ଅବସରପ୍ରାପ୍ତ ଅଫିସରମାନଙ୍କୁ ଏଥିରେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅଫିସରମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଓ ସୁଦୃଢ଼ ପିଏମୟୁ(ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ) ଏବଂ ଅନ୍ୟାନ୍ୟ ସହାୟତା ଦେଇ ପୌରସଂସ୍ଥାଗୁଡ଼ିକ କାର୍ଯ୍ୟକୁ ସୁଚାରୁ ରୂପେ କରାଯିବ। ରାଜ୍ୟ ସହରାଞ୍ଚଳ ବିକାଶ ଏଜେନ୍ସି




(ଏସୟୁଡିଏ) ଦ୍ୱାରା ଯେଉଁଠି ଖାଲି ଥିବା ସେଠାରେ ଏହି ଡିୟୁଡିଏ ପ୍ରକଳ୍ପ ନିର୍ଦ୍ଦେଶକ ପଦବୀ ପୂରଣ କରାଯିବ। ଏହି ନିଯୁକ୍ତି ସମ୍ପୂର୍ଣ୍ଣ ଭାବେ ଚୁକ୍ତିଭିତ୍ତିକ ରହିବ ଓ ତଥା ମାସିକ ୭୫ହଜାର ଟଙ୍କା ପାରିଶ୍ରମିକ ମିଳିବ। ଏହି ଅର୍ଥକୁ ଏସୟୁଡିଏରେ ଉପଲବ୍ଧ ଥିବା ଦକ୍ଷତା ବିକାଶ ପାଣ୍ଠିରୁ ଭରଣା କରାଯିବ। ଏସୟୁଡିଏ ପକ୍ଷରୁ ଏଥିପାଇଁ ଆବଶ୍ୟକ ଟର୍ମ ଆଣ୍ଡ ରେଫରେନ୍ସ ପ୍ରସ୍ତୁତ ହେବ ଓ ବିଜ୍ଞାପନ ମାଧ୍ୟମରେ ଏହି ଡିୟୁଡିଏ ପ୍ରକଳ୍ପ ନିର୍ଦ୍ଦେଶକ ପଦବୀ ପୂରଣ କରାଯିବ ବୋଲି ଶ୍ରୀ ମାଥିଭାଥାନାନ୍ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ମାଥିଭାଥାନନଙ୍କ ଏଭଳି ନିଷ୍ପତ୍ତି ରାଜ୍ୟର ଲକ୍ଷ ଲକ୍ଷ ବେକାର ଶିକ୍ଷିତ ଯୁବକଯୁବତୀଙ୍କ ପ୍ରତି ଉପହାସ ପାଲଟିଛି। ରାଜ୍ୟର ବିଭିନ୍ନ ଏମ୍ପ୍ଲଏମେଣ୍ଟ ଏକ୍ସଚେଞ୍ଜରେ ଗତ ଡିସେମ୍ବର ମାସ ଶେଷ ସୁଦ୍ଧା ୧.୯୬ଲକ୍ଷ ଗ୍ରାଜୁଏଟ, ୧୫୩୩୫ଜଣ ପୋଷ୍ଟ ଗ୍ରାଜୁଏଟ, ୧୨୩୫୨ଜଣ ଇଞ୍ଜିନିୟର ଗ୍ରାଜୁଏଟ ଓ ୪୧୪୭ଜଣ ପୋଷ୍ଟଗ୍ରାଜୁଏଟ ଇଞ୍ଜିନିୟରଙ୍କୁ ମିଶାଇ ମୋଟ ୮.୯୮ଲକ୍ଷ ବେକାର ଯୁବକଯୁବତୀ ନିଜର ନାମ ପଞ୍ଜିକୃତ କରି ଚାକିରି ଅନ୍ୱେଷଣରେ ଥିବାବେଳେ ସରକାର ନିଜର ଖାଲିପଡ଼ିଥିବା ପ୍ରାୟ ୨.୨୬ଲକ୍ଷ ପଦବୀକୁ ପୂରଣ ଦିଗରେ ଆଗ୍ରହ ଦେଖାଉନାହାନ୍ତି। ଓଲଟା କଟା ଘା’ରେ ଚୂନ ଦେଲା ଭଳି ଶିକ୍ଷିତ ବେକାର ଯୁବକଯୁବତୀମାନେ ଥିବାବେଳେ ଅବସରପ୍ରାପ୍ତ ଅଫିସରମାନଙ୍କୁ ପୁନଃ ନିଯୁକ୍ତି ଦେବାକୁ ବିଧିବଦ୍ଧ ନିଷ୍ପତ୍ତି ନେଇଛନ୍ତି। ଯଦିଓ ଏବେ ଅନେକ ବିଭାଗରେ ଅବସରପ୍ରାପ୍ତ ଅଫିସରମାନେ ଓଏସଡି ଭାବେ ନିଯୁକ୍ତି ପାଉଛନ୍ତି। କିନ୍ତୁ ପ୍ରଥମଥର ପାଇଁ କୌଣସି ବିଭାଗ ଦ୍ୱାରା ଅବସରପ୍ରାପ୍ତ ଅଫିସରମାନଙ୍କୁ ନିଯୁକ୍ତି ଦେବାକୁ ବିଧିବଦ୍ଧ ନିଷ୍ପତ୍ତି ନିଆଯିବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଯଦି ସରକାର ଏହି ଅବସରପ୍ରାପ୍ତ ଅଫିସରଙ୍କୁ ପ୍ରଶିକ୍ଷଣ ଓ ଅନ୍ୟାନ୍ୟ ସୁବିଧାସୁଯୋଗ ଦେଇ ଉକ୍ତ ପଦବୀରେ ଅବସ୍ଥାପିତ କରିବାକୁ ଚାହୁଁଛନ୍ତି, ତା’ହେଲେ ସମାନ ନୀତି କାହିଁକି ରାଜ୍ୟର ମେଧାବୀ ଶିକ୍ଷିତ ଯୁବକଯୁବତୀଙ୍କ କ୍ଷେତ୍ରରେ ଲାଗୁ କରୁନାହାନ୍ତି ବୋଲି ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ଏବେ ପ୍ରାୟ ୨ଲକ୍ଷ ୨୬ହଜାର ୫୫୯ଟି ପଦବୀ ଖାଲି ପଡ଼ିଛି। ରାଜ୍ୟରେ ୨୦୨୧ ଡିସେମ୍ବର ଶେଷ ସୁଦ୍ଧା ମୋଟ ୬ଲକ୍ଷ ୨୫ହଜାର ୧୩୬ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ସେଥିରୁ ଏବେ ୩ଲକ୍ଷ ୯୮ହଜାର ୫୭୭ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଏହି କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରେ ୬୯୯୨୭ଜଣ ଗ୍ରାଣ୍ଟଇନ୍ ଏଡ୍ କର୍ମଚାରୀ ସାମିଲ ଅଛନ୍ତି। ସେହିପରି ଏବେ ୨ଲକ୍ଷ ୨୬ହଜାର ୫୫୯ଟି ପଦବୀ ଖାଲି ପଡ଼ିଛି । ପ୍ରଥମ ଶ୍ରେଣୀରେ ୧୨୩୩୭ଟି, ଦ୍ୱିତୀୟ ଶ୍ରେଣୀରେ ୪୫୯୬୯ଟି, ତୃତୀୟ ଶ୍ରେଣୀରେ ୧,୧୩,୫୩୬ଟି ଓ ଚତୁର୍ଥ ଶ୍ରେଣୀରେ ୩୫୦୯୮ଟି ପଦବୀ ଖାଲି ପଡ଼ିଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୦ - ୧୬ ଏପ୍ରିଲ, ୨୦୨୩

# ଯୋଜନାର ସଫଳ ରୂପାୟନ ହିଁ ସଫଳତା

ନିକଟରେ ଜାପାନର ଟୋକିଓ ସହରରେ ଓଡିଶା ବିଜିନେସ ମିଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦ ନିବେଶକ ଯୋଗ ଦେଇଥିଲେ ଓ ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ଓଡିଶା ଡାକିଛନ୍ତି। ଜାପାନରୁ ୨୬ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ମିଳିବା ରାଜ୍ୟ ପାଇଁ ଖୁସି ଖବର। ହେଲେ ଅତୀତରେ ଯେତେ ଗୁଡିଏ ବିଜନେସ ମିଟ ହୋଇଛି, ସେଥିରୁ ଓଡିଶାକୁ କେତେ ଲାଭ ମିଳିଛି ବା କେତେଗୋଟି ଶିଳ୍ପ ହୋଇଛି ଏବଂ ରାଜ୍ୟର କେତେ ଶିକ୍ଷିତ ବେକାରଙ୍କୁ ନିଯୁକ୍ତି ମିଳିଛି ଏହା ଉପରେ ଚର୍ଚ୍ଚା ହେବା ଉଚିତ ନୁହଁ କି? ମୋଟା ଟଙ୍କା ଖର୍ଚ୍ଚ କରି ନିବେଶକ ସମ୍ମିଳନୀ ଆୟୋଜନ କରିବା ସହଜ ହୋଇପାରେ। ମାତ୍ର ଏହାଦ୍ୱାରା କେତେ ପୁଞ୍ଜି ଆସିଲା ତାହା ଉପରେ ମଧ୍ୟ ଗୁରୁତ୍ୱ ଦେବା ଉଚିତ। ରାଜନୀତି କ୍ଷେତ୍ରରେ ଯେଉଁଳି ଅତ୍ୟଧିକ ଖର୍ଚ୍ଚ କରୁଥିବା ରାଜନୈତିକ ଦଳମାନେ ସଫଳତା ହାସଲ କରିଛନ୍ତି ତାହା ଛୋଟ ଦଳ ପାଇଁ କାଳ ସାଜୁଛି ବୋଲି କହିହେବ। ଶିଳ୍ପ କରିବାର ଆନ୍ତରିକତା ଓ ଯେଉଁମାନେ ଶିଳ୍ପ ପ୍ରତିଷ୍ଠା କରିବେ ସେମାନଙ୍କୁ ସବୁପ୍ରକାର ସହଯୋଗ କରିବା ଆମର ଦାୟିତ୍ୱ। ଏଥିପାଇଁ ପ୍ରଥମେ ଯେଉଁ ଭିତ୍ତିଭୂମି ସୁଦୃଢ଼ କରିବା କଥା ଓ ଆନୁସଙ୍ଗିକ ବ୍ୟବସ୍ଥା ଆମ ନିକଟରେ ଅଛି କି ନାହିଁ ତାହା ଉପରେ ଧ୍ୟାନ ଦିଆଗଲେ ହୁଏତ ଏଭଳି ସ୍ୱପ୍ନ ସାକାର ହୋଇପାରେ। ମାତ୍ର ନିର୍ବାଚନକୁ ଦୃଷ୍ଟିରେ ରଖି ଯଦି କେବଳ ଘୋଷଣା ସର୍ବସ୍ୱ ରାଜନୀତି କରାଯାଏ ଏହାଦ୍ୱାରା କେବଳ ଆୟୋଜକଙ୍କ ମଙ୍ଗଳ ହୋଇପାରେ କିନ୍ତୁ ରାଜ୍ୟବାସୀଙ୍କର ଲାଭ କେତେ ତାହା ସର୍ବାଧିକ ଗୁରୁତ୍ୱ ବହନ କରେ।ନିକଟରେ ରାଜ୍ୟ ବିଜେପି ସଭାପତି ପରିବର୍ତ୍ତନ ପରେ ରାଜ୍ୟରେ ରାଜନୈତିକ ମାହୋଲ ଖୁବ ଗରମ ହୋଇଛି। ପ୍ରାକ୍ତନ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସ୍ଥାନରେ ଜଣେ ଅନୁଭବୀ ରାଜନେତା ମନମୋହନ ସାମଲ ରାଜ୍ୟ ବିଜେପିର ମଙ୍ଗ ଧରିଛନ୍ତି। ପୂର୍ବରୁ ସେ ଏହି ଦାୟିତ୍ୱରେ ଥିଲେ ଓ ମନ୍ତ୍ରୀ ଭାବେ ଅନୁଭବ ରହିଛି। ହେଲେ ଶାସକ ବିଜେଡି ସହ ଟକ୍କର ଦେଲାଭଳି ସାମର୍ଥ୍ୟ ଯୋଗାଡ଼ କରିପାରିଲେ ହେଲା। ରାଜ୍ୟ ବିଜେପିରେ ଗୋଷ୍ଠୀ କନ୍ଦଳ ରହିଥିବା ନେଇ ସବୁବେଳେ ଆଲୋଚନା ହେବା ଫଳରେ ତଳ ସ୍ତରରେ କର୍ମୀମାନଙ୍କ ମନୋବଳ କମିଥିବା ଦେଖିବାକୁ ମିଳୁଛି। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗୋଷ୍ଠୀ ବନାମ ସାଂସଦ ଅପରାଜିତା ଷଡଙ୍ଗୀଙ୍କ ଗୋଷ୍ଠୀକୁ ନେଇ ଯେଉଁ ଚର୍ଚ୍ଚା ହୁଏ ସେଥିରେ ରାଜ୍ୟ ବିଜେପିର ଲାଭ କେତେ କ୍ଷତି କେତେ ତାହାର ଆକଳନ ନହେବା ପର୍ଯ୍ୟନ୍ତ ରାଜ୍ୟରେ ବିଜେପିର ସରକାର ଗଠନ ସ୍ୱପ୍ନ କେତେ ସାକାର ହେବ ସେଦିଗରେ ଦଳ ମାନସ ମନ୍ଥନ କରିବା ଉଚିତ। ଆଗାମୀ ୨୦୨୪ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର-କଟକ ମେଟ୍ରୋ ରେଳ ପ୍ରକଳ୍ପ ଘୋଷଣା କରିବା ତାହା ଆଗାମୀ ଦିନରେ ବିଜେଡିକୁ ଅଧିକ ଫାଇଦା ଦେବ ବୋଲି ଆଲୋଚନା ହେଉଛି। ତେବେ ବର୍ତ୍ତମାନ ଜାପାନର ଯେଉଁ ନିପ୍ପନ ଷ୍ଟିଲ ଓଡିଶା ଆସିବାକୁ ପ୍ରତିଶୃତି ଦେଇଛି ତାହା ରାଜ୍ୟ ପାଇଁ ନୂଆ କଥା ନୁହେଁ। କାରଣ ପୂର୍ବରୁ ଆର୍ସେଲର ମିତ୍ତଲ ଏବଂ ନିପ୍ପନ ଷ୍ଟିଲ ଓଡ଼ିଶାର କେନ୍ଦ୍ରାପଡା ଜିଲ୍ଲା ମହାକଳାପଡାରେ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ମଧ୍ୟ

ସମ୍ପାଦକୀୟ
ତାରକ ମହାନ୍ତି



ସବୁଜ ସଙ୍କେତ ଦେଇଥିଲେ, ଅଦ୍ୟାବଧି ଏହା ପ୍ରତିଷ୍ଠା ହୋଇପାରିନି। ଏହି ପ୍ରସଙ୍ଗରେ ଆଉ ଏକ ବଡ଼କଥା ଯେ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ପାତ ମନ୍ତ୍ରୀ ଥିବା ସମୟରେ ଏକ ପ୍ରତିନିଧି ଦଳ ନେଇ ଜାପାନର ନିପ୍ପନ ମୁଖ୍ୟଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ନିପ୍ପନ ଭାରତ ଆସି ପୁଞ୍ଜି ନିବେଶ କରିବାର ପ୍ରତିଶୃତି ମଧ୍ୟ ଦେଇଥିଲେ। ଯାହାହେଉ ଆଜି ପୁଣିଥରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିପ୍ପନ ଓଡିଶା ଆସିବାର ରାସ୍ତାକୁ ସୁଗମ କରିଛନ୍ତି। ଯାହା କି ଆମ ପାଇଁ ନିଶ୍ଚୟ ଗୌରବର ବିଷୟ। ତେବେ ପ୍ରଶ୍ନ ଉଠୁଛି, ପୂର୍ବରୁ ପସ୍କୋ ଭଳି ଏକ ବିଶାଳ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠାକାରୀ ସଂସ୍ଥା ଓଡିଶା ଆସି ପ୍ଲାଣ୍ଟ ନିର୍ମାଣ ନକରି ଫେରିଯାଇଛି। ଏହିପରି ଆଗରୁ ଅନେକ ଷ୍ଟିଲ ପ୍ଲାଣ୍ଟ ଓଡିଶା ଆସି ଶିଳ୍ପ ପ୍ରତିଷ୍ଠା କରିବାକୁ ଏମଓୟୁ ସ୍ୱାକ୍ଷର କରିଥିଲେ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରିନି। କାର୍ଯ୍ୟକାରୀ ହୋଇନଥିବା ପ୍ରକଳ୍ପ ନାଁରେ ନୂତନ ଯୋଜନା କରି ରାଜନୈତିକ ସଫଳତା ହାସଲ କରିବା ବିଜେଡିର ପୁରୁଣା ଅଭ୍ୟାସ। ବିକାଶ ହେଉଥିଲେ ଦୀର୍ଘ ୨୪ ବର୍ଷ ପରେ ଶାସନ ଓ ପ୍ରଶାସନକୁ ଏହା ଚିନ୍ତା କରିବାକୁ ପଡୁନଥାନ୍ତା। ଯେହେତୁ ଯୋଜନାର ସଠିକ୍ ରୂପାୟନ କରାଯାଇନାହିଁ ତେଣୁ ନୂତନ ଭାବେ ପୁରୁଣା ଯୋଜନାକୁ ଉପସ୍ଥାପିତ କରି ଜନସାଧାରଣଙ୍କୁ ନୂତନ ବାର୍ତ୍ତା ଦେଉଛନ୍ତି। ହେଲେ ଅସଲ ବିକାଶ କେଉଁଠି ରହୁଛି ତାହା ସାଧାରଣ ଜନତା ବୁଝିବା କଷ୍ଟକର ପାଠ। ଯାହା ସହଜରେ ବୁଝିହେବ ସେଭଳି ଯୋଜନା କାର୍ଯ୍ୟକାରୀ କରାଗଲେ ତାହା ଲୋକଙ୍କ ସର୍ବାଙ୍ଗ ବିକାଶରେ ଲାଗିବା ସହିତ ସରକାରଙ୍କ ପାଇଁ ସଫଳତାର ଶ୍ରେୟ ଆଣିଦିଅନ୍ତା।

## ସିପାହୀ ବିଦ୍ରୋହର ପ୍ରଥମ ସହିଦ-ମଙ୍ଗଳ ପାଣ୍ଡେ

### ଗୋପୀନାଥ ଦାଶ

ସିପାହୀ ବିଦ୍ରୋହର ପ୍ରଥମ ସହିଦ କହିଲେ ମଙ୍ଗଳ ପାଣ୍ଡେଙ୍କୁ ବୁଝାଯାଏ। ସେ ବ୍ରିଟିଶ ସେନାରେ ସାଧାରଣ ସୈନିକ ଭାବେ ଚାକିରି କରିଥିଲେ। ପରେ ସେନା ବାହିନୀରେ ଚାଲିଥିବା ହିନ୍ଦୁ-ମୁସଲମାନ ବିରୋଧୀ କାର୍ଯ୍ୟକଳାପଗୁଡ଼ିକୁ ପସନ୍ଦ କରି ନପାରି, ବିଦ୍ରୋହୀ ହୋଇଉଠିଥିଲେ। ଉପରିସ୍ଥ କର୍ମଚାରୀମାନଙ୍କ ନିର୍ଦ୍ଦେଶ ପାଳନ ନକରିବା ପାଇଁ ସିପାହୀମାନଙ୍କୁ ଆହ୍ୱାନ ଦେଇ ସେ ବ୍ରିଟିଶ ସେନା ଅଫିସରମାନଙ୍କ ବିଷ ଦୃଷ୍ଟିରେ ପଡ଼ିଥିଲେ। ଏହାର ପରିଣାମ ସ୍ୱରୂପ ସେ ଅସ୍ତ୍ର ଧାରଣ କରି ଦୁଇ ଜଣ ବ୍ରିଟିଶ ସେନା ଅଧିକାରୀଙ୍କୁ ହତ୍ୟା ଉଦ୍ୟମ କରି ଗିରଫ ହୋଇଥିଲେ। ବିଚାର ପରେ ତାଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଥିଲା। ତତ୍କାଳୀନ ଆଗରା ଓ ଅଓ୍ୱଧ ରାଜ୍ୟ ଅନ୍ତର୍ଗତ ବଲିୟାର ନାଗଓ୍ୱା ଗ୍ରାମର ଏକ ଭୂମିହାର ବ୍ରାହ୍ମଣ ପରିବାରରେ ମଙ୍ଗଳ ଜନ୍ମ ହୋଇଥିଲେ। ଅଠର ବର୍ଷ ବୟସରେ ସେ ଇଷ୍ଟ ଇଣ୍ଡିଆ କମ୍ପାନୀର ସେନା ବାହିନୀରେ ଯୋଗଦେଇଥିଲେ। ୩୪ ବେଙ୍ଗଲ ନେଟିଭ୍ ଇନ୍‌ଫାଣ୍ଟ୍ରିରେ କାମ କରୁଥିବା ବେଳେ ସେ ଏନ୍‌ଫିଲଡ୍ ରାଇଫଲରେ ବ୍ୟବହାର କରାଯାଉଥିବା ଗୁଳି ଗ୍ରହଣ ନକରିବା ପାଇଁ ମନା କରିଦେଇଥିଲେ। ଗୁଳିରେ ଗାଈ ଓ ଘୁଷୁରି ଚର୍ବି ବ୍ୟବହାର କରାଯାଉଥିଲା। ଏହା ଦ୍ୱାରା ଧର୍ମ ନଷ୍ଟ ହେବାର ଆଶଙ୍କା ଯୋଗୁଁ ସେ ବିରୋଧ କରିଥିଲେ। ଶାନ୍ତିପୂର୍ଣ୍ଣ ପ୍ରତିବାଦ କ୍ରମେ ହିଂସାତ୍ମକ ହୋଇଥିଲା ଏବଂ ରାଗରେ ସେ ଜନୈକ ଲେଫ୍‌ଟନାଣ୍ଟ ବଗ ଓ ସର୍ଜେଣ୍ଟ ମେଜର୍ ହ୍ୟୁସନ୍‌ଙ୍କୁ ହତ୍ୟା କରିବା ପାଇଁ ଗୁଳି ଚଳାଇଥିଲେ। ଗୁଳି ଲକ୍ଷ୍ୟ ଭ୍ରଷ୍ଟ ହେବା ପରେ ମଙ୍ଗଳ ତରବାରିରେ ଆକ୍ରମଣ କରିଥିଲେ। ତେବେ ଦୁହେଁ ବର୍ତ୍ତି ଯାଇଥିଲେ। ମଙ୍ଗଳଙ୍କୁ ସମର୍ଥନ ଦେଇଥିଲେ ଜିମାଦାର ଈଶ୍ୱରୀ ପ୍ରସାଦ। ୧୮୫୭ ଏପ୍ରିଲ ଆଜିର ଦିନରେ ବାରକପୁରରେ ମଙ୍ଗଳଙ୍କୁ ଫାଶୀ ଦିଆଯାଇଥିଲା। ତେର ଦିନ ପରେ ଈଶ୍ୱରୀଙ୍କୁ ମଧ୍ୟ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା। ମଙ୍ଗଳଙ୍କୁ ଯେଉଁଠାରେ ଫାଶୀ ଦିଆଯାଇଥିଲା ଏବେ ସେଠାରେ ରହିଛି ତାଙ୍କ ସ୍ମୃତିରେ ବିକଶିତ ସହିଦ ମଙ୍ଗଳ ପାଣ୍ଡେ ମହା ଉଦ୍ୟାନ। ଭାରତ ସରକାର ୧୯୮୪ରେ ତାଙ୍କ ନାମରେ ଏକ ଡାକ ଟିକେଟ୍ ପ୍ରଚଳନ ପୂର୍ବକ ତାଙ୍କୁ ସମ୍ମାନିତ କରିଥିଲେ।

*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା*

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଜାତୀୟ ଜୀବନରେ ଅଧୋଗତି ଦେଶ ପ୍ରଗତିରେ ବାଧକ



କିଶୋର ମହାନ୍ତି

ସଂପ୍ରତି ମଣିଷର ଚିତ୍ର ଚରିତ୍ର, ସଜ୍ଞା ସ୍ୱରୂପ ତଥା ହାବଭାବ ଚାଲିଚଳଣୀରେ କିଛିଟା ପରିବର୍ତନ ହେବାର ଲକ୍ଷ୍ୟ କରାଗଲାଣି। ଆସ୍ତେ ଆସ୍ତେ ଭିନ୍ନ ମଣିଷଟିଏ ଯେମିତି ଆମ ଆଗରେ ଛିଡ଼ା ହୋଇଗଲାଣି। ଆମେ ବେଳେ ବେଳେ ଦିବାଲୋକରେ ଭାବରେ ନିଜକୁ ନିଜେ ଚିହ୍ନି ପାରୁନାହୁଁ - ଆମେ କେମିତି ବହୁରୂପୀ ହେଇଗଲୁଣି। ସବୁଠି ସବୁ ସମୟରେ ଯେମିତି 'ମୁଁ'ର ରାଜତ୍ୱ, 'ମୁଁ'ର ପ୍ରତିପତି ଓ ବିକ୍ରମ ଶକ୍ତି ଆମକୁ ଯେମିତି ମହାମହିମ ଭାବରେ ଫମ୍ପା ଆଭିଜାତ୍ୟର ରୂପରେଖ ନେଇ ଆତ୍ମ ପ୍ରକାଶ କରୁଛି। ମୁଁ ଆଉ ମୁଁ ହୋଇ ରହିନାହିଁ। 'ଧର୍ମବକ ଭାବରେ ଦେଖାଇ ହେବାର ନିଶା ହିଁ ମଣିଷ ଜାତି ଭିତରେ ତିକ୍ତ ଭାବ ସୃଷ୍ଟିର ମୂଳ କାରଣ। ଜୀବନର ଶେଷ ମୁହୂର୍ତ ଯାଏ ବି ନାନା ବିକାର ଓ ନିଃସାରତା ମଧ୍ୟରୁ ଆମେ ନିଜକୁ ମୁକ୍ତ ରଖିପାରୁନାହୁଁ। ସତ୍ୟକୁ ଭିତରେ ରଖି ମିଥ୍ୟାଚାରକୁ ଆମର ହୃଦବାକ୍ୟ ବୋଲି ଗ୍ରହଣ କରିଦେଇଛୁ। ଆମର ହୃଦବାକ୍ୟ ବୋଲି ଗ୍ରହଣ କରି ଦେଇଛୁ। ମିଥ୍ୟା ଜାତ୍ୟାଭିମାନ, ଧର୍ମାନ୍ଧତା, ନିଜର ସୁରକ୍ଷା ନିମନ୍ତେ ଧର୍ମ ଓ ଜାତିକୁ ବ୍ୟବହାର କରିବା, ଭକ୍ତି ନାମରେ ଭଣ୍ଡତା ଏସବୁବି ଆମେ ଆପଣେଇ ନେଇଛୁ। ଏକଥା ସତ୍ୟ ଯେ ଗଣତନ୍ତ୍ରରେ ପୁଞ୍ଜିବାଦର ଅବୈଧ ପ୍ରବେଶ ଗଣତାନ୍ତିକ ଚେତନାକୁ ଦୂଷିତ କରୁଅଛି। କେହି କାହାକୁ ସହାନୁଭୂତି ପ୍ରଦର୍ଶନ କରିବା ପାଇଁ କୁଣ୍ଠା ପ୍ରକାଶ କରୁଛି।

କିନ୍ତୁ ସାଧୁସନ୍ଥମାନେ କହିଛନ୍ତି - ଏକଥା ସମସ୍ତଙ୍କୁ ଭାବିବାକୁ ହେବ 'ମୁଁ'ର ଉଆତ୍ମବଡ଼ିମାକୁ ନିଜଭିତରୁ ହଟାଇଦେବାକୁ ହେବ। ଆମ କ୍ଷୁଦ୍ର 'ମୁଁ'ର ଆବରଣ ତଳେ ଆମ ଭିତରେ ମହାନ୍ ଆତ୍ମା ସ୍ୱରୂପ ପରମେଶ୍ୱର ଲୁଚିରହିଛନ୍ତି। ଏ କ୍ଷୁଦ୍ର 'ମୁଁ'କୁ ବିନାଶ କର। ଏ କ୍ଷୁଦ୍ର ଜୀବନରୁ ମୃତ୍ୟୁବରଣ କରି ମହାନ ଜୀବନର ଅମୃତତ୍ୱକୁ ଲାଭ କରିଛି।

କହିବାକୁ ଗଲେ ମଣିଷର ସାମୁହିକ ଜୀବନ ବାସ୍ତବରେ କ'ଣ? ରାଜନୀତିକ, ଆର୍ଥିକ ଓ ସାମାଜିକ ଏହି ତିନୋଟି ବିଭାଗକୁ ମିଶାଇ ମଣିଷର ଏହି ସାମୁହିକ ଜୀବନ - ଆଜି କିନ୍ତୁ କହିବାକୁ ଗଲେ ମାନବର ନୀତି ନୈତିକତା ବୋଲି କଛି ନାହିଁ। ଭଗବତ୍ ବିଶ୍ୱାସ ଆଜି ସୁଦୂର ପରାହତ, ଭଗବାନକୁ ବାହାରେ ରଖି ପାର୍ଥିବ ସୁଖଲାଳସାରେ ମଣିଷ ପୂଜାର ଚମତ୍କାର ମଧୁପର୍ବ ଆରମ୍ଭ ହୋଇଛି। ପ୍ରତିଭା ପୂଜା ବଦଳରେ ଆଜି ନିଜ ପୂଜା ପାଇଁ ଏ ମଣିଷ ଉଦଗ୍ରୀବ। ଏତଦ୍‌ବ୍ୟତୀତ ଆର୍ଥିକ ବଂଟନର ବିଷମତା ଏ ଦେଶ ଆଗରେ ବିରାଟ ସମସ୍ୟା ସୃଷ୍ଟି କରିଚି, ଶିକ୍ଷାର ସଂପ୍ରସାରଣ ଫଳରେ ଶିକ୍ଷିତ ଯୁବକ ମାନଙ୍କର କର୍ମସଂସ୍ଥାନ ଏବେ ଏକ ଜାତୀୟ ସମସ୍ୟା। ବାପୁଜୀଙ୍କ ରାମରାଜ୍ୟ ଏବେ ଏକ ଦିବା ସ୍ୱପ୍ନ।

ଆଜିର ଯୁଗରେ ବିଦ୍ୱାନ, ମହତଜନ - ବୁଦ୍ଧିଜୀବୀଙ୍କର ସ୍ଥାନ ଅତି ନଗଣ୍ୟ। ସୁଜନ ଓ ଦୁର୍ଜନ ଏହି ଦୁଇଗୋଷ୍ଠୀଙ୍କ ମଧ୍ୟରେ ଦୁର୍ଜନର ପ୍ରତିପତି ଅଧିକ। ଏପରି ସ୍ଥଳେ ମଣିଷ ସମାଜ ଯେ ଉନ୍ନତି ଦିଗରେ ତଥା ସଫଳତା ଦିଗରେ ଧାବମାନ କିଏ କହିପାରିବ?

ଲୋକଚରିତ୍ର ଏବେ ସଂଦେହ ଘେରରେ। ଯିଏ ଯେତେ ଧନୀ, ମାନି ହୋଇଥାଉ ପଛେ ମାନବିକତା ଟିକକ ନଥିଲେ ସେ କ'ଣ ମଣିଷ ଭାବରେ ଗଣାହେଇପାରେ?

ଏଣୁ କବି କହିଛନ୍ତି -

"ହେଇ ଥାଅ ଯେତେ କୁବେରପତି
କଥା ପଦକରେ ଅମୃତ ଭର୍ତି
ହୋଇଥାଉ ପଛେ ରମ୍ଭା ଉର୍ବର୍ଶୀ
କର୍କଶ କଣ୍ଠରେ ବିଷ ଭରତି
ଥିଲେ ଥାଉ ପଛେ ଗୁଣ ହଜାର
ଦୁର୍ଜନ ଜନକୁ କୋଟି ଜୁହାର
ଧନ ଧନ ବୋଲି କୁହ କାହାକୁ..
ମଲା ବେଳେ ନୁହେଁ ନିଆଁ ଶାଳକୁ..."

ଏକଥା ବି ଆମକୁ ପ୍ରକୃତରେ ସ୍ୱୀକାର କରିବାକୁ ହେବ ଯେ ଆଜିର ସମାଜରୁ ସତ୍ୟ ସୁଦୂର ପରାହତ। ମିଥ୍ୟାର ପ୍ରଧାନ୍ୟବେଶି, କିନ୍ତୁ ଏକଥା ବି ସତ୍ୟ, ସତ୍ୟ ଅସତ୍ୟ ସଭ୍ୟତାର ପ୍ରାରମ୍ଭରୁ ହିଁ ଧର୍ମ ଓ ଦର୍ଶନର କେନ୍ଦ୍ରବିନ୍ଦୁ ହୋଇଆସିଅଛି। ସବୁ ଧର୍ମ କିନ୍ତୁ ସତ୍ୟ ଉପରେ ଆଧାରିତ। ସତ୍ୟର ଅନୁଭୂତି ଜ୍ଞାନଯୋଗ, କର୍ମଯୋଗ ଓ ଭକ୍ତିଯୋଗ। ସତ୍ୟ ହିଁ ଈଶ୍ୱର ଆଉ ଈଶ୍ୱର ହିଁ ସତ୍ୟ। ଯାହାକି ଜାତିର ପିତା ମହାମାନବ ମହାତ୍ମାଗାନ୍ଧୀ କହି ଆସିଛନ୍ତି। ସତ୍ୟକୁ ଆଧାର କରି ସମାଜର ନୈତିକତା ତଥା ସାମାଜିକ ନୀତିନିୟମ ପ୍ରଣୟନ ହୋଇଥାଏ।

''ସତ୍ୟମେବ ଜୟତେ'' ଆଜି ଭାରତୀୟ ସଂସ୍କୃତି ଧର୍ମ, ରାଜନୀତି ପାଇଁ ଏହା ଆଦର୍ଶବାଣୀ। ସମ୍ରାଟ ଅଶୋକଙ୍କ ଶିଳାଲିପି ଅଶୋକସ୍ତମ୍ଭ ଯାହା ସାରନାଥଠାରେ ରହିଛି ସେଇଠି ଏହି ମହତ୍ ବାଣୀଟି ଆମର ଜନମାନସକୁ ସତ୍‌ପଥରେ ଚାଲିବା ପାଇଁ ପଥ ପ୍ରଦର୍ଶିତ କରୁଛି। ସ୍ୱାଧୀନତା ପ୍ରାପ୍ତି ପରେ ଏହା ଆମ ଶାସନରେ ଏକ ଆଦର୍ଶବାଣୀ ଭାବରେ ସ୍ୱୀକୃତ। ଏହି ମହତ୍ ଓ ଅମରବାଣୀ ଆମର ପ୍ରାଚୀନ ମୁଣ୍ଡୁକ ଉପନିଷଦରେ ରହିଛି। ଯାହାକୁ ଆମେ ଅଦ୍ୟାବଧି ନିଜ ଜୀବନରେ ବ୍ୟବହାର କରୁଛୁ। ଆମ ଭାରତୀୟ ମୁଦ୍ରାରେ ବି ଏହା ଖଚିତ ହୋଇଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଆମର ଭାରତୀୟ ଧର୍ମ ଦର୍ଶନ, ସଂସ୍କୃତି, ବିଶ୍ୱସଭ୍ୟତାକୁ ବହୁଳ ଭାବରେ ଅନୁପ୍ରାଣିତ କରୁଛି। ତେବେବି ଆମ ମାନବ ସମାଜ କାମ, କ୍ରୋଧ, ମୋହ, ମାୟାରେ ବଶବର୍ତୀ ହୋଇ ଅସତ୍‌ମାର୍ଗରେ ପାଦଥାପୁଛୁ - ବୁଝୁବୁ ନାହୁଁ ତାହା ମାନବକଲ୍ୟାଣ ପାଇଁ ନୁହେଁ - ବରଂ ମାନବଜାତିର ଓ ସଭ୍ୟତାର ଧ୍ୱଂସ ପାଇଁ ଅଭିପ୍ରେତ। ତଥାପି ଆମେ ଅମୁହାଁ ଅସତ୍ୟର ଅନ୍ଧ ମୁହାଣୀ ଆଡ଼େ ପାଦ ପକାଉଛୁ- ଆମେ ସ୍ୱର୍ଗ ବଦଳରେ ନର୍କର ଠିକଣା ଖୋଜୁଛୁ। ଏସବୁକୁ ହୃଦୟଙ୍ଗମ କରି କବି ଯଥାର୍ଥରେ ସ୍ପଷ୍ଟୋକ୍ତି ପ୍ରକାଶ କରିଛନ୍ତି ତାଙ୍କ ମତରେ 'ମାଟି ସ୍ୱାଧୀନ ହେଇଛି, କିନ୍ତୁ ମଣିଷର ପାଦରୁ ସେ ଶୃଙ୍ଖଳ ତଥାପି ଛିଣ୍ଡି ନାହିଁ।' ଆଧୁନିକ ଜୀବନରେ କପଟତାପୂର୍ଣ୍ଣ ଦ୍ୱୈତ ଜୀବନ ଓ ମାର୍କ୍ସିୟ ଭାବଧାରା ଏସବୁ ଆଜିର ସମାଜରେ ଦେଖା ଦେଇଛି। କିନ୍ତୁ ମଣିଷର କପଟତା ହିଁ ସମାଜକୁ ଧ୍ୱଂସ ଆଡ଼କୁ ଟାଣି ନେଉଛି। ଆଧୁନିକ ବ୍ୟକ୍ତର ଜୀବନ କିଭଳି ଆଦର୍ଶ ବିଚ୍ୟୁତ ଓ ତାହାର କଥା ଓ କାର୍ଯ୍ୟ ମଧ୍ୟରେ କିଭଳି ଭାବରେ ଆକାଶ ଓ ପାତାଳର ଫରକ ତାହା ଉଣା ଅଧିକେ ସମସ୍ତେ ଅନୁଭବ କଲେଣି। କହିବାକୁ ଗଲେ ଏବେ ବି ଆମର ବିଶ୍ୱାସ ହେଉନାହିଁ ଭଣ୍ଡତା ଓ ମିଥ୍ୟାଚାର ଉପରେ କ'ଣ ବର୍ତମାନ ସମାଜ ପ୍ରତିଷ୍ଠିତ? ଅର୍ଥ ଓ କ୍ଷମତା ଲିପ୍ସା ମନୁଷ୍ୟ ଚରିତ୍ରକୁ କଳୁଷିତ କରୁଅଛି। ଏସବୁ ଆଗାମୀ ପିଢ଼ିପାଇଁ ଅସୁମାରୀ ପ୍ରଶ୍ନ ଓ ଭୟଙ୍କର ସଂଶୟ।

ଗଣତନ୍ତ୍ର ଶାସନରେ ଜନସାଧାରଣଙ୍କ ନିର୍ବାଚିତ ପ୍ରତିନିଧିମାନେ ଜନଗଣଙ୍କ ସ୍ୱାର୍ଥରକ୍ଷା ହିତସାଧନ ଓ ଦେଶର ସର୍ବାଙ୍ଗୀନ ଉନ୍ନତି ସାଧନ ର ସଂକଳ୍ପସହ ଜନନେତା ଓ ରାଜନେତା ଭାବେ ନିର୍ବାଚିତ ହୋଇଥାନ୍ତି କିନ୍ତୁ ବହୁ କ୍ଷେତ୍ରରେ ଜନସାଧାରଣଙ୍କ ସ୍ୱାର୍ଥରକ୍ଷା ଅଧିକାରର ସୁରକ୍ଷା ଓ କଲ୍ୟାଣ ସାଧନ ପ୍ରତି ସେମାନଙ୍କ ଠାରୁ ପ୍ରତ୍ୟାଶିତ ଦାୟିତ୍ୱବୋଧ ଓ କର୍ତବ୍ୟନିଷ୍ଠା ପ୍ରକାଶିତ ହୁଏନାହିଁ। କ୍ଷମତାର ପଦବୀରେ ଅଧିଷ୍ଠିତ ହେବା ନିମନ୍ତେ ସେମାନଙ୍କ ଅଭିଳାଷ ଓ ଆଗ୍ରହର ଆଧିକ୍ୟ ସେମାନଙ୍କୁ ନିଜ ଦାୟିତ୍ୱବୋଧ ଓ କର୍ତବ୍ୟନିଷ୍ଠା ପ୍ରତି ଉଦାସୀନ କରିଥାଏ। ଅର୍ଥବଳ ତଥା ବାହୁବଳ ପୂର୍ବକ କ୍ଷମତାଲିପ୍ସୁ ଜନନେତା କ୍ଷମତା ଲାଭ ପରେ ଜନସାଧାଣଙ୍କଠାରୁ ଦୂରେଇ ଯାନ୍ତି। ଏପରି ସ୍ଥଳେ ଏଠି କାହାକୁ ବା ଦୋଷ ଦେବା? ଏଠି ଏପରି ଜନକଲ୍ୟାଣ ହୁଏ ଯେ ଦେଶରେ ଗଡ଼ାଯାଉଥିବା କାମ ଅଧାରୁ ରୁହେ, ବ୍ରିଜ ଭୁଷୁଡ଼େ, ଅମ୍ଳଜାନ ଗ୍ୟାସ ଅଭାବରୁ ଶିଶୁ ମୃତ୍ୟୁ ଘଟେ। ଅନେକ ନଗଡ଼ାର ଦୃଶ୍ୟ ସମାହିତ ହୁଏ ଏ ଦେଶରେ।

ମୂଲ୍ୟବାନ ଜୀବନ ବିନା କାରଣରେ ବିପନ୍ନ ହୁଏ ଯେମିତି ଲଗାତାର ଟ୍ରେନ୍ ଆକ୍ସିଡେଂଟ୍ ତଥା ସଡ଼କ ଦୁର୍ଘଟଣା। ମୌଳିକ ସୁବିଧା ଦେବାରେ ସରକାର ପଛେଇ ଯାଇଥିବାରୁ ହରତାଳ ହୁଏ, ଧର୍ମଘଟ ହୁଏ। ପୁନରାୟ ଯଥାପୂର୍ବଂ ତଥାପରଂ। ଦେଶର ନାଗରିକମାନେ ମୁକ୍ତିର ମାର୍ଗ ଖୋଜୁଥିବା ସ୍ୱାଧୀନତା ପାଇଥିଲେ ହେଁ ହରାଇ ବସେ ସେସବୁ। ତେବେ କ'ଣ କହିବାକୁ ହେବ ଯେ -

"ମୁକ୍ତି ଯାଗରେ ଆମରି ଆଗରେ
ଯେଥିଲା ଆମର ନେତ
ଶାସନରେ ବସି ଭୋଗରେ ସେ ଆଜି
ଭ୍ରଷ୍ଟଚେତା,
ମଦଭୋଜି ନାଟ ବଣ୍ଟନ କରି
କିଏ ଭୁଲାଉଛି ଦୁଃସ୍ଥ ମନ
ଇନ୍ଦ୍ରଜାଲ ମାୟା ମେଲିଦେଇ
କିଏ ଜିଣୁଛି ନିର୍ବାଚନ।

ଜାତୀୟ ଚରିତ୍ରରେ ଆଜି ଅଧୋଗତି ଘଟିଛି। ଧର୍ମ ନାମରେ ବ୍ୟଭିଚାର, ଭାଣ୍ଡାମୀ, ବିଶୃଙ୍ଖଳା ସାମାଜିକ ଜୀବନକୁ ନଷ୍ଟ ଭ୍ରଷ୍ଟ କରିଦେଉଛି। ଆତ୍ମଘୋଷିତ ଭଗବାନ ବୋଲାଉଥିବା ବାବାମାନେ ଧର୍ମ ନାମରେ ବ୍ୟବସାୟ କରି ଶୋଷଣ କରିଚାଲିଛନ୍ତି। ଦେହଭୋଗ, ଧନପ୍ରତି ପ୍ରବଳ ଆସକ୍ତିରେ ସେମାନେ କବଳିତ ହୋଇ ନାରକୀୟ ଲୀଳାମାନ ରଚିଚାଲିଛନ୍ତି।

ଆଜି ସାମାଜିକ ଜୀବନରେ ସ୍ୱାର୍ଥପରତା, ହିଂସା,ଭ୍ରଷ୍ଟାଚାର ଅନୀତି ଓ ଅନ୍ୟାନ୍ୟ ଆଚରଣ ଘଟଣା ବାରମ୍ବାର ସଂଘଟିତ ହେଉଅଛି। ସାମାଜିକ ସଚେତନତା ଓ ଜୀବନ ଯାପନର ମୂଲ୍ୟବୋଧ ପ୍ରତି ଉଦାସୀନତା ହେତୁ ସାମାଜିକ ଜୀବନରେ ବହୁ ଅସଂଗତି ପରିଲକ୍ଷିତ। ସାଂପ୍ରତିକ କାଳରେ ରାଜନୈତିକ ସଚେତନତା ଭାରତରେ ସାମାଜିକ ଜୀବନର ଏକ ମୁଖ୍ୟ ପ୍ରସଙ୍ଗ ହୋଇଛି।

ଏକଦା ସ୍ୱାମୀ ବିବେକାନନ୍ଦ କହିଥିଲେ ଏହି ଦେଶରେ ସାଧିତ ଅନେକ ଅଛି କିନ୍ତୁ ସାଧନ ନାହିଁ, ମସ୍ତିଷ୍କ ରହିଛି କିନ୍ତୁ ହାତ ନାହିଁ। ଆମ ପାଖରେ ମର୍ହା ବେଦାନ୍ତ ମତ ରହିଛି ଅଥଚ ତାର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ପାଇଁ ଆମ ପାଖରେ କ୍ଷମତା ନାହିଁ। ଆମର ଉପାଦେୟ ଗ୍ରନ୍ଥମାନଙ୍କରେ ସାମ୍ୟବାଦର ସିଦ୍ଧାନ୍ତ ମାନ ଉଲ୍ଲିଖିତ ହୋଇଛି କିନ୍ତୁ ତାକୁ କାର୍ଯ୍ୟକାରି କରିବାରେ ମତଭେଦ ରହିଛି। ନିସ୍ୱାର୍ଥ ନିଷ୍କାମ କର୍ମ କଥା ଭାରତରେ ପ୍ରଚାରିତ ହୋଇଛି କିନ୍ତୁ ଆମର କର୍ମ ଅତ୍ୟନ୍ତ ନିର୍ମମ ଓ ଅତ୍ୟନ୍ତ ହୃଦୟ ହୀନ ଅଟେ।

ଭାରତର ଉତ୍‌ଥାନ ସେତେବେଳେ ହେବ ଯେତେବେଳେ ବିଶାଳ ହୃଦୟରେ କୋଟି କୋଟି ନରନାରୀ ଭୋଗବିଳାସ ଓ କୃତିମ ସୁଖର ସବୁ ଇଚ୍ଛାକୁ ବିସର୍ଜନ ଦେଇ କାୟମନୋବାକ୍ୟରେ ଏଇ କୋଟି କୋଟି ଭାରତବାସୀଙ୍କର କଲ୍ୟାଣ ପାଇଁ ସଚେଷ୍ଟ ହେବେ। ଦାରିଦ୍ର୍ୟ, ମୂର୍ଖତା ଅଗାଧ ସାଗରରେ ଲୀନ ହୋଇଯିବ।

ପ୍ରକୃତରେ ନୂଆ ଭାରତର ଦିବ୍ୟରୂପ ସ୍ପଷ୍ଟ ହେଇ ଉଠିବ ଉଷାର ବାଳକିରଣରେ ଅରୁଣିମାରେ। ଭାରତର ଜନଗଣମନରେ ନିନାଦିତ ହେଉଥିବ ସତ୍ୟ ଶିବସୁନ୍ଦରର ଅମୃତ ଝଙ୍କାର। ଜାତୀୟ ବିପତିକୁ ଦମ୍ଭର ସହିତ ନିଜର ଶୌର୍ଯ୍ୟ, ବୀର୍ଯ୍ୟ ଓ ପୌରଷର ଦାମ୍ଭିକତାରେ ମୁକାବିଲା କରିବା ପାଇଁ ସଶକ୍ତ ସୁଦୃଢ଼ କରିବାର ସଂକଳ୍ପ ନେଉଥିବ ଏ ମାଟିର ମଣିଷ। ସମାଜରେ କଳାଟଙ୍କା, କିଳାପୋତେଇ, କଳାବଜାର, କୂଟକପଟ ଆଜି କାୟାବିସ୍ତାର କରି ଜୀବନକୁ କଣ୍ଟକିତ କରୁଥିବାବେଳେ ସତରେ ଆମେ ତାର ପ୍ରତିବାଦ କରୁନାହୁଁ। ଆମର ସ୍ୱର ଶୂନରେ ମିଳେଇ ଯାଇଛି। ଆତ୍ମ ବିଜ୍ଞାପନ, ଆତ୍ମ ପୂଜନ ଓ ଆତ୍ମ ପ୍ରଚାରରେ ଆମେ ଆଜି ମାତି ଚାଲିଛୁ। ରାଜନୀତି ତଥା ସମାଜର ବିଭିନ୍ନ ସ୍ତରରେ ଦେଖାଦେଇଥିବା ଦୁର୍ନୀତି ଛଳନାର ମୁଖାପିନ୍ଧି ଅପରକୁ ଭୁଲାଇବାର ଅପଚେଷ୍ଟା, ଯେକୌଣସି ପରିସ୍ଥିତିରୁ ଫାଇଦା ଉଠାଇବାରେ ସ୍ୱାର୍ଥପର ମନୋଭାବ ଆଦର୍ଶ ଓ ନୈତିକତାର ଚରମ ପରିପନ୍ଥୀ। ଆମଭିତରୁ କୁମ୍ଭକର୍ଣ୍ଣର ନିଦ୍ରା ଭଙ୍ଗ କରିବାକୁ ପଡ଼ିବ। ଐକ୍ୟବଦ୍ଧ ଭାବରେ ସଂଗ୍ରାମ ଜାରି ରଖିବାକୁ ହେବ - ସୁପ୍ତ ଜାତି ଉଠିବ ସେ ଭ୍ୟବ ମୁହୂର୍ତ କୁ ମାତ୍ର ଅପେକ୍ଷା ରହିଛି- କବିଙ୍କ ସହ ସ୍ୱର ମିଳାଇ ଦାମ୍ଭିକତା ସହ କହିବାକୁ ପଡ଼ିବ -

"ବାଜି ଉଠୁବାରେ ମରଣ ବିଜୟୀ ବଂଶୀ
ସେ ବୁକୁତଳେ
ଧର୍ଜଟୀ ଜଟାଛୁଟୁ କମ୍ପାଇ ଯଉବନ
କୁତୂହଳେ।"

*ସିଡ଼ି.ଏ, କଟକ-୧୪*
*ଦୂରଭାଷ : ୯୪୩୭୭୨୮୪୭୫*

# ଗରିବଙ୍କ ପାଇଁ ବ୍ୟାଙ୍କ

ଦେବୀ ପ୍ରସାଦ ମିଶ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଆହ୍ୱାନ ଜଣାଇ କହିଛନ୍ତି ଆଗାମୀ ୨୦ ବର୍ଷ ମଧ୍ୟରେ ଯୋଜନାବଦ୍ଧ ଭାବେ ପ୍ରତ୍ୟେକ ଗରିବଙ୍କ ନିକଟରେ ପହଞ୍ଚିବା ଲାଗି ଆରବିଆଇ ଆର୍ଥିକ ସଂସ୍ଥାର ନେତୃତ୍ୱ ନେଉ। ମୁମ୍ବଇରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବ୍ୟାଙ୍କ ପାଖକୁ ସମସ୍ତଙ୍କୁ ଯିବାକୁ ହୋଇଥାଏ। ଧନୀ ଲୋକଟିଏ ମଧ୍ୟ ବ୍ୟାଙ୍କ ପାଖକୁ ଯାଏ। ମୁଁ ଗରିବ, ପଛୁଆବର୍ଗ ଓ ଆଦିବାସୀଙ୍କ ପ୍ରତିନିଧି ଭାବେ ଏଠାକୁ ଆସିଛି। ମୁଁ ସେମାନଙ୍କ ମଧ୍ୟରୁ ଜଣେ। ସେ କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକ ବଡ଼ ବଡ଼ କର୍ପୋରେଟ ସଂସ୍ଥା ବା ଧନୀ ଲୋକଙ୍କ ପାଇଁ କାର୍ଯ୍ୟ ନକରି ଗରିବଙ୍କ ପାଇଁ ସହାୟତାର ହାତ ବଢ଼ାନ୍ତୁ। ଧନୀମାନେ ବ୍ୟାଙ୍କରୁ ମୋଟା ଅଙ୍କର ଋଣ ନେଇ ସୁଝୁନାହାନ୍ତି। ଋଣ ବ୍ୟାଡ଼ ଲୋନରେ ପରିଣତ ହେଉଛି। ଅଥଚ ଜଣେ ଗରିବ ମାତ୍ର କିଛି ଟଙ୍କାରେ ନିଜ ପରିବାରକୁ ସଳଖିବାରେ ସମର୍ଥ ହୁଏ। ଯଦି ଗୋଟିଏ ଗରିବକୁ ହଜାରେ ଟଙ୍କା ଋଣ ଦିଆଯାଏ ତେବେ ଋଣ କିଭଳି ପରିଶୋଧ କରିବ ସେଥିପାଇଁ ତାକୁ ରାତିରେ ନିଦ ହୁଏ ନାହିଁ। ଅଥଚ ଧନୀଲୋକମାନେ କୋଟି କୋଟି ଟଙ୍କା ଋଣ ନେଇ ଫାଙ୍କି ଦିଅନ୍ତି। ଗରିବଙ୍କୁ ସାମାନ୍ୟ ଆର୍ଥିକ ସହାୟତା ଦିଆଗଲେ ସେମାନେ ନିଜକୁ ସ୍ୱାବଲମ୍ବୀ କରିବା ସହିତ ଦେଶର ଅର୍ଥନୀତିରେ ବଡ଼ ସହଯୋଗ କରିଥାନ୍ତି। ତେଣୁ ଗରିବ, ଛୋଟ ଛୋଟ ବ୍ୟବସାୟୀ ସ୍ୱାବଲମ୍ବୀ ହେବାକୁ ଚେଷ୍ଟା କରୁଥିବା ମହିଳା, ଯୁବକ ଓ କୃଷକମାନଙ୍କୁ ସେମାନଙ୍କ ଦ୍ୱାରା ନିକଟରେ ଆର୍ଥିକ ସେବା ପହଞ୍ଚାଇ ଦେବାକୁ ମୋଦି ଆହ୍ୱାନ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଦେଶ ସ୍ୱାଧୀନ ହେବାର ୬୮ ବର୍ଷ ପରେ ମଧ୍ୟ ଯଦି ଆମ ଚାଷୀ ଭାଇମାନେ ମହାଜନୀ ସୁଧ ଯୋଗୁଁ ଆତ୍ମହତ୍ୟା କରନ୍ତି ତେବେ ଆମ ବ୍ୟାଙ୍କିଂ ବ୍ୟବସ୍ଥା ପାଇଁ ଏକ ଉପହାସ। ମୋଦି କହିଛନ୍ତି ଆରବିଆଇ ୨୦୩୫ ମସିହା ସୁଦ୍ଧା ପ୍ରତିଟି ଗରିବଙ୍କ ପାଖରେ ବ୍ୟାଙ୍କିଂ ସେବା ପହଞ୍ଚାଇ ସେମାନଙ୍କ ଜୀବନଶୈଳୀକୁ ସୁଧାରିବାରେ ସହାୟ ହେବାକୁ ଚେଷ୍ଟା କରୁ।

ଆମ ଦେଶର କେବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶିଳ୍ପରେ ରହିଛି ୭୫୦୦୦ ବ୍ୟାଙ୍କ ଶାଖା। ଏଥିରେ ସାଧାରଣ ଲୋକଙ୍କ କଷ୍ଟାର୍ଜିତ ଜମା ଟଙ୍କାର ପରିମାଣ ୮୦ ଲକ୍ଷ କୋଟି। ଏଥିରୁ ୪୨ ଲକ୍ଷ କୋଟି ଟଙ୍କା ଋଣ ଆକାରରେ ବିନିଯୁକ୍ତ। ୨୦୨୧ - ୨୨ ଆର୍ଥିକ ବର୍ଷରେ ବ୍ୟାଙ୍କ ଶିଳ୍ପର ଲାଭ ୧,୬୮,୦୦୦ କୋଟି ଟଙ୍କା କିନ୍ତୁ ନିଟ୍ ଲାଭ ୩୭୦୦୦ କୋଟି ଟଙ୍କାରେ ସୀମିତ ଥିଲା। କାରଣ ଧନୀ ଓ ଶିଳ୍ପୋଦ୍ୟୋଗୀମାନେ ବ୍ୟାଙ୍କରୁ ଋଣ ନେଇ ପରିଶୋଧର ନାଁ ଧରିନାହାନ୍ତି ସେମାନଙ୍କ ପାଇଁ ଋଣ ମାଫ କରାଯିବାରେ ବ୍ୟାଙ୍କ ଲାଭରୁ ୯୭,୦୦୦ କୋଟି ଟଙ୍କା ବାଦ ଦିଆଯାଉଛି। ଫଳରେ ନିଟ୍ ଲାଭ କମୁଛି। ଭାରତରେ ଥିବା ବିଭିନ୍ନ ବ୍ୟାଙ୍କ ଭିତରୁ ଅନ୍ୟତମ ବୃହତ ରାଷ୍ଟ୍ରାୟତ ବ୍ୟାଙ୍କ ହେଉଛି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ। ଏହାର ଗୋଟିଏ ଶାଖା ଓଡ଼ିଶାରେ ଅଛି। କିଛି ଅସାଧୁ ଅଫିସରଙ୍କ ପାଇଁ ବ୍ୟାଙ୍କ ବଦନାମ ହୋଇ ଚାଲିଛି। କିଛି ଦିନ ପୂର୍ବରୁ ପ୍ରଧାନ ମନ୍ତ୍ରୀ ଘୋଷଣା କରିଥିଲେ ଯେ କିଛି ବ୍ୟାଙ୍କ କିଛି ବ୍ୟାଙ୍କ ସହ ମିଶିବା ପାଇଁ। କିଛି ବ୍ୟାଙ୍କ ଦେବାଳିଆ ଅବସ୍ଥାରେ ଥିଲା ତା ମଧ୍ୟରୁ ଓ.ବି.ସି ବା ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆର ଅବସ୍ଥା ଏହିପରି ଥିଲା। ଏହି ଦୁଇ ବ୍ୟାଙ୍କକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଟେକଓଭୋର କଲା। କିନ୍ତୁ ଦୁଃଖର ବିଷୟ ଏହି କି ଯେ ସେ ଯେଉଁ ଅଫିସର ଏହି ଦୁଇ ବ୍ୟାଙ୍କକୁ ବୁଡ଼ାଇକି ଆସିଥିଲେ ଏମାନେ ଶପଥ ନେଇଛନ୍ତି କି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ମଧ୍ୟ ବୁଡାଇବେ। ଉଦାହରଣ ସ୍ୱରୂପ ଓଡ଼ିଶା ରାଜ୍ୟରେ ଏକ ମୁଖ୍ୟ କାର୍ଯ୍ୟାଳୟ ଜାଗମରାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ରେଜିଓନାଲ ଅଫିସ ଅବସ୍ଥିତ। ତା ଭିତରେ ସର୍କଲ ଶାସ୍ତ୍ର ଡିଭିଜନର ଜଣେ ବହୁ ନାମିଦାମୀ ସୁନାମଧନ୍ୟ ଅଫିସର ପ୍ରଶାନ୍ତ କୁମାର ଶ୍ରୀଚନ୍ଦନ। ସେ ଶପଥ ନେଇଛନ୍ତି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ବୁଡାଇବା ପାଇଁ। ଏହି ଅଫିସରଙ୍କ ନାମରେ ଚୌଦ୍ୱାର ଥାନାରେ ଠକାମି ମାମଲା ରହିଛି। ଚାରିଶହ କୋଡିଏ କେଶ ମନୋରଞ୍ଜନ ସିଂ ନାମକ ଏକ ବ୍ୟକ୍ତି କରିଥିଲେ। ମିଶ୍ରବାବୁ ଏବଂ ଶ୍ରୀଚନ୍ଦନ ବାବୁ ତାଙ୍କୁ ବହୁତ ଭଲ ଭଲ କଥା କହି ଠକି ଦେଇଥିଲେ। ଶ୍ରୀଚନ୍ଦନ ବାବୁ ଭୁବନେଶ୍ୱରରେ ମରିଯାଇଥିବା ଜଣେ ବ୍ୟକ୍ତି ପ୍ରେମାନନ୍ଦ ମହାନ୍ତି ବଞ୍ଚିଥିବା ଅବସ୍ଥାରେ କୋର୍ଟ ତାଙ୍କୁ ଅର୍ଡ଼ର ଦେଇଥିଲେ ତାଙ୍କର ନିଲାମ ଟଙ୍କା ଡିପୋଜିଟ କରିବା ପାଇଁ ଏବଂ ସେ କୋର୍ଟ ଅର୍ଡ଼ରକୁ ମାନି ଟଙ୍କା ଡିପୋଜିଟ କରିଥିଲେ। ପ୍ରେମାନନ୍ଦ ମହାନ୍ତି ଟଙ୍କା ଡିପୋଜିଟ କରିଥିଲେ ମଧ୍ୟ ଶ୍ରୀଚନ୍ଦନ ବାବୁ ଏବଂ ମିଶ୍ରବାବୁ ଏ ଅର୍ଡ଼ର ନ ମାନି ତାଙ୍କ ଜମିକୁ ବାରମ୍ବାର ନିଲାମ କରି ଚାଲିଥିଲେ। ଶ୍ରୀଚନ୍ଦନ ବାବୁ ଏବଂ ମିଶ୍ରବାବୁଙ୍କର ଦାଦାଗିରି ଏତେ ମଜଭୁତ ଯେ ସବୁବେଳେ କୁହନ୍ତି ଆମ ଓ.ବି.ସି. ବ୍ୟାଙ୍କର ଲୋକ ଯିଏକି ବର୍ତ୍ତମାନ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଚେୟାରମ୍ୟାନ ଏବଂ ସେ ମୋର ବହୁତ ନିକଟତର ଲୋକ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ହେଡ ଅଫିସରେ ବର୍ମା ବାବୁ ମୋର ଖାସ ଲୋକ ବୋଲି ଶ୍ରୀଚନ୍ଦନ ବାବୁ କହନ୍ତି।

ଏହି ପ୍ରସଙ୍ଗରେ ସାଧାରଣରେ ପ୍ରଶ୍ନ ଉଠିବ ଯେ କର୍ତ୍ତୃପକ୍ଷଙ୍କ ପାଖରେ ନିଶ୍ଚୟ ଉଚ୍ଚ ପଦାଧିକାରୀ ଥିବେ ଯିଏ କି ଗ୍ରାହକ ଓ ବ୍ୟାଙ୍କର କୌଣସି ଦୁର୍ଦ୍ଦଶାକୁ ସାମ୍ନା କରୁଥିବା ବ୍ୟକ୍ତିଙ୍କ ଠାରୁ ଅଭିଯୋଗ ଗ୍ରହଣ କରି ସହାୟତା କରିବେ। ଏହା ସମ୍ପୂର୍ଣ୍ଣ ଠିକ କଥା, ଆସନ୍ତୁ ଭଲ ଭାବେ ଜାଣିବା ବାସ୍ତବରେ ଏହାର ଅନ୍ୟତମ ମୁଖ୍ୟ ବ୍ୟବସ୍ଥାପକଙ୍କ ଲୋକମାନଙ୍କ ପ୍ରତି ଆଚାର ବ୍ୟବହାର। ଓଡ଼ିଶାର ଯିଏ ଜୋନାଲ ଜେନେରାଲ ମ୍ୟାନେଜର ଅଛନ୍ତି ଯାହାକୁ ସମସ୍ତେ ଉଦୟ ଭାସ୍କର ରେଡ୍ଡୀ ଅଲତୁର ବୋଲି ଜାଣନ୍ତି। ସେ ମୋର ଡାହାଣ ହାତର ଲୋକ। ମୁଁ ତାଙ୍କ ପାଇଁ ସବୁ ପ୍ରକାର ସୁବିଧା ଏବଂ ଅସୁବିଧା ବୁଝେ। ସେଥିପାଇଁ ମୁଁ ତାଙ୍କର ଗେହ୍ଲାପୁଅ ପରି। ଆଜି ପର୍ଯ୍ୟନ୍ତ ଆମେ ଦୁଇ ଅଫିସର ନଅ ବର୍ଷ ହେଲାଣି ଏହି ରିକଭରି ଡିପାର୍ଟମେଣ୍ଟରେ ରହିଛୁ। ନା କେହି ଚାହିଁଲେ ଆମକୁ କିଏ ଟ୍ରାନ୍ସଫର କରିପାରୁଛି ଆଉ ନା ଆମ ଚାକିରି ଉପରେ କିଛି ଆଞ୍ଚ ଆସିବା ପାଇଁ ଦେଉଛୁ। ଶ୍ରୀଚନ୍ଦନ ବାବୁ କୁହନ୍ତି ଆପଣ ଭୁଲି ଯାଉଛନ୍ତି କି ଆପଣମାନେ ଯେତେବେଳେ ଲୋନ ନେବାକୁ ଆସନ୍ତି ବ୍ୟାଙ୍କ ମ୍ୟାନେଜର ମାନଙ୍କୁ ପକେଟ ଖର୍ଚ୍ଚ ଦେବାକୁ ପଡ଼େ। ସେହିପରି ଯେତେବେଳେ ଓ.ଟି.ଏସ୍ ହୁଏ ଆପଣମାନଙ୍କୁ ଆମକୁ ଖର୍ଚ୍ଚ ଦେବାକୁ ପଡ଼ିବ। ସେହି ଖର୍ଚ୍ଚଟି ଆମ୍ଭେମାନେ ତଳୁ ଉପର ଅଫିସର ପର୍ଯ୍ୟନ୍ତ ବାଣ୍ଟି କରି ନେଉ। ଦିଲ୍ଲୀରେ ବସିଥିବା ବର୍ମାଜୀଙ୍କୁ ଆଉ ଅନ୍ୟ ଅଫିସରକୁ ମଧ୍ୟ ଆମେ ଖୁସି କରାଉ। ଏହିପରି ଭାବରେ ରିକୋଭରି ନାମରେ ଗୁଣ୍ଡାରାଜ ଚଳାଉଛନ୍ତି। ଯେଉଁ ଦଲାଲମାନେ ଆପଣଙ୍କ ସମ୍ପତ୍ତିକୁ କମ ଦାମରେ କିଣି ଅନ୍ୟ ଲୋକଙ୍କୁ ଚଢ଼ା ଦାମରେ ବିକ୍ରି କରିଦେଉଛନ୍ତି। ଶ୍ରୀଚନ୍ଦନ ବାବୁ ଏହିପରି ବିଭିନ୍ନ ପ୍ରକାର କମ୍ପାନୀ ସହ ଜଡ଼ିତ ହୋଇ ଅଛନ୍ତି। ଯଥା ପ୍ରମାଣସ୍ୱରୂପ ରାୟପୁରର ଶ୍ରୀରାମ ଏଣ୍ଟରପ୍ରାଇଜେସର ମାଲିକ ନାମ ରାଲ୍ଲୁଆନି ବାବୁ ଓ ଶ୍ରୀଚନ୍ଦନ ବାବୁ ମିଶିକରି ବିହାରରେ ଥିବାଏକ ମଦ କମ୍ପାନୀର ଏଗାର କୋଟି ଟଙ୍କାକୁ ଦଶ ଲକ୍ଷ ଟଙ୍କା ଟଙ୍କାରେ ବିକ୍ରି କରିଦେଇଛନ୍ତି। ଏମିତି ବହୁତ ଗ୍ରାହକ ଅଛନ୍ତି ଯାହାଙ୍କ ସହିତ ଶ୍ରୀଚନ୍ଦନ ବାବୁ ଏହିପରି ଠକାମି କାମ ସବୁ କରିଛନ୍ତି। ସମସ୍ତେ ସବୁ ଜାଣିଲା ପରେ ମଧ୍ୟ କେହି ମୁହଁ ଖୋଲି ପାରୁନାହାଁନ୍ତି। କାରଣ ସେ ତାଙ୍କ ଅଫିସରେ ଏକ ନୂଆ କୋଠାଘରକୁ ଡାକି ଧମକ ଦିଅନ୍ତି ଓ କୁହନ୍ତି ଦେଖୁଛନ୍ତି ଆମର ଏ କୋଠାଘରେ କାମ କରୁଥିବା କେତେ କର୍ମଚାରୀ ସବୁ ଅଛନ୍ତି। ଆମ୍ଭେମାନେ ସମସ୍ତେ ମିଶିକରି ତୁମ ନାମରେ ମିଥ୍ୟା ଅଭିଯୋଗ କହିବୁ। ଆଉ ଏକ କଥା ମଧ୍ୟ ରହିଛି ଯାଜପୁର ରୋଡ଼ର ଲକ୍ଷ୍ମୀ ଏଣ୍ଟରପ୍ରାଇଜେସ କମ୍ପାନୀର ମାଲିକଙ୍କୁ ଡାକି କି ତାଙ୍କ ଅଫିସରେ ପନ୍ଦର ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏବଂ ଧମକ ମଧ୍ୟ ଦେଇଥିଲେ ଯେ ତମେ ଯଦି ଆମକୁ ଲାଞ୍ଚ ନ ଦେବ ତାହାହେଲେ ମୁଁ ପଟ୍ଟନାୟକ ଏବଂ ସାଲୁଜାକୁ କହିକି ବାଲେଶ୍ୱର ଥାନାରେ ତମ ନାମରେ ଏଫଆଇଆର ରଦ୍ଦ କରିବି ଏବଂ ତମ ସମ୍ପତ୍ତିକୁ ଓ.ଟି.ଏସ ନକରି କମ ଦାମରେ ବିକ୍ରି କରିଦେବି। ଯେତେବେଳେ କମ୍ପାନୀର ମାଲିକ ଏହି ଲାଞ୍ଚ ନଦେବା ପାଇଁ ବିରୋଧ କଲା ଶ୍ରୀଚନ୍ଦନ ବାବୁ ଓ ବାଲେଶ୍ୱର ଷ୍ଟାଫ ମିଶି ସେହି ସମ୍ପତ୍ତିକୁ ପଞ୍ଚାନବେ ଲକ୍ଷରେ ବିକ୍ରି କରିଦେଲେ। କମ୍ପାନୀ ମାଲିକ ଏକ କୋଟି ଚାରି ଲକ୍ଷ ଓ.ଟି.ଏସ ଅଫର ଦେଇଥିବା ଅବସ୍ଥାରେ ଏହି ବ୍ୟାଙ୍କ ଅଫିସରମାନେ ନିଜେ ଗୋଟେ ପାର୍ଟି ଠିକ କରି ସେହି ପାର୍ଟି ଠାରୁ ଲକ୍ଷାଧିକ ଟଙ୍କା କମିଶନ ନେଇ ତାକୁ ବିକ୍ରି କରିଦେଲେ। ସେହିପରି ଭୁବନେଶ୍ୱର ସର୍କଲ ଅଫିସରେ ଗ୍ରାହକମାନେ ଗଲାବେଳକୁ ଓ.ଟି.ଏସ୍. ପାଇଁ ସେତେବେଳେ ବ୍ୟାଙ୍କ କହୁଛି ଯେ ତୁମ କବଲା ପୋଡି ଯାଇଛି, ହଜିଯାଇଛି, ଏଭଳି ବିଭିନ୍ନ ପ୍ରକାର ବାହାନା କରୁଛନ୍ତି। ଏମିତି କହି ବ୍ୟାଙ୍କ ଗ୍ରାହକ ମାନଙ୍କୁ ଧମକାଉଛନ୍ତି ଓ ଏପରି କରି ଫେରାଇ ଦେଉଛନ୍ତି। ବ୍ୟାଙ୍କରେ ଚାଲିଥିବା ଅନିୟମିତତା, ଦୁର୍ନୀତି, ଋଣଦାନ ନେଇ ନୀତି ଓ ଅନାଦାୟ ଋଣର ବୃଦ୍ଧିନେଇ ବ୍ୟାଙ୍କ ଗୁଡ଼ିକ ଚିନ୍ତିତ ହେଲେ ମଧ୍ୟ ପୁଞ୍ଜିପତି ଓ ଶିଳ୍ପପତିଙ୍କ ପ୍ରତି ସେମାନଙ୍କ ଦରଦ ବନ୍ଦ ହେଉନାହିଁ। ହେଲେ ସେପଟେ ଟଙ୍କା କେଇଟା ପାଇଁ ଆମ ଚାଷୀ ଓ ଗରିବ ଲୋକଙ୍କ ମଧ୍ୟରେ ନିରାଶା ଖେଳିଯାଉଛି। ସେମାନେ ଉଧେଇ ପାରୁନାହାନ୍ତି। ତେଣୁ ବ୍ୟାଙ୍କ ଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ସଂକେତ ନେଇ ଗରିବଙ୍କ ପାଇଁ କାମ କଲେ ଦେଶର ଅର୍ଥନୀତି ସୁଦୃଢ଼ିବା ସହ ବ୍ୟାଙ୍କିଂ ବ୍ୟବସ୍ଥାର ପ୍ରକୃତ ଲକ୍ଷ୍ୟପୂରଣ ହୋଇପାରିବ।

*ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା,*
*ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ,*
*୪ ଫରେଷ୍ଟ ପାର୍କ, ଭୁବନେଶ୍ୱର*

## ଧାରାବାହିକ ଉପନ୍ୟାସ

### ବିଷ୍ଣୁମଙ୍ଗଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୫୪




*(ପୂର୍ବପ୍ରକାଶ ଉତ୍ତାରୁ)*

ଲୀନା ଚମକିପଡି କହିଲା- ବା..ହା..ଘ..ର ? ହେଲେ କାହିଁକି ? ମୁଁ ମୋ ଅଜାଣରେ କଣ କିଛି କରିପକାଇଛି ନା ସେ ଦିନପାଇଁ ମୋତେ ଏ ଘରୁ ନିର୍ବାସିତ କରିଦେବ ସାନବାବୁ ? ହେଲେ ରାଣଖାଇ କହୁଛି- ମୁଁ ବିବାହର ଚିନ୍ତା କେବେ ବି କରିନି।

କେବଳ ସ୍ୱାର୍ଥପର ଭାବରେ ତୋତେ ବାନ୍ଧି ରଖିଲେ ମୁଁ ମୋ ନିଜ ଆଖିରେ ଛୋଟ ହୋଇଯିବି ଲୀନା। ତୋର ତ ପୁଣି ଜୀବନଟିଏ ଅଛି। ବଂଚିବାର ଅଧିକାର ବି ଅଛି। ଧାଇ ମାଆ ଭଳି ତୁ ଯେ ସଂସାରରେ ଏକା ହୋଇଯାଆ,ତା' ମୁଁ କେବେ ଚାହେଁନି। ତାଙ୍କ ଜୀବନରେ ସିନା ତୁ ଥିଲୁ, ହେଲେ ତୋ ପାଇଁ କିଏ ଅଛି ? ତୋ ମନକଥା, ବ୍ୟଥା ବାଂଟିବାକୁ ,ତୋ ସହିତ ଟିକେ ହସିବାକୁ କି ବସିବାକୁ ବି କିଏ ଅଛି ?

ମୁଁ ତ ସେସବୁ ଚାହିଁନି କେବେ ! ଲୀନା ନିରୀହତାରେ ଛଳଛଳ ଦିଶୁଥିଲା।

ତେବେ ତୁ କଣ ଚାହୁଁ ? ମନଖୋଲି କହ ଲୀନା ! ତୁ କହିଲେ ସିନା ମୁଁ କିଛି କରିପାରିବି !

ମୋ ମନରେ କିଛି ଭାବନା ନାହିଁ। ଖାଲି ବଂଚିବାର ଅଛି ବୋଲି ବଂଚିଯାଉଛି। ଇଚ୍ଛାମୃତ୍ୟୁ ହାସଲ କରିହୁଅନ୍ତା ଯଦି ମରିସାରନ୍ତିଣି କେବେଠାରୁ। ତା ସ୍ୱର ଥରିଉଠିଲା କିଛି ସମୟ ପାଇଁ।

ହଁ ତୋ ଇଚ୍ଛା ଅନୁସାରେ ତୁ କାମ କରୁଛୁ ଆଜିକାଲି। ଆଉ ମନହେଲେ ଆତ୍ମହତ୍ୟା କରିବାର ଚେଷ୍ଟା ବି ଆଗକୁ ଜାରିରଖିବୁ, ନୁହେଁ।

ଲୀନା ଏଥର ବୁଝିପାରିଲା ସାନବାବୁଙ୍କ କଥାର ରହସ୍ୟ। ନିଜ ଭୁଲ୍ ସ୍ୱୀକାର କରି କହିଲା- ମୁଁ ସେ ପାପ କରିଛି। ଯାହା ଶାସ୍ତି ଦେବ ମଥାପାତି ସହିନେବି।

ତୁ କେବେ ଭାବିଛୁ ଲୀନା, ତୋର ଯଦି କିଛି ହୋଇଯାଇଥାନ୍ତା, ପରିସ୍ଥିତି କଣ ହୋଇଥାନ୍ତା ? ମୋ ଅବସ୍ଥା ଓ ଘରର ଅବସ୍ଥା କଥା ଛାଡ। ପୋଲିସ କଷ୍ଟୋଡି ଭିତରେ ମୁଁ ଥାନ୍ତି ଅନିର୍ଦ୍ଦିଷ୍ଟ କାଳଯାଏଁ। ଏ ଘର ଯାହାକୁ ତୁ ଦେବାଳୟ ଭଳି ମନେକରୁ, ଦିନେ ଭୂତକୋଠି ପାଲଟିଥାନ୍ତା ! ଏତେ ବଡ ନିଷ୍ପତ୍ତି କିପରି ନେଲୁ ତୁ !

ଖାଲି ତୁମକୁ କଷ୍ଟରେ ଘାଣ୍ଟିଚକଟି ହେବାର ଦେଖି ବ୍ୟସ୍ତ ହୋଇପଡିଲି। ଲାଗିଲା ତୁମପାଇଁ ଓ ଏ ଘରପାଇଁ ମୁଁ ଗୋଟେ ଅଶୁଭ ଗ୍ରହ ! ସେଥିପାଇଁ..

ତାହେଲେ ତୋତେ ମୋର ଗୋଟିଏ କଥା ରଖିବାକୁ ହେବ।

କଅଣ ସାନବାବୁ ?

ତୋତେ ବିବାହ କରିବାକୁ ପଡିବ। ତୋର ନିଜଭାଗର ଜୀବନଟିକୁ ଜୀଇଁବାକୁ ପଡିବ। ତୋର ସ୍ଥିର ଚେହେରା ମୁଁ ଆଉ ସହ୍ୟ କରିପାରୁନି।

ହେଲେ ମୁଁ ବିବାହ କରିବାକୁ ଚାହେଁନି। ତୁମ ଆଖିରେ ଯଦି ଖୁଞ୍ଚି ହେଉଛି ତେବେ ଆଉ କୁଆଡେ ଚାଲିଯିବି ପଛେ ! ଅଭିମାନରେ ଜୁଡୁବୁଡୁ ହେଲା ସେ।

ମୋ କଥା ତାହେଲେ ରଖିବୁନି ? ସାନବାବୁ ପଚାରିଲେ ଆତ୍ମୀୟତାର ସହିତ।

ଉତ୍ତରରେ ଲୀନା କହିଲା- ମୋ ମନକହେ ଏଇଠିରହି ଏ ଘରର ଆଉ ତୁମର ସେବା କରିବାକୁ ବଂଚିଥିବା ଯାଏଁ କିଛି ଚାହିଁବନି !

କାହିଁକି ନିଜ ଜୀବନକୁ ବରବାଦ୍ କରିଦେଉଛୁ ଲୀନା ? ବାର୍ଦ୍ଧକ୍ୟ ଆସିଲେ ପଶ୍ଚାତାପ ହେବ। କେହିଜଣେ ନିଜର ମଣିଷକୁ ଏ ମନ ଖୋଜିବସିବ !

ତାହେଲେ ତୁମକୁ ବି ମୋ କଥା ରଖିବାକୁ ପଡିବ ସାନବାବୁ।

କି କଥା.. ?

ତୁମେ ବି ତୁମ ଜୀବନକୁ ଆପଣେଇ ନିଅ। ସାନ ମାଲିକାଣୀଙ୍କ କଥା ମାନିଯାଅ ଦେଖିବ ଜୀବନ ପୂର୍ବଭଳି ସୁନ୍ଦର ଲାଗିବ ! ପିଲାମାନେ ବି ସେମାନଙ୍କ ଅଧୀକାର ପାଇବେ। ଏ ନିଶୂନ୍ ଘରଟା ଗହଳିରେ ପୂରିଉଠିବ ! ଆଉ ତୁମ ମୁହଁରେ ହସ ଖେଳିବ ! ଏତିକି କହୁକହୁ ଲୀନା ମୁହଁ ଉଜ୍ଜ୍ୱଳି ଉଠୁଥିଲା। ତା ଆଖିକୋଣରେ ସାନବାବୁଙ୍କ ସୁନେଲୀ ଭବିଷ୍ୟତ ପାଇଁ ମେଂଚାମେଂଚା ସ୍ୱପ୍ନ ନେସି ହୋଇଯାଉଥିଲେ। ତା ଜୀବନର ଏକମାତ୍ର ସ୍ୱପ୍ନ ତ ସାନବାବୁ ନା ! ସେ ଖୁସିହେଲେ ତା ମନ ଯେ ପୁରି ଉଠେ ସେ କଥା କଣ କେବେ ବୁଝିପାରିବେ ଏ ଜନ୍ମରେ ? ନା ସେ ବୁଝାଇ ପାରିବ ? ସାନବାବୁ ଅପ୍ରକାଶ୍ୟ ବିରକ୍ତିରେ ଆଉ କିଛି ନପଚାରି ଚାଲିଗଲେ ଶୋଇବା ରୁମ୍‌କୁ।

ଛାତ ଉପରକୁ ଚାହିଁ ସେ ଭାବୁଥିଲେ ନିଜଜୀବନର ଅଙ୍କାବଙ୍କା ନଈଟିର କଥା..। ଜୀବନ ଆଣି ତାଙ୍କୁ କୋଉଠି ପହଂଚାଇଦେଲା ! ଲୀନାର ଏତେ ତ୍ୟାଗ, ଜୀବନବ୍ୟାପୀ ସାଧନା କାହିଁକି ? ସେ କାହିଁକି ତା ଭାଗର ଜୀବନ ବଂଚିବାକୁ ଆଗ୍ରହୀ ନୁହେଁ ? ସେ କଣ ଅପ୍ରାପ୍ତି ଜନିତ ଜୀବନ ଭିତରେ ବି ସୁଖୀ ? ସେ ଏତେ ଉଦାର କିପରି ! ମନିଷା ତା ସାଧନାର ଏକଭାଗ ବି କରିପାରିବନି। ନିଜର ଇଚ୍ଛାମାନଙ୍କୁ ଜଳାଞ୍ଜଳି ଦେଇ ଏମାନେ କଣ ପାଆନ୍ତି ? ଏମିତିରେ ନିଜର ବୋଲି କହିବାକୁ ତା ପାଖେ କେହି ବି ତ ନାହାନ୍ତି। ସେ କଣ ଏମିତି ପାଷାଣୀଟିଏ ଭଳି ତପସ୍ୟା ଜାରି ରଖିଥିବ ଶ୍ରୀରାମଙ୍କ ବାଟକୁ ଚାହିଁ ଚାହିଁ ! ସଂପୂର୍ଣ୍ଣ ବିନିଦ୍ର ରଜନୀ ଓ ବେପଥୁ ମନତଳେ ଅସରନ୍ତି ଅନୁରାଗର କୁସୁମ ଅଜାଡି ଦେଇ ? କେମିତି ସେ ଅନ୍ୟପାଇଁ ସବୁକିଛି କରିପାରେ। ତାହା ପୁଣି ଅସୀମ ଧୈର୍ଯ୍ୟ ଓ ଅଫୁରନ୍ତ ଆଗ୍ରହରେ। ସେ ଦେବୀ ନା ପରୀଟିଏ ?

ମନେପଡେ ତା ପିଲାଦିନ..ତାର ଅମାପ ସ୍ନେହ, ଶ୍ରଦ୍ଧା। ପ୍ରକୃତରେ ତାର ବିବାହ ସାରି ଅନ୍ୟଘରକୁ ପଠାଇଦେଲେ ସେ କଣ ଶାନ୍ତିରେ ବଂଚିପାରିବେ ? ଲୀନା କେବଳ ମାତ୍ର ଘରର କେୟାରଟେକର୍ ନୁହେଁ। ସେ ଆଉକିଛି..ଢେର୍ ଅଧିକ। ସେଦିନ ହସ୍ପିଟାଲ୍ ବେଡ୍ ଉପରେ ଏମିତି ବିକ୍ଷିପ୍ତ ଓ ଅସହାୟ ଭାବରେ ଦେଖି କାହିଁକି କେଜାଣି ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ସେ ପିଲାଙ୍କ ଭଳି କାନ୍ଦି ଉଠିଥିଲେ। ଯେମିତି ବାପା, ମାଆ ଓ ଧାଇ ମାଆଙ୍କ ମୃତ୍ୟୁରେ ସେ କାନ୍ଦିଥିଲେ, ଠିକ୍ ସେମିତି !

*(କ୍ରମଶଃ)*

## ସିନୁ ସେନାପତି

### ଦିଲିପ କୁମାର ତ୍ରିପାଠୀ



ମର୍ତ୍ତ୍ୟ ରୁ ସ୍ୱର୍ଗ,
ସ୍ୱର୍ଗ ରୁ ନର୍କ, ନର୍କ ରୁ ବୈକୁଣ୍ଠ
ଆଉ ବୈକୁଣ୍ଠ ରୁ ଗୋଲୋକ ଧାମ
ଏମିତିକି ପାତାଳ ରୁ ରସାତଳ ଯାଏଁ
ଧାଇଁବୁଲୁଥାଏ– 'ସିନୁ ସେନାପତି' !

ଦେବତା,ମାନବ,ଦାନବ,ଗନ୍ଧର୍ବ
ଅବା କେଉଁ ତପସ୍ୱୀ
ସମସ୍ତଙ୍କ ଅସଲ ପରିଚୟ ଧରାପଡିଛି
ତା' ତୀକ୍ଷ୍ଣ ଦୃଷ୍ଟିରେ

ସେବାକରାଇବା, ଭୋଗ କରିବା
ଆଉ ବଜାୟ ରଖିବା ପ୍ରଭୁତ୍ୱର
ନିମ୍ନ ମାନସିକତାର ସୃଷ୍ଟିରେ,
କାହିଁ କେତେ ଜନ୍ମରୁ ସେ
ଖୋଜି ଚାଲିଛି ସେଇ ଲୋକଟିକୁ
ଯିଏ ତାକୁ ତା' ଭଳିଆ ବୁଝିପାରିବ ...!!

କେତେଥର ଯେ ଲେଖାହେଇନି
ତା' ଇତିହାସରେ
ସେ କଳଙ୍କିନୀ ବୋଲି
କେତେଥର ଯେ ଖୋଲା ଯାଇନି ତା'
ଅତୀତର ପୃଷ୍ଠାକୁ– ମାପିବାକୁ ସତୀତ୍ୱ !
କିନ୍ତୁ 'ସିନୁ ସେନାପତି'
କେବେ ଛିଡା ହେଇଯାଇନି,
ଅହରହ ଦୌଡି ଚାଲିଛି ...
ଖୋଜିବାକୁ ସେଇ ଲୋକଟିକୁ
ଯିଏ ତାକୁ ତା' ଭଳିଆ ବୁଝିପାରିବ

ସତୀ ହେବା ଲୋଭରେ
କାହା ପାଦ ତଳର ଦାସୀ ହେଇ
ମୁଣ୍ଡପିଟିବା ଅପେକ୍ଷା;
ପ୍ରେମିକର ଛାତିରେ ମଥାରଖି
ପ୍ରୀତି ନିଶାରେ ଝୁମିବାକୁ ତାର ଇଚ୍ଛା
ଇଚ୍ଛା ତାର, କେହି ଜଣେ ଭଲପାଉ ତାକୁ
କିନ୍ତୁ ମନକୁ, କେବଳ ମନକୁ !

ପାରିଜାତ ନ' ହଉ ପଛେ
ସଜ ମଲ୍ଲୀମାଳଟେ
ବାନ୍ଧିଦେଉ ତା କବରୀରେ
ସାଇତି ରଖୁ ତାକୁ ସାର୍ଟ ପକେଟ୍‌ରେ
ଅବା ମନିପର୍ସରେ,
ଜଗନ୍ନାଥଙ୍କ ଛଡାଫୁଲ ପରି

ଆଙ୍କୁଡି ନେଉ ଛାତି ଉପରକୁ
ଆଉ ତାଳୁର ଠିକ୍ ମଝାମଝି :
ଯେଉଁଠି ସେ ବିନ୍ଦି ଟା ପିନ୍ଧେ
ଥୋଇ ଦେଉ ଗୋଟେ ଚୁମା
କିନ୍ତୁ , ସ୍ୱାମୀ ନୁହଁ ପ୍ରେମିକର ଦାୟରେ !!

*ଢେଙ୍କାନାଳ, ପର୍ଜଙ୍ଗ,*
*କୁନ୍ଦନଦେଇପୁର ଶାସନ*
*ଦୂରଭାଷ:୯୭୭୮୧୦୬୧୦୫*

## ଚାରିକାନ୍ଥ

### ତପନ କୁମାର ସାହୁ



ମୁଁ ଚାରିକାନ୍ଥ, ମୁଁ କୋଉଠି ମାଟିରେ ତିଆରି ଚାରିକାନ୍ଥ ତ କୋଉଠି ସିମେଣ୍ଟରେ ତିଆରି। ମୋ ଦେହ ସହେ ଖରା, ବର୍ଷା, ଶୀତ, କାକର, ପବନର ମାଡ଼, ବର୍ଷା ହେଲେ ମୁଁ ଯୁଡୁବୁଡୁ ଓଦା ହୁଏ, ଗ୍ରୀଷ୍ମର ଖରାରେ ମୁଁ ତାତି ଯାଏ, ମାଘର ଶୀତ ରେ ମୋ ଦେହ ଥରି ଉଠେ। ତଥାପି ମୋ ଭିତର ଟା ତାର ଓଲଟା ଖରା ରେ ମୁଁ ଶୀତଳ, ବର୍ଷାରେ ଦିନରେ ବି ମୋ ଭିତର ଟା ପୁରା ଶୁଖିଲା ଥାଏ। ଶୀତ ଦିନେ ମୁଁ ମୋ ଭିତରେ ଉଷ୍ମତା ଭରି ରଖେ। ମୁଁ ତ ନିର୍ଜୀବ କାନ୍ଥ ଟିଏ ମୋର ରକ୍ତ ମାଂସର ହୃଦୟ ବି ନାହିଁ। ମୋର ଚାରି ପଟେ ଘଟୁ ଥିବ ଘଟଣା ବଳିକୁ ମୁଁ ଦେଖିବା ଛଡ଼ା ମୋର ଆଉ କୌଣସି ଉପାୟ ବି ନାହିଁ। ମୋ ଭିତରେ ରୁହନ୍ତି ଦୁନିଆର ଶ୍ରେଷ୍ଠ ପ୍ରାଣୀ ମଣିଷ ମାନେ। ଯିଏ ତାର ଜ୍ଞାନ ବଳରେ ସାରା ସଂସାରରେ ନିଜର ଶ୍ରେଷ୍ଠତା ବାଜୟମାନ ରଖିଛି। ଜ୍ଞାନର ଭଣ୍ଡାର ତା ପାଖରେ। ଜ୍ଞାନ ବଳରେ ସେ ଅସମ୍ଭବକୁ ବି ସମ୍ଭବ କରି ପାରୁଛି। ଗୋଟିଏ ମଣିଷ ଦେହରୁ ଅନ୍ୟ ଦେହରେ ହୃଦୟର ରୋପଣ ଠାରୁ ଆରମ୍ଭକରି ଚନ୍ଦ୍ରରେ ଘର ତୋଳିବାର ପ୍ରଚେଷ୍ଟା ସବୁରେ ସେ ପାରଙ୍ଗମ। ସର୍ବପରେ ତା ମଣିଷ ପଣିଆ କୁଆଡେ ଯାଉଛି ଯେତେ ବେଳେ ନିଜ ଘର ଚାରିକାନ୍ଥ ତାର ଶ୍ରେଷ୍ଠ ପଣିଆର ପରିଚୟ ମାଗେ କୁଆଡେ ଯାଉଛି ତା ଜ୍ଞାନ କୁଆଡେ ଯାଉଛି ତା ମଣିଷ ପଣିଆ। ଜୀବନର ଅପରାହ୍ନରେ ମୋ ଛାତିରେ ମଥା ରଖି ଲୁହ ଝରିଯାଏ କେତେ ଆଖିର। ସେ ଲୁହରେ ମୋ ଦେହର ରଙ୍ଗ ବି କେତେ ଥର ଛାଡି ଯାଇଛି ତାର ହିସାବ ମୋ ପାଖରେ ନାହିଁ। ସେ ଚାରିକାନ୍ଥ ଭିତରେ ସେମାନେ ଖୁସିର କିରଣ ଖୋଜି ବୁଲନ୍ତି କିନ୍ତୁ କାହିଁ ତାଙ୍କୁ ସେ ଖୁସି ଟିକେ ଦେବା ପାଇଁ କାହିଁ କେହି ଆସୁନାହାନ୍ତି ଆଗକୁ। ହଁ ତମେ ଠିକ୍ ବୁଝିଛ ମୁଁ କହୁଛି ସେ ବୃଦ୍ଧ ବାପା ମାଙ୍କ ଆଖି ଲୁହର କଥା। ମୁଁ ଚାରିକାନ୍ଥ ଦେଖିଛି ବହଳ ଦୁଃଖର ପାହାଡ଼ ତଳେ ଖୋଜିବାର ଦେଖିଛି ମୁଁ ଏମାନଙ୍କୁ ମୃତ୍ୟୁ ର ଠିକଣା। ହେଲେ କଣ ମୃତ୍ୟୁ ଆସେ, ଆୟୁଷ ନପୁରିବା ଯାଏ ଏ ନିଆଁ ଲଗା ଯମ କଣ ଏ ମାନଙ୍କୁ ନିଏ। ମନେ ମନେ କେତେ କାନ୍ଦନ୍ତି ଏମାନେ। ଖାଲି ତାଙ୍କ ଓଠରେ ହସ କେବଳ ସେ ଛୋଟ ଛୋଟ ନାତି ନାତୁଣୀଙ୍କ ପାଇଁ ତାଙ୍କ ମୁହଁ ଦେଖି ଦେଖି ସେମାନେ ଦିନ କାଟି ଦିଅନ୍ତି। ଆଜିର ସମାଜରେ ଲୋକେ କୁକୁର ବିରାଡ଼ି କୁ ପୁଅ ଝିଅ ପରି ଦେଖାରେଖା କରନ୍ତି କିନ୍ତୁ ନିଜ ବୁଢ଼ା ବାପା ମାଙ୍କ ପାଇଁ ଦାୟିତ୍ୱ କୁଆଡେ ଗଲା। ବୟସ ଯେତେ ବଢ଼ି ବଢ଼ି ଯାଏଁ ସେ ସେମାନେ ଛୋଟ ଛୁଆ ପରି ହୋଇଯାଆନ୍ତି। ଛୋଟ ଛୁଆ ଯେମିତି ଅଝଟ କରେ ସେ ମାନେ ଅଝଟ କରନ୍ତି ନି ସତ କିନ୍ତୁ ତାଙ୍କୁ ଛୋଟ ଚୁଆ ପାରି କେହି ଜଣେ ଦେଖାରେଖା କରୁ ସେ ମାନେ ତାହା ଚାହାନ୍ତି ଆଉ ତାଙ୍କୁ ତାହା ଦରକାର ବି। ଯୋଉ ମା ଦସମାଶ ଗର୍ଭରେ ଧରି ତମକୁ ଜନ୍ମ କରିଛି, ରାତି ରାତି ଅନିଦ୍ରା ରେ କାଟିଦେଇଛି ସେ କେବେ ତୁମ ଅନିଷ୍ଟ ଚାହିଁ ନି। ତା ପାଇଁ ତମର କଣ କର୍ତ୍ତବ୍ୟ କିଛିନାହିଁ। ନିଜ ବାପା ମା'ଙ୍କର ତ ସେବା କରୁନ କିନ୍ତୁ ନିଜ ପିଲା ମାନଙ୍କ ଉପରେ ତୁମର ଢେର୍ ଆଶା ଯେ ସେମାନେ ତୁମକୁ ଭଲରେ ରଖିବେ। ବଡ଼ ଅଜବ ଏ ଦୁନିଆ।



ମୁଁ ଚାରିକାନ୍ଥ ତ ଥିବି ଏମିତି ଖରା ବର୍ଷା ସିତରେ ତୁମ ସାଥିରେ। କିନ୍ତୁ ତୁମ ମାନଙ୍କ ଏ ବାପା ମା ନଥିବେ ତୁମ ପାଖରେ। ଯେତେ ଦିନ ସେମାନେ ପାଖରେ ଅଛନ୍ତି ସେ ମାନଙ୍କ ସେବାକର ଆଶୀର୍ବାଦ ନିଅ ଭବିଷ୍ୟତ ଜୀବନ ପାଇଁ ସୁଧୁରି ଯାଅ ସମସ୍ତେ। ମୁଁ ଚାରିକାନ୍ଥ ଖାଲି ମୋର ଦୃଷ୍ଟିକୋଣ ର ମାନଚିତ୍ର ତୁମ ମାନଙ୍କୁ କହିଲି ବାକି ସବୁ ତୁମ ହାତରେ ରହିଲା ତମେ କଣ କରିବ ?

*ବେଲଗାଁ, ମ. ରାମପୁର, କଳାହାଣ୍ଡି*
*ଦୂରଭାଷ : ୯୦୧୯୩୧୧୮୬୮*

## ବୋଉଲୋ

### ଶିଶିରା ବିଧୌତା ସାମଲ



ବଉଲୋ.....
ଅଜରା ବାଟରେ
ବାଟୋଇ ସାଜିଲୁ
ପଛକୁ ଚାହିଁଲୁ ନାହିଁ,
କି ଦୋଷ କରିଲୁ
ମନୁ ଭୁଲିଗଲୁ
ପର କରିଦେଲୁ କାହିଁ ?
ନିଦରେ ଆସୁଛୁ
ମଥା ସାଉଁଳୁଛୁ
କଥା କହୁନାହୁଁ କିଛି,
ତୋ ହାତ ରାନ୍ଧଣା
ଖାଇ ପାରୁନାହିଁ
ଭଲ ମନ୍ଦ ବାଛି ବାଛି।
ଏକୁଟିଆ ହେଲେ
ତୋର ଡାକ ଶୁଭେ
ଧାଏଁ ମୁଁ ଏରୁଣ୍ଡି ଡେଇଁ,
ପାଏ ନାହିଁ ତୋତେ
ଯେତେ ବି ଖୋଜିଲେ
ଲୁହ ଧାର ଯାଏ ବହି।
ତୋ ପରି କିଏ

ଡାକୁନି ସରଗେ
ନାମଟିକୁ ମୋର ଧରି,
ବଦଳି ଯାଇଛି
ଆମ ପରିବେଶ
ସେନେହ ଯାଇଛି ସରି।
ସେଇ ଘର ଅଛି
ସେଇ ବିଛଣା ଅଛି
ତୁ କିନ୍ତୁ ନାହୁଁ ଆଜି,
ଖୋଜୁଛି ଖୋଜିବି
ଜନ୍ମ ଜନ୍ମାନ୍ତର
ତୋହରି ଝିଅଟେ ସାଜି।
ଫେରିବୁକି ବୋଉ
କେଉଁ ଦିନ କହ
ସପନରେ ଥରେ ଆସି,
ଅନାଇ ଥିବି ମୁଁ
ତୋର ବାଟ ଚାହିଁ
ଦାଣ୍ଡ ଅଗଣାରେ ବସି।

*କମ୍ପ୍ୟୁଟର ଶିକ୍ଷୟିତ୍ରୀ*
*ବିଡ଼ାନାସୀ ବନ୍ଧଛକ, କଟକ*
*ଦୂରଭାଷ : ୯୭୭୮୬୩୫୯୨୬*

## କବିତାର କଥା

(ଭାଗ-୧୧୨)



ଉମାକାନ୍ତ ରାଉତ



## କଲମ ସହ ଛଳନା କେତେ ଦିନ ?

କବିତା ଏକ ଭାବର କଥା। ହେଲେ, କବିତା ନାମରେ, ଲେଖା ନାମରେ ଆମେ ଯଦି ବିବର୍ତ୍ତନର ପଛକୁ ଫେରି କୋଟି କୋଟି ବର୍ଷ ତଳର ବର୍ବରତାକୁ ଭିନ୍ନ ବାଟରେ ଟାଣି ଓଟାରି ଆଣି, ଆଦିମ ଜାନ୍ତବ କ୍ଷୁଧାକୁ ଉସୁକେଇ କୁତୁକୁତୁ କରିବା; ତା'ହେଲେ ଆମେ କବି ପଦର ଅମର୍ଯ୍ୟାଦା କରିବା ବୋଲି ମୋର ମତ। ବିବର୍ତ୍ତନର ସୁଅରେ ଆମେ ଉଚ୍ଚତର ସୋପାନରେ ପାଦ ରଖୁଛନ୍ତି ବୋଲି ଦାବି କରିବା ସମିଚୀନ ହେବ କି ? ଆମର ଚିନ୍ତା, ଚେତନା ଓ ଦୃଷ୍ଟିଭଙ୍ଗୀ ଶାଣିତ ହୋଇଛି ବୋଲି ଆମେ କହି ପାରିବା କି ? ଆଦିମତାରୁ ସଭ୍ୟତା ଆଡ଼କୁ ମାଡ଼ି ଚାଲିଛନ୍ତି ବୋଲି କହି ପାରିବା କି ?

ଆଗରୁ କହିଛି ଯେ ମଣିଷର ପ୍ରେମ , ଆହାର- ବିହାର-ନିଦ୍ରା-ମୈଥୁନ ଊର୍ଦ୍ଧ୍ୱରେ ଏକ ମାନସିକ ସ୍ତରର କଥା। ଏକ ସନ୍ତୁଳନର କଥା। ଏକ ଶୃଙ୍ଖଳାର କଥା ମଧ୍ୟ। ଏ ଶୃଙ୍ଖଳର ଚାବିକାଠି କବି/ଲେଖକଟିଏ ନ ରଖିବ ତ ଆଉ ରଖିପାରିବ କିଏ ?

ଏଭଳି ମାନସିକତାର ବଶବର୍ତ୍ତୀ ହେବା ଦରକାର, ଯାହା ତା'ର କଳ୍ପନାକୁ ସ୍ୱୟଂକ୍ରିୟଭାବେ ସେହି ଦିଗରେ ପ୍ରେରିତ କରିବ ଯେଉଁଠୁ ବିଚ୍ଛୁରିତ ପ୍ରେମର ବର୍ଷା ଉଜାଡିବ ନାହିଁ କା'ର ସବୁଜ ଫସଲ ,ସୃଷ୍ଟି କରିବ ନାହିଁ କେଉଁ ମହା ଚକ୍ରବାତ। ଦାରୁଟେ ତ ବଡ଼ କଥା, ସାମାନ୍ୟ ଦୂବଟିଏ ମଧ୍ୟ ଆଘାତ ପାଇବ ନାହିଁ। ବରଂ ସେ କଳ୍ପନାରୁ ବିଚ୍ଛୁରିତ ରଶ୍ମି, ଭୟରେ ମୋଡ଼ି ହୋଇ ମାଟି ଭିତରେ ପଶିଥିବା ଅଙ୍କୁରକୁ ପୁନଃ ଅଙ୍କୁରିତ କରାଇବ। ପୁଅକୁ ଫେରେଇ ଦବ ମାଆର କୋଳ, ପ୍ରାଣକୁ ଫେରେଇ ଦବ ମାଟିର ପିଣ୍ଡ, ପତ୍ନୀର ସିନ୍ଦୂରକୁ ଫେରେଇ ଦବ ସ୍ୱାମୀକୁ। ତେବେ ସିନା ବୁଝା ପଡ଼ିବ ପ୍ରେମର ପରାକାଷ୍ଠା, ପ୍ରେମ କବିତାର ଗରିମା ଆଉ ପ୍ରେମିକ କବିର କରିସ୍ମା !

କବିତା ସହ ଛଳନା ଆଉ କେତେ ଦିନ ? ନିଜ ସହ ଶଠତା ଆଉ କେତେ ଦିନ ? ଛଳନା ନ କରି କବିତା ଏବେ ଅନ୍ତରର ଅନ୍ତରଙ୍ଗ କଥା କହୁ। ଯାକୁ ସିନା କହିବା ପ୍ରେମ ! ସେଇ କଥା କହି ନଥିଲେ କି ମଣିଷର କବି ଗୋଦାବରିଶ ?

'ହେ କଲମ ମୋର ଅତି ଆପଣାର ଅନ୍ତର କଥା କୁହ

ଜାଣିଛ କି ଏତେ ସତ୍ୟ ନାମରେ ଛଳନା ଦୁର୍ବିସହ ?

କେତେ ଅବତାରେ ଧରଣୀ ବୁକୁରେ ଦେବତା ହୋଇଲା ନର

କାଳ ଇଙ୍ଗିତେ ଲିଭିଗଲା ସବୁ ରହିଲା ତୁମରି ଗାର

ଛେଦନ କରିଛ ବନ୍ଧନ ଯେତେ ଅନ୍ଧେ ଦେଇଛ ଆଖି

କାଳ ବକ୍ଷରେ ମହା ଅକ୍ଷରରେ ପଦେ ପଦେ ଲେଖି ଲେଖି ....'

ଯୁଗଯୁଗାନ୍ତ ଅନ୍ଧାର ଭେଦ କରି ଚିର ଅମ୍ଳାନ ହସ ହସିବାର ସାମର୍ଥ୍ୟ ରଖୁଥିବା ଶକ୍ତିଶାଳୀ କଲମ ସହ ଏତେ ଛଳନା କାହିଁକି ? ପ୍ରେମରେ ବାୟା ନହେଲେ ଏଭଳି ପଂକ୍ତି କ'ଣ ନିର୍ଗତ ହୋଇପାରେ ଜଣେ କବିର ଅନ୍ତରରୁ ?

ଶେଷରେ କହିବି - ପ୍ରେମର ଅସଲ ସ୍ୱରୂପକୁ ନ ଚିହ୍ନି , ପ୍ରେମର ଚିହ୍ନ-ତ୍ୟାଗ- ତିତିକ୍ଷାକୁ ନ ବୁଝି, ପ୍ରେମର ବିଶାଳ ପଣରେ ସନ୍ତରଣ ନ କରି ଯେଉଁ ଅନଭିଜ୍ଞ ତଥା ହୀନମନ୍ୟ ପ୍ରାଣୀମାନେ କେବଳ ଦେହ-ଦାହ-ଦହନକୁ ନେଇ ଖେଳ କରିବାକୁ ଚାହାନ୍ତି, ଯେଉଁ ଯୌନାଚାରୀମାନେ ଯେନତେନ ପ୍ରକାରେଣ ନିଜକୁ ଉତ୍ତର ଆଧୁନିକ (ଉତ୍ତର ଆଧୁନିକତା କ'ଣ, ନବୁଝି ଉଗ୍ର ଆଧୁନିକତାକୁ ଉତ୍ତର ଆଧୁନିକ କହୁଥିବା କେଞ୍ଚୁଡି ଦଳ) ବୋଲି ଆତ୍ମଘୋଷଣା ପୂର୍ବକ ଶଗଡ଼ଗୁଳା ବାହାରକୁ ଯିବାର ଅକୁହା ଦ୍ୱାହିରେ ନିଜର ଯୌନ କାଙ୍ଗାଳତାକୁ ପୂରଣ କରିବାକୁ କୁତୁକୁତୁ ହୁଅନ୍ତି , ନିଜର ଅସଂଜମତାକୁ ସଂପ୍ରସାରିତ ଚିନ୍ତାଧାରା ବୋଲି ଢୋଲ ବାଡାନ୍ତି ; ସେମାନଙ୍କ ପାଇଁ ମୋର ନିବେଦନ ନିମ୍ନସ୍ଥ କବିତାର ସ୍ୱର। ଆପଣ ଏହାକୁ କବିକୁଳଙ୍କ ପାଇଁ ମୋର ପ୍ରେମ କବିତା ବୋଲି ଭାବି ପାରନ୍ତି।

ଆରେ ମୂର୍ଖ ନାମମାତ୍ର କବି !
କି' କବିତା ଲେଖୁଛୁ ରେ ତୁହି ?
ପ୍ରେମର କବିତା ହୀନ ପ୍ରିୟତମା ପାଇଁ !!
କହ ଆରେ କବି,
କେତେକାଳ ଆଉ କବିତାର ଉସାମେଘ
ଧୋକ୍କା ଖାଇ ଚାଲିଥିବ ଟାଙ୍ଗରା
ପାହାଡ଼େ......କେତେକାଳ ?
କେତେକାଳ ଆଉ କବିତାର ଧନୁଶର
ପ୍ରେମିକାର ତାମ୍ବୁଳରେ ତୀର
ବିନ୍ଧୁଥିବ....କେତେକାଳ ?
ଆରେ କବି, ପ୍ରିୟ କବି ମୋର
ପ୍ରିୟା ଆଉ ପ୍ରେୟ ମୋହ ଛାଡ଼ି
ଶ୍ରେୟ ପାଇଁ ଲେଖରେ କବିତା
ଯେମିତି କି, ବେଉଷଣ କରୁ କରୁ ଚଷାପୁଅ
କବି ଆସୁଛନ୍ତି ବୋଲି ଗୀତଟେ ଗାଇବ
ବନ୍ଧୁକ ଫୋପାଡ଼ି ଦେଇ ଉଗ୍ରପନ୍ଥୀଟିଏ
କବି ଆସୁଛନ୍ତି ବୋଲି ଝପଟି ଚାହିଁବ
ରାଷ୍ଟ୍ରପତି ଭବନର ନିରାପତ୍ତା ବଳୟ ଫାଟକ
କବିଙ୍କର ଆଗମନେ ସ୍ୱତଃ ଖୋଲିଯିବ
ଆଉ; ପ୍ରମୁଖ ସମ୍ବାଦପତ୍ର ସମ୍ପାଦକୀୟର
ଦର୍ପିତ ଶିରୋନାମ ସ୍ପଷ୍ଟ କହୁଥିବ –
ଏୟ, ସାଇଲେନ୍ସ ପ୍ଲିଜ୍ କବି ଆସୁଛନ୍ତି।

ଶଗଡଗୁଳା ଭାଙ୍ଗିବା ପ୍ରସଙ୍ଗ ପଡ଼ିଲେ, ଆମର କେତେକ ସାହିତ୍ୟିକଙ୍କର ଖାଲି ଦେହ, ଓଠ, ଚମ, ଶରୀର, ଶୃଙ୍ଗାର ଏବଂ ସେହି ସମ୍ପର୍କିତ ନାନା ବର୍ଣ୍ଣନା ଓ ବିଭ୍ରାନ୍ତିର କଥା ଲକ୍ଷ୍ୟ କରାଯାଉଛି। ସବୁକିଛି ଖୋଲାଖୋଲି ମେଲାମେଲିର କଥା ଆସୁଛି। ଏଇଠି ବିଚାର କରିବାର କଥା - ଶଗଡ଼ ଗୁଳା କ'ଣ ଭାଙ୍ଗି ନଥିଲେ ରାଜା ରାମମୋହନ, ସୁଭାଷ ଚନ୍ଦ୍ର, ଅରବିନ୍ଦ, ଜଗନ୍ନାଥ, ବଳରାମ, ସାରଳା ଅବା ଗାନ୍ଧି ଗୋପବନ୍ଧୁ ? ପ୍ରେମ ନଥିଲା ତ ସେମାନଙ୍କ ଭିତରେ ଥିଲା କ'ଣ। ? ଚିହ୍ନିଲେ ହେଲା।

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ରଘୁନାଥପୁର ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର




**ଜଗତସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାରୁଲ ପଟ୍ୱାରୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରେ ସମୁଦାୟ ମୋଟ ୧୧୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୨ଟି ଅଭିଯୋଗର ତତ୍‌କାଳୀନ ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ଆବାସ ଯୋଜନା ନିମନ୍ତେ ୫୬ଟି, ଜମିଜମା ସମ୍ପର୍କିତ ୮ଟି, ରେସନକାର୍ଡ ସମସ୍ୟା ସମ୍ପର୍କିତ ୮ଟି, ଭତ୍ତା ସମ୍ପର୍କିତ ୭ଟି, ଅନ୍ୟାନ୍ୟ ୧୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଦିନକୁ ଦିନ ଅଭିଯୋଗ ଶୁଣାଣି ଶିବିରରେ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ସଠିକ୍ ଭାବେ ବିଚାର କରାଯାଉନଥିବାରୁ ଶୁଣାଣି ଶିବିରରେ ଜନସାଧାରଣଙ୍କ ସଂଖ୍ୟା କମିବାରେ ଲାଗିଛି। ଏପରିକି ସବୁଠାରୁ ଦୁଃଖଦାୟକ ଘଟଣା ଅଭିଯୋଗ କାରି ଜଣକ ଅଭିଯୋଗ ଦାଖଲ ପରେ ପ୍ରାପ୍ତି ସ୍ୱୀକାର ପ୍ରାପ୍ତ ଖଣ୍ଡେ ପାଉଛି, ହେଲେ ତା ଶୁଣାଣି ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ତାକୁ ଉତ୍ତର ମିଳୁପାରୁନାହିଁ। ଏପରିକି ବର୍ଷ ବର୍ଷ ବିତି ଯାଉଥିଲେ ବି ବିଧବା ଭତ୍ତା ଖଣ୍ଡେ ମିଳିପାରୁନାହିଁକି ରାସନସାମଗ୍ରୀ ଗଣ୍ଡେ ମିଳୁନାହିଁ। ସରକାରୀ ବାବୁମାନଙ୍କୁ ପଚାରିଲେ ସରକାର ୱେବସାଇଟ୍ ବନ୍ଦ କରିଛନ୍ତି ବୋଲି କହୁଛନ୍ତି। ସେମାନଙ୍କ ଅଭିଯୋଗ ଉପରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସୂଚନା ଅଧିକାର ଆଇନ ବଳରେ ସୂଚନା ମାଗିଲେ ବି ତାହା ପ୍ରଦାନ କରାଯାଉନାହିଁ। ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରଟି ଫମ୍ପା ମାଠିଆର ଶବ୍ଦ ବେଶି ବୋଲି ବାହାରେ ଚର୍ଚ୍ଚା ହେଉଛି। ବିଲ ମଧ୍ୟକୁ ପାଣି ଯିବା ପାଇଁ କାଡା ନାଳ ଥିଲେ ବି ତା'ର ମରାମତି ହେଉନଥିବାରୁ ଜନୈକ ସମାଜସେବୀ ବିଶ୍ୱରଞ୍ଜନ ପଟ୍ଟନାୟକ ଅଭିଯୋଗ ଆଣିଥିବା ବେଳେ ଜିଲ୍ଲାପାଳ ମାଇକ ଯୋଗେ କାଡାନାଳ ଅଧିକାରୀମାନଙ୍କୁ ଡାକିଥିଲେ ବି କୌଣସି ଅଫିସର ଆସୁନଥିବାର ଦେଖିବାକୁ ମିଳିନଥିଲା। ଠିକ୍ ସେହିପରି ରଘୁନାଥପୁର ସ୍ଥିତ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟରେ ବିଏସ୍ଏନଲ ଫୋନ୍‌ଟି ଦୀର୍ଘ ବର୍ଷ ଧରି ଖରାପ ଥିବାରୁ ଜନସାଧାରଣ ମାନେ ଯୋଗାଯୋଗ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେ ନେଇ ଅଭିଯୋଗ ଦାଖଲ କରାଯାଇଥିଲେ ବି ଅଗ୍ନିଶମ ବିଭାଗର କୌଣସି କର୍ମଚାରୀଙ୍କୁ ଦେଖିବାକୁ ମିଳିନଥିଲା। ଜିଲ୍ଲାପାଳ ତାଙ୍କର ଏହି ଅଭିଯୋଗକୁ ଅଗ୍ନିଶମ ବିଭାଗକୁ ପଠାଇଥିବାର ଜାଣିବାକୁ ମିଳିଥିଲା । ରଘୁନାଥପୁର ବ୍ଲକ ସିସିଟିଭି କ୍ୟାମେରା ଠିକ୍ ଭାବେ ଲଗାଇବା, କର୍ମଚାରୀମାନେ ଠିକ୍ ସମୟରେ ଅଫିସ କାର୍ଯ୍ୟାଳୟରେ ଯୋଗଦେବା ଓ ପ୍ରସ୍ଥାନ କରିବା ନିମନ୍ତେ ବାୟୋମେଟ୍ରିକ୍‌ର ବ୍ୟବସ୍ଥା କରିବା ଓ ଏହି ବ୍ଲକ ମାନଙ୍କରେ ଦୀର୍ଘ ୨-୪ବର୍ଷ ଧରି ରହିଯାଇଥିବା ଦୁର୍ନିତିଗ୍ରସ୍ତ କର୍ମଚାରୀମାନଙ୍କ ବଦଳି ନିମନ୍ତେ ଧରାଧରପୁର ଗ୍ରା.ପ. ଅନ୍ତର୍ଗତ ସମାଜସେବୀ ସରିତ୍ ମହାପାତ୍ର ଅଭିଯୋଗ କରିବା ପରେ ତାହାର ତଦନ୍ତ କରିବାକୁ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିବାର ଦେଖିବାକୁ ମିଳିଥିଲା। ରଘୁନାଥପୁର ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରବିନ୍ଦ୍ର କୁମାର ସେଠୀ କଟକ ଅଞ୍ଚଳର ବାସିନ୍ଦା ହୋଇଥିବାରୁ ଓ ସେ କିଛି ନେତା ଏବଂ ଠିକାଦାରମାନଙ୍କୁ ଧରି ଲକ୍ଷ ଲକ୍ଷ ଟଙ୍କାର ହେରାଫେରା କରିଥିବାକୁ ନେଇ କୋଟକଣା ମୌଜାର ଜଣେ ଚାଷୀ ତଥା ସମାଜସେବୀ ପ୍ରିୟରଞ୍ଜନ ସାହାଣୀ ଜିଲ୍ଲାପାଳଙ୍କ ଶୁଣାଣି ଶିବିରରେ ସ୍ୱର ଉଠାଇ କହିଥିଲେ ଯେ ଏହି ବାବୁଜଣକ ଏଠାରେ ଦୀର୍ଘ ୨୩ବର୍ଷ ଧରି ରହିଗଲେଣି। ତେଣୁ ତାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କ ଏହି ଶୁଣାଣି ଶିବିରରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ବିଡିଓ ତପନ କୁମାର ସେନାପତି, ତହସିଲଦାର ରୂପାଲିକା ଦାଶ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗଞ୍ଜେଇ ଚୋରା ଚାଲାଣ ମାମଲାରେ ୫ଜଣ ଦୋଷୀ ସାବ୍ୟସ୍ତ

# ୧୦ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ

**କୋରାପୁଟ :** ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାରକରି କୋରାପୁଟ ଅତିରିକ୍ତ ଜିଲ୍ଲାଜର୍ଜ ୫ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାମଲାର ଅଭିଯୁକ୍ତ ସାଙ୍ଗୀ, ଲକ୍ଷ୍ମଣ, ଦୀପକ ରାମ, ପୂଜାରୀ ଓ ସନ୍ତୋଷ କୁମାର ଚୌଧୁରୀଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ସହ ଏକ ଲକ୍ଷ ଟଙ୍କା ଲେଖାଏଁ ଜୋରିମାନା ଦେବାକୁ ପଡିବ, ଅନଦେୟ ଆଉ ଏକବର୍ଷ ସଶ୍ରମ କାରାଦଣ୍ଡାଦେଶ। ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଏହି ରାୟ ଶୁଣାଇଛନ୍ତି ବିଚାରପତି ମହଲତ ଶା। ଦୋଷୀ ସାବ୍ୟସ୍ତ ହୋଇଥିବା ସାଙ୍ଗୀ ଏବଂ ଲକ୍ଷ୍ମଣ ପଞ୍ଜାବ ପ୍ରଦେଶର ହୋଇଥିବା ବେଳେ, ଦୀପକ ରାମ ଏବଂ ପୂଜାରୀ ହରିୟାଣା ପ୍ରଦେଶର ଓ ସନ୍ତୋଷ କୁମାର ଚୌଧୁରୀ କୋରାପୁଟ ଜିଲ୍ଲା ନନ୍ଦପୁର ଗ୍ରାମର। ସୂଚନା ମୁତାବକ ଗତ ୨୦୧୯ ମସିହା ନଭେମ୍ବର ମାସ ୨୫ ତାରିଖରେ ପାଡୁଆ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଅତଣ୍ଡା ଗାଁ ଆଡୁ ଦ୍ରୁତଗତିରେ ଆସୁଥିବା ଏକ ମ୍ୟାକ୍ସ ପିକ ଅପ ଭ୍ୟାନ ଏ ପି ୩୦ୟୁ ଜି ୪୫୫୬ ଉପରେ ସନ୍ଦେହ ହେବାରୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ କରିବାରୁ ଉକ୍ତ ଟ୍ରକରୁ ପ୍ରାୟ ଚାରି କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା ଏବଂ ୫ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଜଣେ ଅଭିଯୁକ୍ତ ରଘୁ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ପାଡୁଆ ପୋଲିସ ଥାନା କେଶ ନମ୍ବର ୮୫/୨୦୧୯ ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ପରେ ଘଟଣାର ତଦନ୍ତକରି ଅଭିଯୁକ୍ତ ଫର୍ଦ୍ଦ ଦାଖଲ କରିବାପରେ କୋରାପୁଟ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜଙ୍କ ଅଦାଲତରେ ଟିଆର କେଶ ନମ୍ବର ୩୫/୨୦୧୯ରେ ବିଚାର ଚାଲିଥିଲା। ସମସ୍ତ ସାକ୍ଷୀ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ଜଣା ଯାଇଛି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଜୟନ୍ତ କୁମାର ମିଶ୍ର ମାମଲାର ପରିଚାଳନା କରୁଥିଲେ।

# ଜିଲ୍ଲାରେ ଉତ୍କଳ ଦିବସ ପାଳିତ



**ଜଗତ୍‌ସିଂହପୁର :** ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ପାଳନ ଜିଲ୍ଲାପାଳ ପାରୁଲ ପଟ୍ୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଦିବସ ପାଳନ ଅବସରରେ ବରପୁତ୍ର ଓ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପୂଜ୍ୟପୂଜ୍ୟା ବି ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ କୁମାର ଜେନା, ପୌର ନିର୍ବାହୀ ଅଧିକାରୀ ଓ ନିଜାରତ ଅଧିକାରୀମାନଙ୍କ ସହିତ ବିଭିନ୍ନ ଜନପ୍ରତିନିଧୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ପ୍ରଭାତଫେରିରେ ଯୋଗଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାପାଳ ପଟ୍ୱାରୀ ଉଦ୍‌ବୋଧନ ଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବୈଜ୍ଞାନିକ ଡ.ପ୍ରାଣକୃଷ୍ଣ ପରିଜାଙ୍କ ଜନ୍ମ ତିଥିରେ ଜିଲ୍ଲାପାଳଙ୍କ ସମେତ ଅତିଥିମାନେ ବଙ୍ଗଳା ଛକରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ଭେଙ୍କଟେଶ୍ୱର ସ୍କୁଲରେ ପ୍ରତିଷ୍ଠା ଦିବସ ପାଳିତ



**କୋଣାର୍କ :** କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠ ନିକଟସ୍ଥ ଭଗବତୀ ବିହାରରେ ଥିବା ଭେଙ୍କଟଶ୍ୱର ସ୍କୁଲର ପ୍ରତିଷ୍ଠା ଦିବସ ଶୁକ୍ରବାର ପୂର୍ବାହ୍ନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଭେଙ୍କଟେଶ୍ୱର ସ୍କୁଲର ପ୍ରତିଷ୍ଠାତା ଅଧାପକ ଗୁଣନିଧି ମୁଦୁଲିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ବକ୍ତା ଭାବେ ଗୋପ ବ୍ଲକ ଶିକ୍ଷାଧିକାରୀ ଶୁଶିଲ କୁମାର ବ୍ରହ୍ମା, ସିଆରସିସି ରବିନ୍ଦ୍ରନାଥ ବାହିନୀପତି, କୋଣାର୍କ ଭଗବତୀ ମହାବିଦ୍ୟାଳୟର ଅଧ୍ୟାପକ ଲେଫ୍ଟଣ୍ଟ ବିନୟ ଭୂଷଣ ମହାନ୍ତି ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଭେଙ୍କଟେଶ୍ୱର ସ୍କୁଲର ପ୍ରତିଷ୍ଠାତା ଶ୍ରୀ ମୁଦୁଲି ସ୍କୁଲର ସମ୍ପର୍କରେ ସୁଚନା ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ସ୍କୁଲର ଅଧକ୍ଷ ପ୍ରସାଦରଞ୍ଜନ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ସହ ସଭାମଞ୍ଚ ସଞ୍ଚାଳନ କରିଥିବା ବେଳେ ସଭାକାର୍ଯ୍ୟ ଶେଷରେ ଶିକ୍ଷୟିତ୍ରୀ ସଂଗୀତା ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଉପଦେଶ ଦେବାସହିତ ଭଲ ପାଠ ପଢ଼ି ଆଦର୍ଶ ବ୍ୟକ୍ତିତ୍ୱରେ ପରିଗଣି ହେବାପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପୂଜ୍ୟପୂଜାକୁ ସମ୍ମାନ ଜଣାଇ ଅତିଥିମାନଙ୍କ ଦ୍ୱାରା ଶିକ୍ଷକ ଶିକ୍ଷୟୀତ୍ରୀ ମାନଙ୍କୁ ଭେଙ୍କଟେଶ୍ୱର ସ୍କୁଲ ପକ୍ଷରୁ ଉପଢ଼ୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ପୂର୍ବରୁ ସ୍କୁଲରେ ଆୟୋଜିତ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଏହାପରେ ସ୍କୁଲର ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀମାନଙ୍କର ନୃତ୍ୟ ଓ ସଂଗୀତର କାର୍ଯ୍ୟକ୍ରମ ଉପସ୍ଥିତ ଅଭିଭାବକଙ୍କ ମଧ୍ୟରେ ବେଷ ଉପଭୋଗ୍ୟ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଭାଗନେଇଥିଲେ। ଭେଙ୍କଟେଶ୍ୱେ ସ୍କୁଲର ପରିଚାଳକ ମାନସରଞ୍ଜନ ମୁଦୁଲି, ଶିକ୍ଷୟିତ୍ରୀ ବିସ୍ମିତା ମହାପାତ୍ର, ସଙ୍ଘମିତ୍ରା ତ୍ରିପାଠୀ, ଗୀତାଞ୍ଜଳି ମହାରଣା, ବର୍ଷାରାଣି ଜେନା, ଲକ୍ଷ୍ମୀପ୍ରିୟା ମହାପାତ୍ର, ଶ୍ରଦ୍ଧାଞ୍ଜଳି ଜେନା, ମୌସୁମି ରାଉତରାୟ, ରାଜଶ୍ରୀ ଜେନା, ଲିନା ବେହେରା, ପ୍ରେମଶଙ୍କର ପୂଜାରୀ, ଶ୍ରଦ୍ଧାଞ୍ଜଳି ସାହୁ, ନିଳିମା ଶତପଥି, ତପସିନୀ ଦାସ, ଅନୁପମା କର, ରାଜଶ୍ରୀ ଜେନା, ସସ୍ମିତା ଖଟୋଇ, ସତ୍ୟରଞ୍ଜନ ରଥ, ବିଶ୍ୱଜିତ ପରିଡା, ସୁଦିପ ଦାସ, ବିନୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଚାର ବେଶୀ ...

ଜିଲ୍ଲା ଶ୍ରମ ଅଧିକାରୀ, ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ, ବଜାର ଦୋକାନ ଓ ବାଣିଜ୍ୟ ସଂଘ ସହ ପ୍ରତି ମାସରେ ଏକ ବୈଠକ କରି ଏହାର ସମୀକ୍ଷା କରି ବିସ୍ତୃତ ବିବରଣୀ ରାଜ୍ୟ ଶ୍ରମ ଆୟୁକ୍ତ ଏବଂ ଶ୍ରମ ବିଭାଗକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପ୍ରଶ୍ନ ଉଠୁଛି, ରାଜ୍ୟ କ୍ୟାବିନେଟ୍ ୨୦୧୮ ମାର୍ଚ୍ଚ ମାସରେ ଓଡ଼ିଶା ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଆଇନ-୨୦୧୮କୁ ଅନୁମୋଦନ କରିବା ସହ ରାଜ୍ୟ ବିଧାନସଭା ମଧ୍ୟ ସେହିବର୍ଷ ମାର୍ଚ୍ଚ ମାସରେ ଏହି ବିଲ୍‌କୁ ମୋହର ମାରିଥିଲେ। ଏଥିରେ ପ୍ରତ୍ୟେକ ଦୋକାନୀ ଓ ବ୍ୟବସାୟିକ ପ୍ରତିଷ୍ଠାନ ଓଡ଼ିଆ ଭାଷାରେ ନାମଫଳକ ଲଗାଇବା ବାଧ୍ୟତାମୂଳକ ଏବଂ ଖିଲାପକାରୀଙ୍କ ବିରୁଦ୍ଧରେ ୧ହଜାରରୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟର ପ୍ରାବଧାନ ରହିଥିଲା। କିନ୍ତୁ ଏସବୁ ସତ୍ତ୍ୱେ ରାଜ୍ୟରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବାକୁ ଅଧିକାଂଶ ଦୋକାନୀ ଓ ବ୍ୟବସାୟିକ ପ୍ରତିଷ୍ଠାନ ଆଗ୍ରହ ଦେଖାଉନଥିଲେ ମଧ୍ୟ ସରକାର ନିରବଦ୍ରଷ୍ଟା ରହିଆସିଛନ୍ତି। ରାଜ୍ୟର ସରକାରୀ ଭାଷା ପ୍ରତି ଏଭଳି ଅବମାନନାକୁ ନେଇ କ୍ରମାଗତ ଭାବେ ଭାଷାପ୍ରେମୀମାନେ ଚିନ୍ତାବ୍ୟକ୍ତ କରୁଥିଲେ ମଧ୍ୟ ସରକାର ନିରବ ରହିଥାନ୍ତି। ଏବେ ପ୍ରାୟ ୫ବର୍ଷ ବିତିଯିବା ପରେ ସରକାରଙ୍କ ଓଡ଼ିଆ ଭାଷା କଥା ମନେପଡ଼ିଛି ଓ ନାମଫଳକ ଲେଖାକୁ କଡ଼ାକଡ଼ି ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ସତର୍କ ରହିବାକୁ ...

୨୦୨୩ ରେ ସମସ୍ତ ଡାକ୍ତରଖାନା ଭିତ୍ତିଭୂମିର ମକ୍ ଡ୍ରିଲ୍ କରିବା ଏବଂ ୮ ଓ ୯ ଏପ୍ରିଲ, ୨୦୨୩ରେ ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ସ୍ୱାସ୍ଥ୍ୟ ପ୍ରସ୍ତୁତିର ସମୀକ୍ଷା କରିବାକୁ ସେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀମାନଙ୍କୁ ଅନୁରୋଧ କରିଥିଲେ। ଆଇଏଲଆଇ/ ଏସଏଆରଆଇ ମାମଲାର ଧାରା ଉପରେ ନଜର ରଖିବା ଏବଂ କୋଭିଡ-୧୯ ଏବଂ ଇନଫ୍ଲୁଏଞ୍ଜା ପରୀକ୍ଷା ପାଇଁ ପର୍ଯ୍ୟାପ୍ତ ନମୁନା ପଠାଇ ଉଦୀୟମାନ ହଟସ୍ପଟ ଚିହ୍ନଟ କରିବାକୁ ସେ ରାଜ୍ୟମାନଙ୍କୁ ଅନୁରୋଧ କରିଥିଲେ। ଡକ୍ଟର ମନସୁଖ ମାଣ୍ଡଭ୍ୟ କହିଛନ୍ତି ଯେ ନୂତନ କୋଭିଡ ପ୍ରକାର ନିର୍ବିଶେଷରେ, 'ଟେଷ୍ଟ-ଟ୍ରାକ-ଟ୍ରିଟ-ଟୀକାକରଣ'ର ପାଞ୍ଚଗୁଣ ରଣନୀତି। ସେ ଉପଯୁକ୍ତ ଜନସ୍ୱାସ୍ଥ୍ୟ ପଦକ୍ଷେପ ଗ୍ରହଣ କରିବାରେ ସହଜ କରିବେ ବୋଲି ସେ କହିଛନ୍ତି। ଏପ୍ରିଲ ଶେଷ ସପ୍ତାହରେ, ପ୍ରତି ମିଲିୟନ୍ ପ୍ରତି ୧୦୦ ପରୀକ୍ଷଣ ହାରରୁ ପରୀକ୍ଷା ହାରକୁ ଶୀଘ୍ର ବୃଦ୍ଧି କରିବାକୁ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳମାନଙ୍କୁ ଅନୁରୋଧ କରିଥିଲେ। ପରୀକ୍ଷଣରେ ଆଟିପିସିଆର ଅଂଶ ବଢ଼ାଇବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା। କୋଭିଡ-୧୯ର ଠିକ ସମୟରେ ପ୍ରସ୍ତୁତି ଏବଂ ପରିଚାଳନାର ଗୁରୁତ୍ୱ ଉପରେ ଡକ୍ଟର ଭାରତୀ ପ୍ରବୀଣ ପାୱାର ଗୁରୁତ୍ୱାରୋପ କରିଥିଲେ। ପ୍ରାଥମିକତା ଉପରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ନବୀକରଣ ପାଇଁ ଇସିଆପି-୨ର ଅଂଶ କାର୍ଯ୍ୟକାରୀ କରିବାକୁ ସେ ରାଜ୍ୟମାନଙ୍କୁ ଅନୁରୋଧ କରିଛନ୍ତି। ପର୍ଯ୍ୟଟନ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟମାନଙ୍କୁ ସେମାନଙ୍କର ପରିଚାଳନା ଓ ତଦାରଖ ଶୈଳୀ ମଜବୁତ କରିବାକୁ ଏବଂ ସତର୍କ ରହିବାକୁ ସେ କହିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପରାମର୍ଶଦାତାମାନେ ରାଜ୍ୟଗୁଡିକ ପ୍ରଶଂସା କରିଥିଲେ। ସେମାନେ ନିଶ୍ଚିତ କରିଛନ୍ତି ଯେ ସେମାନେ କୋଭିଡ-୧୯ର ପ୍ରଭାବଶାଳୀ ପ୍ରତିରୋଧ ଏବଂ ପରିଚାଳନା ପାଇଁ କେନ୍ଦ୍ର ସହିତ କାର୍ଯ୍ୟ କରିବେ। ସେମାନେ ସଚେତନ ଅଛନ୍ତି ଏବଂ ବର୍ତ୍ତମାନର ପରିସ୍ଥିତିର ସମୀକ୍ଷା କରୁଛନ୍ତି ବୋଲି ସେମାନେ ସୂଚନା ଦେଇଛନ୍ତି।

### ଗାଁକୁ ଯିବେ ...

୪୯ଟି ଦିଗର ପ୍ରଦର୍ଶନର ସମୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମତୀ ଗର୍ଗ ୨୦୨୨ ଅକ୍ଟୋବର ୭ତାରିଖର ନିର୍ଦ୍ଦେଶନାମାକୁ ପରିବର୍ତ୍ତନ କରି ସଚିବସ୍ତରର ଅଫିସର ଓ ବରିଷ୍ଠ ଅଫିସର(ଆଇଏଏସ ଅଫିସର)ମାନଙ୍କୁ ସାନି ଜିଲ୍ଲା ଦାୟିତ୍ୱ ଆବଣ୍ଟନ କରିଛନ୍ତି। ମାର୍ଚ୍ଚ ୨୭ତାରିଖରେ ଜାରି ନିର୍ଦ୍ଦେଶନାମା ଅନୁସାରେ ଏହି ସଚିବସ୍ତରୀୟ ଓ ବରିଷ୍ଠ ଅଧିକାରୀମାନେ ସେମାନଙ୍କୁ ଆବଣ୍ଟିତ ଜିଲ୍ଲାକୁ ଗସ୍ତ କରି ବିଭିନ୍ନ ଯୋଜନା ଓ ପ୍ରକଳ୍ପର କାର୍ଯ୍ୟାନ୍ୱୟନର ତଦାରଖ ସହ ଜନସେବା ପ୍ରଦାନ ତଥା ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନଏଚଏମ୍ ନିର୍ଦ୍ଦେଶିକା ଆଇଏଏସ ବୃନ୍ଦା ଡିଙ୍କୁ ଅନୁଗୁଳ ଜିଲ୍ଲା ଦାୟିତ୍ୱ ନ୍ୟସ୍ତ ହୋଇଥିବାବେଳେ ଶ୍ରମ କମିଶନର ଏନ.ଥିରୁମାଳା ନାଏକଙ୍କୁ ବାଲେଶ୍ୱର, ଶିଳ୍ପ ନିର୍ଦ୍ଦେଶକ ସିଦ୍ଦିକ ଆଲମଙ୍କୁ ବରଗଡ଼, ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ସୁଧାଂଶୁ ମୋହନ ସାମଲଙ୍କୁ ଭଦ୍ରକ, ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ଗୁହା ପୁନମ ତାପସ କୁମାରଙ୍କୁ ବୌଦ୍ଧ, ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନଙ୍କୁ କଟକ, ଉତ୍ତରାଞ୍ଚଳ ଆରଡିସି ସୁରେଶ କୁମାର ଦଳାଇଙ୍କୁ ଦେବଗଡ଼, ସ୍କୁଲ ଓ ଗଣଶିକ୍ଷା ସଚିବ ଏସ୍ ଅଶ୍ୱଥିଙ୍କୁ ଗଞ୍ଜାମ, ଭିନ୍ନକ୍ଷମ ବିଭାଗ ସଚିବ ଭାସ୍କରଜ୍ୟୋତି ଶର୍ମାଙ୍କୁ ଯାଜପୁର, ହସ୍ତତନ୍ତ ଓ ବୟନଶିଳ୍ପ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପ୍ରୁଷ୍ଟିଙ୍କୁ ଜଗତସିଂହପୁର, ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କୁ ଝାରସୁଗୁଡ଼ା, ଗ୍ରାମ୍ୟ ଉନ୍ନୟନ ସଚିବ ସଞ୍ଜୟ ସିଂଙ୍କୁ କେନ୍ଦୁଝର, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ କେନ୍ଦ୍ରାପଡ଼ା, ମହିଳା ଓ ଶିଶୁବିକାଶ ସଚିବ ଶୁଭା ଶର୍ମାଙ୍କୁ ଖୋର୍ଦ୍ଧା, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କୁ ମୟୂରଭଞ୍ଜ, ପଂଚାୟତିରାଜ ନିର୍ଦ୍ଦେଶକ ବି.ପରମେଶ୍ୱରନଙ୍କୁ ନୟାଗଡ଼, ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀଙ୍କୁ ପୁରୀ, ପୂର୍ତ୍ତ ସଚିବ ବୀରବିକ୍ରମ ଯାଦବଙ୍କୁ ସମ୍ବଲପୁର, ଇପିକଲ ଏମଡି ଭୂପେନ୍ଦ୍ର ସିଂ ପୁନିଆଙ୍କୁ ସୋନପୁର ଓ ଓଏମସି ପରିଚାଳନା ନିର୍ଦ୍ଦେଶକ ବଳବନ୍ତ ସିଂଙ୍କୁ ସୁନ୍ଦରଗଡ଼ ଜିଲ୍ଲା ଆବଣ୍ଟିତ ହୋଇଛି। ସେହିପରି ୧୦ଟି ଆକାଂକ୍ଷା ଜିଲ୍ଲା ଦାୟିତ୍ୱ ନ୍ୟସ୍ତ ହୋଇଥିବା ଅଫିସରମାନେ ହେଲେ-ପଞ୍ଚାୟତିରାଜ ସଚିବ ସୁଶୀଲ କୁମାର ଲୋହାନୀଙ୍କୁ ବଲାଙ୍ଗିର, ଶ୍ରମ ସଚିବ ଆର.ସନ୍ଥଗୋପାଳନଙ୍କୁ ଢେଙ୍କାନାଳ, ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ଚିତ୍ରା ଅରୁମୁଗମଙ୍କୁ ଗଜପତି, ପଞ୍ଚାୟତିରାଜ ସ୍ପେଶାଲ ପ୍ରୋଜେକ୍ଟ ନିର୍ଦ୍ଦେଶକ ଅରବିନ୍ଦ ଡାକୁଆଙ୍କୁ କଳାହାଣ୍ଡି, ମତ୍ସ୍ୟ ଓ ପଶୁସମ୍ପଦ ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ କନ୍ଧମାଳ, ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କୁ କୋରାପୁଟ, ସମବାୟ ପ୍ରମୁଖ ସଚିବ ସଞ୍ଜୀବ କୁମାର ଚଢ଼ାଙ୍କୁ ମାଲକାନଗିରି, ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲଙ୍କୁ ନବରଙ୍ଗପୁର, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କୁ ନୂଆପଡ଼ା ଓ କୃଷି ବିଭାଗର ପ୍ରମୁଖ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କୁ ରାୟଗଡ଼ା ଜିଲ୍ଲାର ଇନଚାର୍ଜ ଭାବେ ଦାୟିତ୍ୱ ନ୍ୟସ୍ତ ହୋଇଛି। ଆକାଂକ୍ଷା ଜିଲ୍ଲା ଦାୟିତ୍ୱରେ ଥିବା ଅଫିସରମାନଙ୍କୁ ସମ୍ପୃକ୍ତ ଜିଲ୍ଲାର ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ, ଶିକ୍ଷା, କୃଷି ଓ ଜଳସମ୍ପଦ, ବିତ୍ତୀୟ ସମାବେଶ ଓ ଦକ୍ଷତା ବିକାଶ ଏବଂ ମୌଳିକ ଭିତ୍ତିଭୂମି ଭଳି ୫ଟି କ୍ଷେତ୍ରର ୪୯ଟି ମାନଦଣ୍ଡର ପ୍ରଦର୍ଶନକୁ ତଦାରଖ କରିବାକୁ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ ଏହି ୪୯ଟି ମାନଦଣ୍ଡର ପ୍ରଦର୍ଶନକୁ ସମ୍ପୃକ୍ତ ଅଫିସରମାନେ ମାସିକ, ତ୍ରୈମାସିକ ଓ ବାର୍ଷିକ ଭିତ୍ତିରେ ତଦାରଖ କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେବେ। ସମ୍ପୃକ୍ତ ଅଫିସରମାନେ ନିୟମିତ ଜିଲ୍ଲା ଗସ୍ତ କରି ଏସବୁ ଜିଲ୍ଲାର ବିଭିନ୍ନ ମାନଦଣ୍ଡର ନିୟମିତ ସମୀକ୍ଷା କରିବେ। ସମ୍ପୃକ୍ତ ଜିଲ୍ଲାରେ ସବୁଦିନିଆ ରାସ୍ତା, ସବୁ ଘରକୁ ଶୌଚାଳୟ, ପିଇବା ପାଣି, ବିଦ୍ୟୁତ ସଂଯୋଗ, ଛାତ ଘର, ପଞ୍ଚାୟତକୁ ଇଣ୍ଟରନେଟ୍ ସୁବିଧା ଆଦି ଭଳି ମୌଳିକ ସୁବିଧା ସହ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା, ବିଭିନ୍ନ ସରକାରୀ ଯୋଜନାରେ ସାଧାରଣ ଲୋକଙ୍କୁ ସାମିଲ ଆଦିର ମଧ୍ୟ ତଦାରଖ ଏହି ଅଫିସରମାନେ ନିୟମିତ ଭାବେ କରିବେ। ସେହିପରି ଶ୍ରୀମତୀ ଗର୍ଗ ଲେଖିଥିବା ଚିଠିରେ ଜିଲ୍ଲା ଦାୟିତ୍ୱରେ ନ୍ୟସ୍ତ ହୋଇଥିବା ସମସ୍ତ ଅଫିସରମାନଙ୍କୁ ପ୍ରତ୍ୟେକ ମାସର ତୃତୀୟ ସପ୍ତାହରେ ଜିଲ୍ଲା ଗସ୍ତରେ ଯାଇ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ରାତି ବିତାଇବାକୁ ପରାମର୍ଶ ଦିଆଯାଇଛି। ଜିଲ୍ଲାଗସ୍ତରେ ଯାଇ ବ୍ୟାପକ କ୍ଷେତ୍ର ପରିଦର୍ଶନ କରିବା ସହ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା ଓ ଜନସେବା ଆଦି କିଭଳି ମିଳୁଛି ତା'ର ସମୀକ୍ଷା କରିବା ପାଇଁ କୁହାଯାଇଛି। କ୍ଷେତ୍ର ପରିଦର୍ଶନ ସମୟରେ ଲୋକଙ୍କୁ ଭେଟି ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାକୁ କିଭଳି ଅଧିକ ଲୋକାଭିମୁଖୀ ଓ ସରଳ କରାଯାଇ ପାରିବ ସେ ନେଇ ମତାମତ ସଂଗ୍ରହ ନିମନ୍ତେ ପରାମର୍ଶ ଦିଆଯାଇଛି। ରାଜ୍ୟ ସରକାର ନିକଟ ଅତୀତରେ ଅନେକ ଉଲ୍ଲେଖନୀୟ ପଦକ୍ଷେପ ନେଇ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, କୃଷି, ଦକ୍ଷତା ବିକାଶ, ନିବେଶ ବୃଦ୍ଧି ଆଦି କ୍ଷେତ୍ରରେ ପରିବର୍ତ୍ତନ ଆଣିଛନ୍ତି ବୋଲି ଶ୍ରୀମତୀ ଗର୍ଗ ତାଙ୍କ ଚିଠିରେ ଉଲ୍ଲେଖ କରିବା ସହ ଏସବୁର ଫାଇଦା କିଭଳି ସବୁ ବର୍ଗର ଲୋକଙ୍କ ପାଖରେ ପହଞ୍ଚିବ ତାହା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଛନ୍ତି।

### ନିକ୍‌ଟାଲ୍ ଖୋଲିବ ...

କରିବେ ଯେଉଁଠାରେ ଜାପାନ ଆବଶ୍ୟକ କରୁଥିବା ମାନର ଶ୍ରମ ଶକ୍ତି ପ୍ରସ୍ତୁତ କରାଯାଇଛି। ଏକ ଜାପାନ କେନ୍ଦ୍ରିକ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ କରିବା ଲାଗି ଆଇଆଇଆଇଟି ସହିତ ମଧ୍ୟ ନିକ୍‌ଟାଲ୍ କଥାବାର୍ତ୍ତା କରିଛି। ଗ୍ରିନ୍ ହାଇଡ୍ରୋଜେନ୍ ଓ ଗ୍ରିନ୍ ଆମୋନିଆ କ୍ଷେତ୍ର ପାଇଁ ପୁଞ୍ଜିନିବେଶ ଯୋଗାଡ଼ କରିବା ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ପ୍ରତିନିଧି ଦଳ ସହ ଜାପାନର ଲଜିଷ୍ଟିକ୍ସ ଓ ଷ୍ଟୋରେଜ୍ କ୍ଷେତ୍ରର ଦୁଇ ପ୍ରମୁଖ କଂପାନି ଏନ୍‌ୱାଇକେ ଲାଇନ୍ସ ରାଜ୍ୟର ପାରାଦୀପ, ଗୋପାଳପୁର, ଧାମରା ବନ୍ଦର ଜରିଆରେ ଗ୍ରିନ୍ ଆମୋନିଆ ପରିବହନ କରିବା ନିମନ୍ତେ ଏକ ଉତ୍ସର୍ଗୀକୃତ ସିପିଙ୍ଗ୍ ଲାଇନ୍ ସ୍ଥାପନ କରିବା ଲାଗି ପ୍ରସ୍ତାବ ରଖିଛି। ଗ୍ରିନ୍ ହାଇଡ୍ରୋଜେନ୍ ଓ ଗ୍ରିନ୍ ଆମୋନିଆ ଲାଗି ଟ୍ୟାଙ୍କ୍ ଓ ଷ୍ଟୋରେଜ୍ ବ୍ୟବସ୍ଥା ପ୍ରସ୍ତୁତ କରିବା ଲାଗି ସୁମିଟୋମୋ କର୍ପୋରେସନ ପ୍ରସ୍ତାବ ଦେଇଛି। କମ୍ପାନୀ ଗୋପାଳପୁର ସ୍ଥିତି ଏସ୍‌ଇଜେଡ୍ ପାଖରେ ଏହି ପ୍ରକଳ୍ପ ସ୍ଥାପନ କରିବ। ଏହି ସମସ୍ତ ପ୍ରକଳ୍ପ କିଭଳି ଶୀଘ୍ର କାର୍ଯ୍ୟକାରୀ ହୋଇପାରିବ ତାହା ନିଶ୍ଚିତ କରିବା ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ରାତିରେ ମାଇକ୍ ...

କାର୍ଯ୍ୟ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ରାଜନୈତିକ ଦଳର କର୍ମକର୍ତ୍ତାମାନେ ସହଯୋଗ କରିବା ପାଇଁ ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଏନ୍‌ପିପିରୁ ବିକ୍ରମ ସ୍ୱାଇଁ, ବହୁଜନ ସମାଜ ପାର୍ଟିରୁ ମଧୁସୂଦନ ଯାଦବ, ସିପିଆଇ (ଏମ୍)ର ଦୁଷ୍ମନ୍ତ କୁମାର ଦାସ, ଭାରତୀୟ ଜାତୀୟ କଂଗ୍ରେସର ଶିବାନନ୍ଦ ରାୟ, ଭାରତୀୟ ଜନତା ପାର୍ଟିର ସଜ୍ଜନ ଶର୍ମା, ଅନୀତା ଶୁଭଦର୍ଶିନୀ ଓ ଠାକୁର ରଞ୍ଜିତ ଦାସ, ବିଜୁ ଜନତା ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ସହ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ପ୍ରମୁଖ ଉପସ୍ଥିତ ରହିଥିଲେ।

### ସମ୍ପୂର୍ଣ୍ଣ ସୁସ୍ଥ ...

ମନ୍ଦିରକୁ ଦର୍ଶନ ନିମନ୍ତେ ଯାଉଛନ୍ତି ଏବଂ ଦୈନନ୍ଦିନ ନିଜର ବ୍ୟକ୍ତିଗତ କାର୍ଯ୍ୟ ସୂଚାରୁରୂପେ କରିପାରୁଛନ୍ତି। ଏବେ ତାଙ୍କର ଅମ୍ଳଜାନ ସ୍ତର ଠିକ୍ ଅଛି। ସୂଚନାଯୋଗ୍ୟ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବାକୁ ଓଡ଼ିଶା ବିଧାନସଭାର ଏକ ଟିମ୍ ଦିଲ୍ଲୀ ଗସ୍ତ ସମୟରେ ଶ୍ରୀ ନାଏକଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଖୁବ୍‌ଶୀଘ୍ର ଶ୍ରୀ ନାଏକ ଓଡ଼ିଶା ଫେରିବେ ବୋଲି ସୂଚନା ମିଳିଛି।

### ରାଜ୍ୟର ଯୁବକ ...

ଓଡ଼ିଶାରେ ଆର୍ସେଲର ମିତଲ ଓ ନିପନ ଷ୍ଟିଲ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡାରେ ୧.୨ ଲକ୍ଷ କୋଟି ବିଦେଶୀ ପୁଞ୍ଜିନିବେଶରେ ୨୪ ଏମଟିପିଏ ବିଶିଷ୍ଟ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହାବ୍ୟତିତ ଆର୍ସେଲର ମିତଲ ନିପନ ଷ୍ଟିଲ୍ ଜଗତସିଂହପୁରରେ ମଧ୍ୟ ୩୮ ହଜାର କୋଟି ପୁଞ୍ଜିନିବେଶରେ ୭ ଏମଟିପିଏ ବିଶିଷ୍ଟ ଷ୍ଟିଲ ପ୍ଲାଂଟ ସ୍ଥାପନ କରିବାକୁ ପ୍ରସ୍ତାବ ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଡିସେମ୍ବର ୧୭, ୨୦୨୧ରେ କେନ୍ଦ୍ରପଡାରେ ଏହି ପ୍ରକଳ୍ପକୁ ଅନୁମୋଦନ କରାଯାଇସାରିଛି। ନିପନ ଓ ଅନ୍ୟ କିଛି ଶିଳ୍ପ ସଂସ୍ଥାର ଓଡ଼ିଶାର ପୁଞ୍ଜିନିବେଶ ନେଇ ଘୋଷଣା ସହିତ ଏମଓୟୁ ମଧ୍ୟ ସ୍ୱାକ୍ଷରିତ ହୋଇ ସାରିଛି। ତେବେ ଓଡ଼ିଶା ସରକାର କାହିଁକି ପୁରୁଣା କଥାକୁ ନୂଆ କଥା କହି ଯୁବ ସମାଜକୁ ବିଭ୍ରାନ୍ତ କରୁଛି, ଯାହା ଦିନରେ ଲଣ୍ଠନ ଦେଖାଇବା ସଦୃଶ। ମୁଖ୍ୟମନ୍ତ୍ରୀ ନିପନରୁ ଓଡ଼ିଶାକୁ ଇସ୍ପାତ୍ କ୍ଷେତ୍ରରେ ୩୦ ଏମଟିପିଏ ବିଶିଷ୍ଟ ଷ୍ଟିଲ୍ ପ୍ଲାଣ୍ଟ ପାଇଁ ପୁଞ୍ଜିନିବେଶ ଆସିବା ନେଇ କହୁଛନ୍ତି। ତେବେ ପୂର୍ବରୁ ଯେଉଁ ଘୋଷଣା ହୋଇଥିଲା ଆର୍ସେଲର ମିତଲ ଏବଂ ନିପନ ସହିତ ସେହି ୨୪ ଏମଟିପିଏ ଷ୍ଟିଲ ପ୍ଲାଣ୍ଟ ପାଇଁ ପୁଞ୍ଜିନିବେଶ କଥା କହୁଛନ୍ତି ନା ଏହାକୁ ବାଦ୍ ଦେବା ପରେ ଅତିରିକ୍ତ ୩୦ ଏମଟିପିଏ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ ହେବା ନେଇ କହୁଛନ୍ତି, ତାହା ସ୍ପଷ୍ଟ କରନ୍ତୁ। ଏହି ୩୦ ଏମଟିପିଏ ଷ୍ଟିଲ୍ ପ୍ଲାଣ୍ଟ ପାଇଁ ସରକାର କହୁଥିବା ପୁଞ୍ଜିନିବେଶରେ କେବଳ ନିପନ କମ୍ପାନୀ ଅଛି ନା ଆର୍ସେଲର ମିତଲ ସହ ନିପନ ଅଛି? ଏହା ଉପରେ ସ୍ପଷ୍ଟୀକରଣ ରଖନ୍ତୁ। ୨୦୦୬ ମସିହାରେ ଆର୍ସେଲର ମିତଲ ୫୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶରେ କେନ୍ଦୁଝର ଜିଲ୍ଲାରେ ୧୨ ମିଲିୟନ ଟନର ଇସ୍ପାତ୍ କାରଖାନା ସ୍ଥାପନା ଦେଇ ରାଜ୍ୟ ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷର କରିଥିଲେ ଏବଂ ୨୦୧୩ରେ ଏହି ପ୍ରକଳ୍ପରୁ ଓହରିଯିବା ନେଇ ଘୋଷଣା କରିଥିଲେ। ଏହି ପ୍ରକଳ୍ପକୁ ରାଜ୍ୟ ସରକାର ଆଗେଇ ନେବାରେ ବିଫଳ ହୋଇଛନ୍ତି। ଯେଉଁ କେନ୍ଦୁଝର ଜିଲ୍ଲାର ରାଜସ୍ୱରୁ ବିପୁଳ ଅର୍ଥ ଓଡ଼ିଶା ପାଉଛି, ସେହି ଅଞ୍ଚଳକୁ କିଛି ନ ଦେବାର ଯୋଜନା କାହିଁକି ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି।

## ତାଳଦା ଉପନିର୍ବାଚନ

# ଶାସକ ଦଳରୁ ଅମୀୟଙ୍କ ପ୍ରାର୍ଥୀପତ୍ର ଦାଖଲ



**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତର ସମିତିସଭ୍ୟ ଉପନିର୍ବାଚନ ପାଇଁ ବୁଧବାର ଦିନ ଶାସକ ବିଜେଡି ଦଳ ସମର୍ଥନ ରେ ଓ ବ୍ଲକ ସଭାପତି କେଦାର ନାଥ ବିଶ୍ୱାଳଙ୍କ ନେତୃତ୍ୱରେ ଅମୀୟ ରଞ୍ଜନ ସେଠି ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ଦଳର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜ୍ୟୋତ୍ରିମୟୀ ଦଳାଇ,କୁଞ୍ଜ ବିହାରୀ ପ୍ରଧାନ, ଦିବ୍ୟଦର୍ଶୀ ବିଶ୍ୱାଳ, ଋତୁରାଜ ରାଉତ, ମନ୍ତ୍ରୀ ପ୍ରତିନିଧି ଭୀମସେନ ସ୍ୱାଇଁ, ପୁରନ୍ଦର ମହାନ୍ତି, ଅଶୋକ ପଢ଼ିଆରୀ, ପ୍ରତାପ ପରିଡା, ଦିବାକର ସାହୁ, ପ୍ରଫୁଲ୍ଲ ସେନାପତି, ରାଜା ମହାନ୍ତି, ପଞ୍ଚାନନ ସ୍ୱାଇଁ, ହିମାଂଶୁ ଦିକ୍ଷୀତ, ଜିଲ୍ଲା ପରିଷଦ ସଭ୍ୟା ବନିତା ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ନାୟକ, ତାଳଦା ସରପଞ୍ଚ ଦୀପକ ପରିଡା ଓ ବ୍ଲକର ସମସ୍ତ ସମିତିସଭ୍ୟ ସରପଞ୍ଚଙ୍କ ସମେତ ୧୫ଟି ପଞ୍ଚାୟତର ଏକ ହଜାରରୁ ଉର୍ଦ୍ଧ୍ୱ କର୍ମୀ ମାନେ ବିଜେଡି କାର୍ଯ୍ୟାଳୟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବ୍ଲକ ପରିସରରେ ପହଞ୍ଚିଥିଲେ ସେଠାରେ ପହଞ୍ଚିଥିଲେ। ଅପରାହ୍ନ ୧ଟାରେ ବ୍ଲକ ନିର୍ବାଚନ ଅଧିକାରିଣୀ ତଥା ବିଡିଓ ଡ଼ଃ ବେବୀତାମଞ୍ଜରୀ ନାୟକଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏଠାରେ ସୂଚନା ଥାଉ କି ଗତ ପଞ୍ଚାୟତ ନିର୍ବାଚନରେ ଶିବଚରଣ ଭୋଇଙ୍କୁ ହରାଇ ସମିତିସଭ୍ୟ ଗିରିଧାରୀ ସେଠୀ ନିର୍ବାଚିତ ହୋଇଥିଲେ ହେଲେ ଚଳିତବର୍ଷ ଜାନୁଆରୀ ୨୫ରେ ତାଙ୍କର ଅକାଳ ବିୟୋଗ ଘଟିବା କାରଣରୁ ଆସନ୍ତା ୨ ତାରିଖରେ ଉପନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ଚଳିତମାସ ୪ ତାରିଖରୁ ୬ ତାରିଖ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଛ। ବିଜେଡି ପକ୍ଷରୁ ଅମୀୟ ସେଠୀଙ୍କୁ ଦଳ ପ୍ରାର୍ଥୀ କରିଥିବା ଜଣାପଡ଼ିଛି। ଗତ ରବିବାର ଦିନ ମନ୍ତ୍ରୀ ତୁଷାର କାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ତାଳଦା ଯାଇ ବ୍ଲକ ସଭାପତି କେଦାର ନାଥ ବିଶ୍ୱାଳଙ୍କ ଉପସ୍ଥିତରେ ସର୍ବସମ୍ମତି କ୍ରମେ ଅମୀୟଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ। ଅମୀୟ ବାପଙ୍କ ଦେହାନ୍ତ ପରେ ସମିତି ସଭ୍ୟ ପଦବୀ ଖାଲି ପଡିଥିଲା। ସ୍ୱର୍ଗତ ଗିରିଧାରୀ ସେଠୀ ବିଜେଡିର ସମିତି ସଭ୍ୟ ପଦବୀରେ ଥିବା ସମୟରେ ତାଙ୍କର ଦେହାନ୍ତ ହୋଇଥିଲାତତାଙ୍କ ମୃତ୍ୟୁ ପରେ ତାଳଦା ପଞ୍ଚାୟତରେ ବିଜେଡିର ଏକ ବଡ କ୍ଷତି ହୋଇଥିଲା। ତାଳଦା ପଞ୍ଚାୟତରେ ବିଜେଡିର ଏବେ ବି ଦବଦବା ରହିଛି। ମନ୍ତ୍ରୀ ଓ ଉପାଦକ୍ଷଙ୍କ ସୁଦୃଢ଼ ସଂଗଠନ ପୂର୍ବତନ ମନ୍ତ୍ରୀ ସୁର ନାୟକଙ୍କ ଦକ୍ଷ ନେତୃତ୍ୱ କାରଣରୁ ତାଳଦା ବିଜେଡିର ଗଡ ଭାବେ ପରିଚିତ ଅଟେ। ନିର୍ବାଚନରେ ଅମୀୟଙ୍କୁ ବିପୁଳ ବ୍ୟବଧାନରେ ବିଜୟୀ କରିବା ପାଇଁ ସମସ୍ତ କର୍ମୀ ଓ ନେତାମାନେ ଦୃଢ଼ ସଂକଳ୍ପ ନେଇଥିଲେ।

# କମି ଯାଉଛି ଚିତ୍ରୋତ୍ପଳା ମହାନଦୀର ଜଳସ୍ତର





**ସିତାଂଶୁ ଶେଖର ମିଶ୍ର**

ମହାନଦୀ ରାଜ୍ୟବାସୀଙ୍କ ସକାଶେ ଜୀବନ ରେଖା ରହିଥିଲା। କିନ୍ତୁ ଆଜି ମହାନଦୀକୁ ନେଇ ଚିନ୍ତା ବଢ଼ିଯାଇଛି। ମହାନଦୀରେ ଆଜି ଜଳର ଅଭାବ। ନିଶ୍ଚୟ ଏହା ଚିନ୍ତାର ବିଷୟ ଅଟେ। ଚିରସ୍ରୋତା ମହାନଦୀକୁ ଓଡ଼ିଶାର ଗଙ୍ଗା କୁହାଯାଇଥାଏ। ଉତ୍କଳେଷୁ ତ୍ରୟପୁଣ୍ୟା ପୁଣ୍ୟାମାର୍ଜାର କେଶରୀ। ସୁବର୍ଣ୍ଣାଖ୍ୟାଂ ପୁରୀ ପୁଣ୍ୟାପୁଣ୍ୟା ଚିତ୍ରୋତ୍ପଳାନଦୀ। ସୁତରାଂ ମହାନଦୀ ହେଉଛି ଓଡ଼ିଶାର ଗଙ୍ଗା। ଗଙ୍ଗାମାତାଙ୍କ କରୁଣାରୁ ଜନସାଧାରଣ ଜୀବନ ଜୀବିକା ନିର୍ବାହ କରି ଖୁସିବାସୀରେ ରହୁଥିଲେ। ଏହା ଦ୍ୱାରା ଲକ୍ଷ ଲକ୍ଷ ପରିବାରଙ୍କ କୃଷି କାର୍ଯ୍ୟରୁ ଆରମ୍ଭ କରି ପିଇବା ପାଣି, କଳ କାରଖାନା ସବୁ କିଛି ଚାଲିଥିଲା।ଏଠାରୁ ମାଛ ମାରି ହଜାର ହଜାର ପରିବାର ତାଙ୍କର ଗୁଜରାଣ ମେଣ୍ଟାଉଥିଲେ। ସେ ସବୁ ଆଜି ବହୁ ମାତ୍ରାରେ ପ୍ରଭାବିତ ହୋଇସାରିଛି। ଆଉ ରହିଛି କୃଷି କ୍ଷେତ୍ର। ଯଦି ଏହିଭଳିଆ ଅବସ୍ଥା ଲାଗିରହେ ତାହାହେଲେ ଆଗାମିଦିନରେ ପଶ୍ଚିମାଞ୍ଚଳର କୃଷି କ୍ଷେତ୍ରଟି ଦୋହଲି ଉଠି ଜନସାଧାରଣଙ୍କ ଅବସ୍ଥାରେ ଏକ ଅଜଣା ସୁନାମି ମାଡି ଆସିବ। କାରଣ ନଦୀର ଜଳ ସ୍ତରକୁ ଦେଖିଲେ ତାହା ବାରି ହୋଇପଡୁଛି। ଯୋଉଆଡ଼େ ଦେଖିବ ଖାଲି ବାଲୁକା ରାଶି ଓ ପଥର ସମୂହର ସମାହାର। ଏହାର ସତ୍ୟାସତ୍ୟ କୁ ପରଖି ହୋଇଥାଏ ହୀରାକୁଦର ଜଳଭଣ୍ଡାରକୁ ଦେଖି। ବର୍ତ୍ତମାନର ଜଳଭଣ୍ଡାର ଜଳସ୍ତର ବିଗତ ବର୍ଷ ମାନଙ୍କ ତୁଳନାରେ ଚାରି ପାଞ୍ଚ ଫୁଟ କମିଯାଇଛି। ମାର୍ଚ୍ଚ ମାସରେ ହୀରାକୁଦ ଜଳଭଣ୍ଡାର ଜଳସ୍ତର ଯେଉଁ ସ୍ତରକୁ ଆସି ପହଂଚିଲାଣି ଏହା ଚିନ୍ତା ଜନକ ଅଟେ। ଜଳ ଭଣ୍ଡାରକୁ ଜଳ ପ୍ରବେଶ ବିଗତ ବର୍ଷ ତୁଳନାରେ ବହୁତ କମ ରହୁଛି। ଏହିଭଳିଆ ଯଦି ଜଳ ଭଣ୍ଡାରକୁ ଜଳ ପ୍ରବେଶ ହାର କ୍ରମାଗତ କମି କମି ଚାଲିବ ତାହାହେଲେ ମେମାସ ଓ ଜୁନ ମାସ ବେଳକୁ ପରିସ୍ଥିତି ପୁରାପୁରି ସଙ୍ଗିନ ହୋଇ ଉଠିବ। ଡେମ୍ ଆଉ କୋଣସି କାର୍ଯ୍ୟକୁ ଆସିବ ନାହିଁ। ଚାଷ କାମ ଠାରୁ ବିଜୁଳି ଉତ୍ପାଦନ ସବୁ ଠପ୍ ହୋଇଯିବ। ମହାନଦୀକୁ ନେଇ ସରକାରଙ୍କ କୌଣସି ଯୋଜନା ରହିଲାନାହିଁ। ଏହିପରିପେକ୍ଷିରେ ଆମେ ଯଦି ଦେଖିବା ତାହାହେଲେ ନଦୀନାଳ ପରିଚାଳନାରେ ବର୍ତ୍ତମାନ ସରକାର ସମ୍ପୂର୍ଣ୍ଣ ବିଫଳ ରହିଥିବା ଅନୁମେୟ ହୁଏ। କୌଣସି ଗୋଟାଏ ମଧ୍ୟ ମଧ୍ୟମ ଓ ବୃହତ ଜଳ ସେଚନ ପ୍ରକଳ୍ପ କୋଣସି ନଦୀ ନାଳରେ କରାଗଲାନାହିଁ। ଯଦ୍ୱାରା ବର୍ଷାଦିନର ଜଳକୁ ଧରି ରଖା ଯାଇ ପାରିଲା ନାହିଁ। ବର୍ଷା ମାସ ଯିବାର ମାତ୍ର ଦୁଇ ତିନି ମାସ ପରେପରେ ନଦୀରେ ଜଳ ସ୍ତର ସମ୍ପୂର୍ଣ୍ଣ କମିଯାଇ ନଦୀ ଶୁଖିଲା ଦିଶୁଛି। ଅନ୍ୟପଟେ ଛତିଶଗଡ଼ ସରକାର ମନମୁଖୀ ହିସାବରେ ହୀରାକୁଦର ଉପର ମୁଣ୍ଡରେ ଗୁଡ଼ାଏ ବ୍ୟାରେଜ ନିର୍ମାଣ ଯଦ୍ୱାରା ହୀରାକୁଦ ଜଳଭଣ୍ଡାର ରେ ତାରି ପ୍ରଭାବ ଦେଖିବାକୁ ମିଳୁଛି। ହେଲେ ଏହି ସମସ୍ୟା ଏତିକି ଉପଲବ୍ଧ ହେଉ ନଥାନ୍ତା ଯଦି ଆମେ ମଧ୍ୟ ଏହି ସମୟ ମଧ୍ୟରେ କିଛି ବ୍ୟାରେଜ ନିର୍ମାଣ କରି ପାରିଥିଲେ। ହେଲେ ଆମର ଦୁରଦୃଷ୍ଟିର ଅଭାବ ଓ ନଦୀ ପରିଚାଳନାକୁ ନେଇ ଆମର ସୁଚିନ୍ତିତ ରୋଡ୍ ମ୍ୟାପ୍ ନଥିବା ମନେହୁଏ। ଅନ୍ୟପଟରେ ମେଗା ଉଠା ଜଳସେଚନ ପ୍ରକଳ୍ପ ମାନ କରାଗଲା।ଏପଟେ ନଦୀ ନାଳରେ ଜଳର ଅଭାବ ସେ ପଟେ ଉକ୍ତ ଯୋଜନା କିଭଳି ଆଗାମିଦିନରେ ଫଳପ୍ରଦ ରହିବ। ତାହା ଏବେଠାରୁ ଜଳ ଜଳ ହୋଇ ଦେଖା ଗଲାଣି। ନଦୀ ନାଳ ବନ୍ଧ ପୋଖରୀର ପାଇଁ କୋଣସି ଦିର୍ଘ ମିଆଦୀ ଯୋଜାନ ରହିଲା ନାହିଁ।ଅନ୍ୟପଟରେ ଭୂତଳ ଜଳର ମଧ୍ୟ ବ୍ୟାପକ ମାତ୍ରାରେ ବ୍ୟବହାର କରାଗଲା। ଯାହାକି କେବେ ମଧ୍ୟ ଠିକ୍ କହିବା ନାହିଁ। ଯଦ୍ୱାରା ଜଳ ସକାଶେ ଆଗାମିଦିନରେ ଏକ ଭୟଙ୍କର ପରିସ୍ଥିତର ସମ୍ମୁଖୀନ ହେବାକୁ ହେବ। ଯଦି ଏହିଭଳିଆ ପରିସ୍ଥିତି ଉପୁଜିବ ତାହାହେଲେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ। କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଆମର କୋଣସି ସୁବ୍ୟବସ୍ଥିତ ନଦୀଜଳ ସକାଶେ ଯୋଜନା ନଥିବା ମନେ ହୁଏ। ଯାହାକି ଆଶ୍ଚର୍ଯ୍ୟ ଜନକ ଓ ପରିତାପର ବିଷୟ। ଏପଟେ ତରଳୁଛି ଗ୍ଲାସିୟର ବରଫ, ଶୁଖିଯିବ ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀ, ଗୁଡ଼ିକ ବୋଲି ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସଙ୍କ ଚେତାବନୀ ଦେଇଛନ୍ତି। ହେଲେ ମହାନଦୀର ଏହିଭଳିଆ ଅବସ୍ଥା ପାଇଁ ଆମେମାନେ ନିଜେ ହିଁ ଦାୟୀ ଅଟୁ। ବର୍ତ୍ତମାନର ମହାନଦୀର ଏହିଭଳିଆ ପରିସ୍ଥିତି ସୃଷ୍ଟି ହେବା ସମ୍ପୂର୍ଣ୍ଣ ଭାବେ ମନୁଷ୍ୟ କୃତ ଅଟେ। ଶାସକ ହିଁ ଦାୟୀ କହିଲେ ଭୁଲ ହେବ ନାହିଁ। କାରଣ ଏତେ ଲମ୍ବା ସମୟ ଏକ ଶାସକଙ୍କ ସକାଶେ ଏକ ପର୍ଯ୍ୟାପ୍ତ ସମୟ। ମହାନଦୀ ଖାଲି ନୁହେଁ ରାଜ୍ୟର ଅନ୍ୟାନ୍ୟ ନଦୀ ଗୁଡ଼ିକ ପାଇଁ କୋଣସି ଯୋଜନା ରହିଲା ନାହିଁ। ଯାହାର ପରିଣତି ଆଜି ଦେଖିବାକୁ ମିଳୁଛି। ରାଜ୍ୟ ସରକାର ମହାନଦୀରେ ଯେତେବେଳେ ଛତିଶଗଡ଼ ସରକାର ଗୁଡ଼ାଏ ବ୍ୟାରେଜ କଲେ ସେତେବେଳେ ପ୍ରତିବାଦ କରିନଥିଲେ। ଯେତେବେଳେ ବିଗତ କିଛି ବର୍ଷ ପୂର୍ବରୁ ମହାନଦୀର ଅବସ୍ଥା ସଙ୍ଗିନ ହେବାକୁ ଲାଗିଲା ଏବଂ ଏହାକୁ ନେଇ ଜନସାଧାରଣଙ୍କ ସ୍ୱର ଉତ୍ତୋଳନ ପରେ ଟିକିଏ ସରକାର ଚେତିଥିଲେ।ହେଲେ ସେତେବେଳେ ମଧ୍ୟ ଏହାକୁ ନେଇ ସଠିକ ନିଷ୍ପତ୍ତି ନେଇ ପାରିନଥିବା ଅନୁମେୟ ହେଉଅଛି। କାରଣ ସେତେବେଳେ ଯଦି ଉଭୟ ସରକାରଙ୍କ ମଧ୍ୟରେ ରାଜନୈତିକ ସ୍ତରରେ ନିଷ୍ପତ୍ତି ନେଇ ପାରିଥାନ୍ତେ ଭଲ ହୋଇଥାନ୍ତା। ତାହା ନ କରି ଆଇନ ଜାଲରେ ଛନ୍ଦି ହେବାକୁ ସରକାର ବେସି ପସନ୍ଦ କରିଥିଲେ। ସେଥିପାଇଁ ଗଠନ ହୋଇଥିଲା ଟ୍ରିବୁନାଲ୍। ବର୍ଷ ପରେ ବର୍ଷ ଗାଡି ଚାଲିଲା ହେଲେ ଟ୍ରିବୁନାଲରୁ କିଛି ରାୟ ବର୍ତ୍ତମାନ ପର୍ଯ୍ୟନ୍ତ ଆସି ପାରିଲା ନାହିଁ। ଏପଟେ ମହାନଦୀକୁ ନେଇ ଜୀବନ ଜୀବିକା ନିର୍ବାହ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ଗୁଜୁରାଣ ହରାଇବାକୁ ଲାଗିଲେ। ସେଥିପାଇଁ ଏବେ ରାଜନୈତିକ ବାକ୍ ବିତୁଣ୍ଡା ଖାଲି ଜନସାଧାରଣଙ୍କ ମଧ୍ୟରେ ସୀମିତ ଆଉ ରହିଲା ନାହିଁ। ବିଧାନସଭା ରେ ମଧ୍ୟ ଏହାକୁ ନେଇ ପ୍ରତିବାଦର ସ୍ୱର ଦେଖିବାକୁ ମିଳିଲା। ଏବେ ଟ୍ରିବୁନାଲ୍ ଉଭୟ ରାଜ୍ୟର ମହାନଦୀ ଅବବାହିକାକୁ ପରିଦର୍ଶନ କରିବା ର ନିଷ୍ପତ୍ତି ନେଇଛନ୍ତି। ଏହା ପରେ ନିଶ୍ଚୟ କିଛି ସକରାତ୍ମକ ଆଶା କରିବା। ଯଦି ରାଜ୍ୟ ସରକାର ଏବେ ନଦୀକୁ ନେଇ କୋଣସି ଦୃଢ ରୋଡ ମ୍ୟାପ୍ ଅନୁଯାୟୀ କାର୍ଯ୍ୟକ୍ରମ ଗ୍ରହଣ ନ କରନ୍ତି ଆଗାମୀ ଦିନ ଗୁଡ଼ିକ ରାଜ୍ୟ ବାସୀଙ୍କ ସକାଶେ ବହୁତ କଷ୍ଟ ପ୍ରଦ ହେବ। ଏଥିପାଇଁ ମଣିଷ ହିଁ ଦାୟୀ ଅଟେ। ଆଜି ଯଦି ଏହିଭଳିଆ ପରିସ୍ଥିତି ର ସମ୍ମୁଖୀନ ହୁଏ ତାହାହେଲେ ତାହାରି କୃତ କର୍ମର ଫଳ ହେବ। ଆଜି ଯେଉଁଭଳି ଭାବରେ ପ୍ରାକୃତିକ ସମ୍ପଦ ଉପରେ ମାନବ ସମାଜ ଅତ୍ୟାଚାର କରିଚାଲିଛନ୍ତି ତାରିକୁ ପରିଣାମକୁ ତ ଭୋଗିବାକୁ ପଡ଼ିବ। ଆଜି ବିକାଶ ନାମରେ ସାରା ବିଶ୍ୱରେ ପ୍ରକୃତି ଉପରେ ପ୍ରହାର କରୁଥିବାର ଦେଖିବାକୁ ମିଳୁଛି। ସେ ପାହାଡ଼ ପର୍ବତ ହେଉକି ଝରଣା, ନଦୀ, ସମୁଦ୍ର କି ସେ ଜଙ୍ଗଲ ସମ୍ପଦ ସମସ୍ତଙ୍କ ଉପରେ ଆଜି ମଣିଷ ତାରି ପ୍ରଭାବ ବିସ୍ତାର କରି ଚାଲିଛି ଓ ଗର୍ବ ଅନୁଭବ କରି ଚାଲିଛି। ନାମକୁ ମାତ୍ର ବିଶ୍ୱ ସ୍ତରୀୟ ସମାବେଶ ଓ ବିଶ୍ୱ ସ୍ତରରେ ଥିବା ବିଭିନ୍ନ ଫୋରମରେ ବିଭିନ୍ନ କାର୍ଯ୍ୟକ୍ରମ ଏହାକୁ ନେଇ ଆଲୋଚନା ହୋଇଥାଏ କିନ୍ତୁ ପ୍ରକୃତରେ ତାକୁ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟକାରୀ ହୁଏ ନାହିଁ। Out of sight is out of mind. କାରଣ ଆମର ବିଶ୍ୱ ଜଳବାୟୁକୁ ନେଇ ଆଜି ସାରା ବିଶ୍ୱ ସମୁହ ଉଦବେଗ ପ୍ରକାଶ କରୁଛନ୍ତି ହେଲେ କାର୍ଯ୍ୟକ୍ରମ କଲାବେଳେ ବାସ୍ତବରେ ସବୁ ଓଲଟା ଦେଖିବାକୁ ମିଳୁଛି। ଆଜି ଅସ୍ୱାଭାବିକ ଭାବରେ ଜଳବାୟୁରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଯେତେବେଳେ ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ରହିଥିଲେ। ଏହାକୁ ନେଇ ଅନେକ ଯୋଜନା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ ତାହା ଶୀତଳ ଭଣ୍ଡାରରେ ରହିଗଲା। ସେଥିମଧ୍ୟରୁ ଜଳ ସଂକଟର ମୁକାବିଲା ପାଇଁ ପଦକ୍ଷେପ ସ୍ୱରୂପ ନଦୀ ସଂଯୋଗୀକରଣ ଯୋଜନା। ତାହା ଆଜି ଶୀତଳ ଭଣ୍ଡାରରେ। ଯାହା ଫଳରେ ଭାରତ ବର୍ଷରେ ମଧ୍ୟ ଆଗାମିଦିନରେ ଦେଶର ବିଭିନ୍ନ ପ୍ରାନ୍ତରେ ଜଳର ଘୋର ସଙ୍କଟ ଦେଖାଦେବ। ଏମିତିକି ପିଇବା ପାଇଁ ପାଣି ମଧ୍ୟ ଉପଲବ୍ଧ ହେବ ନାହିଁ ବୋଲି ଏହାକୁ ନେଇ ଗବେଷଣା କରୁଥିବା ସଂସ୍ଥା ସବୁ ଚେତାବନୀ ଦେଲେଣି। ହେଲେ ଆମର ଶାସନ କରୁଥିବା ଶାସକ ମାନେ ଏହାକୁ ଏତିକି ଗୁରୁତର ଭାବରେ ନେଉନଥିବା ସାମ୍ପ୍ରତିକ ବ୍ୟବସ୍ଥାକୁ ଦେଖିଲେ ଅନୁମେୟ ହୋଇଥାଏ। ଏହା ନ କରି ଆହୁରି ଭୂତଳ ଜଳର ମଧ୍ୟ ବ୍ୟାପକ ଭାବରେ ବ୍ୟବହାର ସକାଶେ ରାଜନୈତିକ ନିଷ୍ପତ୍ତି ନେଉଥିବା ଉଦବେଗ୍ର ବିଷୟ ସେତିକି ଆଶ୍ଚର୍ଯ୍ୟ ଆମର ଶାସକଙ୍କ ଭାବନାକୁ ନେଇ ଲାଗେ। ଦେଖାଯାଉ ଆମର ଶାସକ ମାନେ ଏହାକୁ ନେଇ କେମିତି ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା କରୁଛନ୍ତି। ଆହୁରି ଆଶ୍ଚର୍ଯ୍ୟ ଜନକ ଅଟେ ଏକ ନଦୀ ନାଳ ଘେରା ଅଂଚଳରେ ରହି ମଧ୍ୟ କିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବାସୀ ଜାଣିଲେ ଦୁଃଖ ଆସିବ। ସୁବର୍ଣ୍ଣପୁର ଜିଲ୍ଲା ହେଉଅଛି ଏକ ନଦୀ ନାଳ ଘେରା ଜିଲ୍ଲା। ହେଲେ ମଧ୍ୟ ଏହି ଜିଲ୍ଲାର ଅନେକ ସ୍ଥାନରେ ଜଳ ସଂକଟର ଚିତ୍ରମାନ ସାମନାକୁ ଆସୁଛି। ଏହାର ଏକ ମାତ୍ର କାରଣ ଜିଲ୍ଲାର ଭୌଗଳିକ ସ୍ଥିତିକୁ ନେଇ ଯୋଜନା ପ୍ରଣୟନ କରି ନପାରିବା। ଯଦ୍ୱାରା ଭୂତଳ ଜଳ କମିବାରେ ଲାଗିଛି। ଫଳରେ କୃଷି କ୍ଷେତ୍ର ଠାରୁ ଆରମ୍ଭ କରି ପିଇବା ପାଣି ପର୍ଯ୍ୟନ୍ତ ପାଇଁ ଜନସାଧାରଣ ଗ୍ରୀଷ୍ମ ଋତୁ ଆସିଲେ ହଇରାଣ ହରକତ ହେବାକୁ ପଡୁଛି। ଏହି ଜିଲ୍ଲାରେ ଦୁଇଗୋଟି ଯୋଜନା ତେଲନଦୀର ମାଣିକପୁର ଠାରେ ଓ ସୁରୁବାଲି ଜୋର୍ ବିରମହାରାଜପୁର ଅଞ୍ଚଳରେ ରହିଥିଲା ଦୁଇଗୋଟି ମଧ୍ୟମ ଜଳସେଚନ ପ୍ରକଳ୍ପ କିନ୍ତୁ ତାହା ଶୀତଳ ଭଣ୍ଡାରରେ। ଆହୁରି ଅଙ୍ଗ, ନିବୃତ୍ତି, ସୁକତେଲ ସହିତ ଅନ୍ୟାନ୍ୟ ଛୋଟ ଛୋଟ ନାଳ ସବୁ ରହିଛି। ହେଲେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ ଗୋଟାଏ ମଧ୍ୟ ପ୍ରକଳ୍ପକୁ ଅନୁମତି ପ୍ରଦାନ କରାଗଲା ନାହିଁ। ଯଦ୍ୱାରା ଆଜି ସୁବର୍ଣ୍ଣପୁର ରେ ମଧ୍ୟ ଜଳ ସଙ୍କଟ ସହ ଜୀବନ ଜୀବିକା ଉପରେ ବ୍ୟାପକ ମାତ୍ରାରେ ପ୍ରଭାବ ପଡ଼ିଛି। ନଦୀନାଳରେ ଜଳର ଅଭାବ ଯୋଗୁଁ ବାଲି ଓ ପଥରର ଯୋଗୁଁ ଗ୍ରୀଷ୍ମ ଋତୁ ଆରମ୍ଭ ହେଉ ହେଉ ପ୍ରଚଣ୍ଡ ଗରମ ପବନ ନଦୀ ନାଳ ଆଡୁ ଆସୁଥିବା ଦେଖିବାକୁ ମିଳୁଛି। ଯାହାର ପ୍ରବାହରେ ଆଜି ଜୀବନ ଡ଼ହକବିକଳ ହେବାକୁ ପଡୁଛି। ଏମିତି ଯଦି ରହେ କୋଣସି ଯୋଜନା ଯଦି କାର୍ଯ୍ୟକାରୀ ଜିଲ୍ଲା ଓ ରାଜ୍ୟ ସକାଶେ ନ ରହେ ଜିଲ୍ଲା ବାସୀଙ୍କ ସହ ରାଜ୍ୟ ବାସୀମଧ୍ୟ ବହୁତ ଦୁଃଖ ଭୋଗିବେ। ଯାହାକି ଦୁଃଖ ଦାୟକ ଓ ପରିତାପର ବିଷୟ ହେବ। ସୁତରାଂ ବୁଝିବାକୁ ହେବ ସରକାର ନଦୀଜଳ ପରିଚାଳନାରେ କେଉଁଠି ନା କେଉଁଠି ଝୁଣ୍ଟି ପଡିଛନ୍ତି।



*ସୋନପୁର*
*ଦୂରଭାଷ : ୮୧୪୪୮ ୭୦୭୨୯*

# ପରମ୍ପରାରେ ମା’ ହିଙ୍ଗୁଳାଙ୍କ ଯାତ୍ରା...



**ସୋନାଲି ଗଡ଼ନାୟକ**

କାହାଣୀ ଆଜିର ନୁହଁ କି କାଲି ର ନୁହଁ ଏ କାହାଣୀ ହେଉଛି ବହୁ ବର୍ଷ ପୂର୍ବର କାହାଣୀ ଯେତେବେଳେ ଚୋଡ଼ଗଙ୍ଗ ଦେବ ଥିଲେ ଓଡିଶାର ଶାସନ ଦାୟିତ୍ୱରେ। ସେତେବେଳେ ଆବିର୍ଭାବ ହୋଇଥିଲେ ମା ଅଗ୍ନିରୂପା, ନିଜ ମହିମାକୁ ସାରା ବିଶ୍ୱରେ ବିଖ୍ୟାତ କରିବାକୁ ରହିଲେ ତାଳଚେରରେ ହିଙ୍ଗୁଳା ନାମ ଧରି।



ଦେବୀ ଭାଗବତର ବ୍ୟାଖ୍ୟା କଲେ ମିଳେ ଠାକୁରାଣୀଙ୍କ ଜନ୍ମ ପ୍ରମାଣ। ମା ଅପରୂପା ଭିନ୍ନ ରୂପ ସହ ଭିନ୍ନ ବେଶ, ଭିନ୍ନ ଜନ୍ମ, ଭିନ୍ନ ସ୍ଥାନରେ ଭିନ୍ନ ନାମରେ ଖ୍ୟାତ। ବାବା ଭୋଳାନାଥ ଙ୍କୁ ନାଥ ରୂପରେ ପାଇବାକୁ ଧରିଥିଲେ ସତୀ ରୂପ, ଏବଂ ନିଜ ପିତା ଯକ୍ଷଙ୍କ ବିରୁଦ୍ଧରେ ଯାଇ ସାଜିଥିଲେ ମହାଦେବଙ୍କ ଘରଣୀ। ଦିନେ ତାଙ୍କ ପିତା ଯକ୍ଷ ଏକ ଯଜ୍ଞର ଆୟୋଜନରେ ସମସ୍ତ ଦେବୀ ଦେବତା ନିମନ୍ତ୍ରିତ ଥିଲେ ହେଲେ ମହାଦେବ କି ମାତା ସତୀଙ୍କୁ ନିମନ୍ତ୍ରଣ ନଥିଲା। ମହାଦେବଙ୍କ ବାରଣ ସ୍ୱତେ ମଧ୍ୟ ବାପାଙ୍କ ଯଜ୍ଞକୁ ଯିବାକୁ ଜିଦ ଧରି ବସିଥିଲେ ମା, ମା’ଙ୍କ ଅଭିମାନ ରଖି ଶଙ୍କର ମଧ୍ୟ ଯିବାକୁ ଅନୁମତି ଦେଇଥିଲେ। କିନ୍ତୁ ସେଇଠି ମହାଦେବଙ୍କ ଅପମାନ ତାଙ୍କ ପିତାଙ୍କ ମୁଖରୁ ଶୁଣି ମାତାଙ୍କ ଧର୍ଯ୍ୟ ଚୁତ ହୋଇଥିଲା ଓ ସେ ସେହି ଯଜ୍ଞ କୁଣ୍ଡ ଅଗ୍ନିରେ ତାଙ୍କ ପ୍ରାଣ ବିସର୍ଜନ କରିଥିଲେ। ମାଙ୍କ ବିୟୋଗରେ ଭୋଳାନାଥ, ମାତାଙ୍କ ଅର୍ଦ୍ଧଦଗ୍ଧ ଶଶିରକୁ ନେଇ ପାଗଳ ହୋଇ ବୁଲୁଥିବା ବେଳେ ବିଷ୍ଣୁ ତାଙ୍କ ସୁଦର୍ଶନ ଚକ୍ରରେ ମାଙ୍କ ଶଶୀରକୁ ୫୨ ଭାଗରେ ବିଭକ୍ତ କରିଥିଲେ ଏବଂ ସେ ଖଣ୍ଡ ଗୁଡିକ ଯେଉଁଠି ପଡିଥିଲା ସେଇଠି ଦେବୀ ପିଠ ନିର୍ମାଣ ହୋଇଛି, ସେଥିମଧ୍ୟରୁ ମାଙ୍କ ବ୍ରହ୍ମରୁ ଶକ୍ତିର ସ୍ରୋତ ପଡି ହିଙ୍ଗୁଳା ପିଠର ନିର୍ମାଣ ହୋଇଥିଲା। ଦେଶ ସ୍ୱାଧୀନତା ପୂର୍ବରୁ ଏହା କାରାଚି ଥରେ ସ୍ଥାପନ ଥିଲା ଯାହା ଏବେ ପାକିସ୍ତାନ ଅଧୀନରେ ରହିଛି। ସମୟ ପରେ ସମୟ ବିତିବା ମଧ୍ୟରେ ବିଧଭର ରାଜା ନଳ ତାଙ୍କୁ ସୁମରଣା କରି କାରାଚିରୁ ବିଧରଭ ନେଇ ପୂଜା କରୁଥିଲେ। ଚୋଡ଼ଗଙ୍ଗଙ୍କ ରାଜ୍ୟ ଶାସନ ସମୟରେ ପୁରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା, ମହାପ୍ରଭୁଙ୍କ ୬୦ ପଉଟି ରାନ୍ଧିବାକୁ ନେଇ ରାଜାଙ୍କୁ ଭାଳେଣି, ବ୍ୟସ୍ତ ହୋଇ ସୁମରଣା କରିଥିଲେ ମା ଦୁସ୍ତର ନାଶିନୀକୁ, ଆଉ ସେ ସ୍ୱପ୍ନା ଦେଶ କରି ରାଜାଙ୍କୁ କହିଥିଲେ ତାଙ୍କୁ ବିଧର୍ଭରୁ ପୁରୀ ନେବାକୁ। ଚୋଡ଼ଗଙ୍ଗ ଦେବଙ୍କ ଅନୁରୋଧ କ୍ରମେ ନଳରାଜାଙ୍କ ଉତ୍ତରୀ ଧରି ମା ଚାଲି ଚାଲି ଯାଉଥିଲେ ପୁରୀ ଏବଂ ନଳ ରାଜାଙ୍କୁ ବାରଣ କରିଥିଲେ ବିଶ୍ରାମ ନ କରିବାକୁ କିନ୍ତୁ ସେ ଥକା ସହ୍ୟ ନ କରିପାରି ଗୋପାଳଗଡ଼ଠାରେ ବିଶ୍ରାମ କରିଥିଲେ, ଏବଂ ଉଠି ଦେଖିଲେ ମା ଅଗ୍ନିରୂପା ଆଉ ନାହାନ୍ତି। ନଳ ରାଜା କାନ୍ଦି କାନ୍ଦି ନେହୁରା ହେବାରୁ ମା ବରଦାନ କଲେ ମୁଁ ଏଇଠି ରହି ରୋଷେଇ କରିବି ଏବଂ ସେ ଭୋଗ ଜଗନ୍ନାଥ ମନ୍ଦିରରେ ପରଷା ଯିବ। ଏମିତିକି ହିଙ୍ଗୁଳା ଯାତ୍ରା ଦିନ ପୁରୀରେ ମଧ୍ୟ ଚୁଲି ଜାଳିନଥାଏ। ଇଏତ ଇତିହାସର ବର୍ଣନା....

କିନ୍ତୁ ଆଜି ବି ଲୋକ ସଂସ୍କୃତିରେ ଭକ୍ତ ହୃଦୟରେ ମା ଜୀବିତ, ଆଜି ଭକ୍ତ ସ୍ନେହରେ ଡାକିଲେ ମା ଓ କରେ ଆଉ ବର୍ଷକୁ ଥରେ ମନ୍ଦିରରୁ ବାହାରି ଅଗ୍ନିରୂପରେ ଭକ୍ତଙ୍କ ମନବଞ୍ଛା ପୂରଣ ନିମନ୍ତେ ଆବିର୍ଭାବ ହୁଏ। ପ୍ରତିବର୍ଷ ଚୈତ୍ର ମାସରେ ହସ ଏବଂ ଉଲ୍ଲାସ ସହ ଧରାକୁ ଆଗମନ କରନ୍ତି ମା ଅଭୟଦୟାନି, ଦୁଃଖ ନାଶିନୀ ମା ହିଙ୍ଗୁଳା। ମା ପିଠ ପାଇଁ ଗୋପାଳଗଡ଼ର ପ୍ରତିଟି କୋଣ ଅନୁକୋଣ ଏବଂ ତାଳଚେର ପୁରା ଭାରତରେ ସ୍ଥାନ ପାଇପାରିଛି। ଯାତ୍ରାର ୯ ଦିନ ଆଗରୁ ହୁଏତ ଆଉ ଏକ ପର୍ବ ଯାହା ଜନ୍ତାଳ ନାମରେ ଲୋକ ମୁଖରେ ମୁଖରିତ ହୁଏ, ଏହି ଦିନ ମାଙ୍କ ଆବାହନ ନିମନ୍ତେ ମାଙ୍କୁ ପୂଜା କରାଯାଏ। ପ୍ରଥମେ ପତିଆରା (ଲୋକଚଲଣୀରେ ଯାହାଙ୍କ ଦେହକୁ ମା କିଛି ସମୟ ନିମନ୍ତେ ନିଜ ଅକ୍ତିଆରରେ ରଖନ୍ତି) ଏକ ବନ୍ଧରେ ସ୍ନାନ କରି ଆସି ମନ୍ଦିରବାରଣ୍ଡା ତଳେ ଠିଆ ହୋଇଥାନ୍ତି, ମନ୍ଦିରର ଦେହୁରୀ ତାଙ୍କ ପାଦ ଆଗ ହଳଦୀ ପାଣିରେ ଧୋଇ ନୂଆ ବସ୍ତ୍ର ପରିଧାନ ନିମନ୍ତେ ଦିଅନ୍ତି, ସେ ସେହି ସ୍ୱଚ୍ଛ ବସ୍ତ୍ର ପିନ୍ଧି ମନ୍ଦିରେ ପିଣ୍ଡାରେ ଚଢ଼ି ମାଙ୍କ ଆଗରେ ନିଜର ଦୁଇ ହାତକୁ ଦୁଇ ପଟେ ବେଢ଼ି ଗୋଡ଼ ଠୁଙ୍କା କରି ବସନ୍ତି, ମାଙ୍କ ପାଖକୁ ଆସେ ବଡ଼ ସାଆନ୍ତଙ୍କ ଘରୁ ଭୋଗ ଯାହାକି ପ୍ରଥମ ଭୋଗର ଆକାରରେ ମାଙ୍କୁ ଲାଗି ହୁଏ। ତାଳଚେର ରାଜା ରାଜ୍ୟ ଶାସନକୁ ହାଲୁକା କରିଦେବାକୁ ଏ ପୂଜା ଦାୟିତ୍ୱ ଗୋପାଳଗଡ଼ ଗାଁର ବଡ଼ ସାଆନ୍ତଙ୍କୁ ସମର୍ପିଥିଲେ ଯିଏକି ରାଜା ଅମଳରେ ଗଜରାଜ ସିଂ ନାମରେ ଲୋକ ଜାଣୁଥିଲେ। ଏବେ ତାଙ୍କ ପିଡି ପରେ ପିଡି ଏ ପୂଜା ଦାୟିତ୍ୱ ସୁଚାରୁରୂପେ ତୁଳନ୍ତି ବର୍ତ୍ତମାନ ସାଆନ୍ତଙ୍କ ପୁଅ ରାଜେନ୍ଦ୍ର ସିଂ ସାଆନ୍ତ ଏ ଦାୟିତ୍ୱ ବାହନ କରିଚାଲିଛନ୍ତି। ତାଙ୍କ ଘରର ପ୍ରଥମ ଭୋଗ ଲାଗିହେବା ପରେ ପତିଆରା ମାଡିଥାନ୍ତି ଓ ଗାଁର ଭଲ ମନ୍ଦ କଥା ବୁଝି ପୁଣି ଚେତା ଶୂନ୍ୟ ହୋଇପଡନ୍ତି। ତାପର ଦିନ ସକାଳେ ପତିଆରାକୁ ମା ଉଭା ହେବା ଜାଗାର ସଂକେତ ଦିଅନ୍ତି, ମା ତ ଚଞ୍ଚଳା, ଚଞ୍ଚଳ ବେଗରେ ମାଡି ଯାଉଥିବା ବେଳେ ଭକ୍ତଙ୍କ ଗହଣରେ ଶେଷରେ ଧରା ଦିଅନ୍ତି। ପୁର୍ନବାର ଉଭାର ୯ ଦିନପରେ ଅନୁଷ୍ଠିତ ହୁଏ ଗୋପାଳଗଡ଼ ହିଙ୍ଗୁଳା ଯାତ୍ରା, ସେହି ୯ ଦିନ ଧରି, ଶେଷଦିନ ଭକ୍ତମାନେ ଚାନ୍ଦୁଆ ସମର୍ପଣ କରି ନିଜ ସୁଖ ଦୁଃଖ ମାନସୀ ମାଙ୍କୁ ବିଦାୟ ଦିଅନ୍ତି ତାହା ଶୀତୁଳା ଯାତ୍ରା ନାମରେ ନାମିତ। ମା ତୁ ଅପରୂପା, ଅଗ୍ନିରୂପା ଏମିତି ଲୋକଙ୍କ ଉପରେ ଆଶ୍ରିବାଦ ଦେଇ ନିଜ ମହିମାରେ ସାରା ବିଶ୍ୱକୁ ଏକାଠି ବାନ୍ଧି ରଖିଥାଏ।

*ତାଳଚେର, ଅନୁଗୁଳ*





# ପାରାଦୀପ ଓ ଗୋପାଳପୁରରେ ହେବ ଅକ୍ଷୟଶକ୍ତି ହବ୍

## ୭ ବର୍ଷରେ ୧୦ ହଜାର ମେଗାୱାଟ୍ ଉତ୍ପାଦନ ଲକ୍ଷ୍ୟ



**ଭୁବନେଶ୍ୱର :** ଅକ୍ଷୟ ଶକ୍ତି ଉତ୍ପାଦନରେ ଆତ୍ମ ନିର୍ଭରଶୀଳ ହେବା ଲକ୍ଷ୍ୟ ରଖିଥିବା ଓଡ଼ିଶା ଆଉ ଏକ ବଳିଷ୍ଠ ପଦକ୍ଷେପ ନେଇଛି। ପାରାଦୀପ ଓ ଗୋପାଳପୁର ଠାରେ ଅକ୍ଷୟ ଶକ୍ତି ହବ୍ ପ୍ରତିଷ୍ଠା ପାଇଁ ଗ୍ରୀଡ୍‌କୋ ପକ୍ଷରୁ ପ୍ରସ୍ତୁତ ହୋଇଛି ମାଷ୍ଟରପ୍ଲାନ୍। ୨୦୩୦ ସୁଦ୍ଧା ୩୨ରୁ ୪୩% ଶକ୍ତି ଅକ୍ଷୟଶକ୍ତି ଉତ୍ସରୁ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଛି। ସୂଚନା ଅନୁସାରେ ଅକ୍ଷୟଶକ୍ତି/ସବୁଜ ଶକ୍ତି ଉତ୍ପାଦନ ବୃଦ୍ଧି କରି ପାରମ୍ପାରିକ ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିବା ଜରୁରୀ ହୋଇ ପଡ଼ିଛି। ଏଥିପାଇଁ ଭାରତ ସରକାର ମଧ୍ୟ ମାର୍ଗଦର୍ଶିକା ଜାରି କରିଛନ୍ତି। ଏହି କ୍ରମରେ ଆସନ୍ତା ୭ ବର୍ଷ ମଧ୍ୟରେ ପବନ, ସୌର ଶକ୍ତି ଏବଂ ଜଳ ବିଦ୍ୟୁତ ତଥା ବାୟୋମାସ ଉତ୍ସରୁ ଅତିରିକ୍ତ ଭାବେ ୧୦୦୦୦ ମେଗାୱାଟ୍ ଶକ୍ତି ସଂଗ୍ରହ କରିବା ପାଇଁ ଯୋଜନା ହୋଇଛି। ଏଥିପାଇଁ ପାରାଦୀପ ଓ ଗୋପାଳପୁର ଠାରେ ନବୀକରଣୀୟ ଶକ୍ତି ହବ୍ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେଉଛି ଗ୍ରୀଡ୍‌କୋ। ଚଳିତ ଆର୍ଥିକ ବର୍ଷରେ ଏଥିପାଇଁ ବଜେଟରେ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗ୍ରୀଡକୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା କହିଛନ୍ତି, ୨୦୨୨ ମେକ୍ ଇନ୍ ଓଡ଼ିଶା ସମ୍ମିଳନୀରେ ସବୁଜ ଶକ୍ତି ପ୍ରକଳ୍ପରେ ଅଧିକ ପୁଞ୍ଜିନିବେଶ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶା ଅକ୍ଷୟଶକ୍ତି ନୀତି ୨୦୨୨ ଅନୁସାରେ ୨୦୨୨-୨୩ରୁ ୨୦୨୯-୩୦ ମଧ୍ୟରେ ଅତିରିକ୍ତ ୧୦ ହଜାର ମେଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ହାସଲ ପାଇଁ ଉଦ୍ୟମ ହେଉଛି। ଏଥିପାଇଁ ଆଗ୍ରହୀ କମ୍ପାନୀମାନଙ୍କୁ ସ୍ୱତନ୍ତ୍ର ନୀତିରେ ପ୍ରୋତ୍ସାହନ ଦେବା ପାଇଁ ବ୍ୟବସ୍ଥା ହୋଇଛି। ଏବେ ତାମିଲନାଡୁ, ରାଜସ୍ଥାନ, କର୍ଣ୍ଣାଟକ, କେରଳ ଓ ମହାରାଷ୍ଟ୍ର ସରକାର ପବନ ଓ ସୌର ଉତ୍ସରୁ ଉତ୍ପାଦିତ ଶକ୍ତି ବିକ୍ରୟ କରୁଛନ୍ତି। ଭାରତ ସରକାରଙ୍କ ସର୍ତ୍ତାବଳୀ ଅନୁସାରେ ଅକ୍ଷୟଶକ୍ତି କ୍ରୟ ଉପରେ ଆନ୍ତଃରାଜ୍ୟ ପରିବହନ ଦେୟ ବାବଦରେ ୟୁନିଟ୍ ପିଛା ପଡୁଥିବା ୪୦ରୁ ୫୦ ପଇସା ରାଜ୍ୟକୁ ଦେବାକୁ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ସମ୍ପ୍ରତି ମୋଟ ୮୪୦୦୦ ମେଗାୱାଟ୍ ଶକ୍ତିରୁ ତାପଜ ଉତ୍ସରୁ ୪୨୦୦ ଏବଂ ବିଦ୍ୟୁତ ଶକ୍ତିର ୪୨୦୦ ମେଗାୱାଟ୍ ଶକ୍ତି ମିଳୁଛି। ଜଳ ଓ ସୌର ଶକ୍ତିରୁ ବିଜୁଳି ଉତ୍ପାଦନ ପାଇଁ ଲକ୍ଷ୍ୟ ରହିଛି। ରାଜ୍ୟର ବୃହତ ଜଳ ଭଣ୍ଡାରରେ ଭାସମାନ ସୌର ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ସେହିପରି ଅବ୍ୟବହୃତ ଜମି ଚିହ୍ନଟ କରାଯାଇ ସେଠାରେ ସୂର୍ଯ୍ୟାଲୋକରୁ ଶକ୍ତି ଉତ୍ପାଦନ କରାଯିବ। କେବଳ ଅକ୍ଷୟଶକ୍ତି ଉତ୍ପାଦନ ନୁହେଁ ଏହା କିପରି ବିତରଣକାରୀ ସଂସ୍ଥା ଏବଂ ଗ୍ରାହକଙ୍କ ପାଇଁ ଉପାଦେୟ ହେବ ସେଥିପାଇଁ ସରକାର ପଦକ୍ଷେପ ନେଉଛନ୍ତି। ବିଦ୍ୟୁତ ବିତରଣ କରୁଥିବା ଓପିଟିସିଏଲ୍‌କୁ ରାଜ୍ୟ ସରକାର ଆର୍ଥିକ ପ୍ରୋତ୍ସାହନ ଦେବେ। ବିଦ୍ୟୁତ ଶକ୍ତି ବିତରଣ ପାଇଁ ୟୁନିଟ୍ ପିଛା ୨୮ ପଇସା ପ୍ରଦାନ କରାଯାଉ ଥିବା ବେଳେ ଅକ୍ଷୟଶକ୍ତି ବିତରଣ ପାଇଁ ୟୁନିଟ୍ ପିଛା ୨୦ ପଇସା ରିହାତି ପ୍ରଦାନ କରାଯିବ। ସେହିପରି ଭାୟାବଲ ଗ୍ୟାପ୍ ଫଣ୍ଡିଂ (ଭିଜିଏଫ୍) ମଧ୍ୟ ଦେବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଉଭୟ ଶିଳ୍ପ ଏବଂ ଘରୋଇ ଗ୍ରାହକଙ୍କୁ ଅକ୍ଷୟଶକ୍ତି ଯୋଗାଇ ଦିଆଯିବ। ଅକ୍ଷୟଶକ୍ତିର ବ୍ୟବହାର ଫଳରେ ୫୦% ଚାହିଦା ପୂରଣ ହୋଇପାରିବ। ବିଦ୍ୟୁତ ଦେୟ ହ୍ରାସ ପାଇବ।

# ବିଲମଙ୍ଗଳା ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ପାଳିତ



**ଜଗତସିଂହପୁର :** ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ମନ୍ଦାରପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ବିଲମଙ୍ଗଳା ଠାକୁରାଣୀଙ୍କ ପୀଠସ୍ଥଳିରେ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ଉତ୍ସବ ଅପ୍ରେଲ ୪ତାରିଖରୁ ଆରମ୍ଭ ହୋଇ ୬ତାରିଖ ଦିନ ପୂର୍ଣ୍ଣାହୁତି ହୋଇଥିଲା। ପ୍ରତ୍ୟେକ ଦିନ ଏହି ଯଜ୍ଞ ଉତ୍ସବରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇ ପୂଜାର୍ଚ୍ଚନା କରିବା ସହିତ ପ୍ରସାଦ ସେବନ କରିଥିଲେ। ଏହି ଯଜ୍ଞ ଉତ୍ସବରେ ଅଙ୍କୁରାରୋପଣ, କଳସଯାତ୍ରା, ଗୋପୂଜା, ଅଗ୍ନିସ୍ଥାପନ, ଚଣ୍ଡିପାଠ ଓ ଆହୁତି କରାଯାଇଥିଲା। ଦୀର୍ଘବର୍ଷ ଧରି ଅବହେଳିତ ଏହି ଅଧିଷ୍ଠାତ୍ରି ଦେବୀଙ୍କ ପୀଠସ୍ଥଳିକୁ ଯିବା ପାଇଁ ରାସ୍ତାଘାଟର ସୁବିଧା ନଥିବାରୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନା ଜଗନ୍ନାଥପୁର ଗ୍ରାମଠାରୁ ଗୁଆଳିପୁର ଗ୍ରାମପର୍ଯ୍ୟନ୍ତ ହୋଇଥିବାରୁ ଜନସାଧାରଣଙ୍କ ଯାତାୟତରେ ସୁବିଧା ହୋଇଥିଲା। ସବୁଠାରୁ ଦୁଃଖଦାୟକ ଘଟଣା ଏହା ଏକ ରାଜସ୍ୱ ଗ୍ରାମ ହୋଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗୀ କରଣ କରାଯାଇପାରିନାହିଁ। ବିଭିନ୍ନ ଅଞ୍ଚଳର ଭକ୍ତ ଓ ଶ୍ରଦ୍ଧାଳୁ ଏହି ଯଜ୍ଞ କାର୍ଯ୍ୟକ୍ରମକୁ ସଫଳ କରିବାରେ ସାହାଯ୍ୟ ଓ ସହଯୋଗ କରିଥାନ୍ତି। ସରକାରଙ୍କ ୫ଟି ସଚିବ ଭିକେ ପାଣ୍ଡିଆନ୍ ନିକଟରେ ଏହି ଅଞ୍ଚଳର ଅଧିଷ୍ଠାତ୍ରୀଦେବୀଙ୍କ ଚର୍ତୁପାର୍ଶ୍ୱରେ ବାଉଣ୍ଡାରି ଓ ବିଦ୍ୟୁତ୍ କରଣ କରିବା ସହିତ ପୀଠ ଉନ୍ନତି କରଣ ନିମନ୍ତେ ସମାଜସେବୀ ତଥା ବୃଦ୍ଧିଜୀବୀ ଜ୍ଞାନ ରଞ୍ଜନ ପଟ୍ଟନାୟକ, ପଞ୍ଚାନନ ଦାସ, ଧ୍ରୁବ ଚରଣ ବିଶ୍ୱାଳ, ଲକ୍ଷ୍ମଣ ବାରିକ, ନିର୍ମଳ ପାତ୍ର, ରମେଶ ଚନ୍ଦ୍ର ମହାନ୍ତି, ସୁରେଶ ପଟ୍ଟନାୟକ, ସମାଜସେବୀ ଜ୍ୟୋତିରଞ୍ଜନ ପଟ୍ଟନାୟକ, ଜ୍ୟୋର୍ତିମୟ ଜେନା, ରାଜେଶ କୁମାର ସ୍ୱାଇଁ, ସୁଦର୍ଶନ ମହାନ୍ତି ଓ ସୁକାନ୍ତ ମଲିକ ପ୍ରମୁଖ ଦାବୀ ଜଣାଇଛନ୍ତି।

# ରାଜ୍ୟର ୮୭ ଜେଲରେ ଅଛନ୍ତି ୮୦୦ରୁ ଉର୍ଦ୍ଧ୍ୱ ମାନସିକ ରୋଗୀ



**ଭୁବନେଶ୍ୱର :** ଅପରାଧୀକ ମାମଲାରେ ଫସି ଜେଲରେ ସଜା କାଟୁଥିବା କଏଦୀ ରୋଗୀ ପାଲଟି ଗଲେଣି। ସେ ପୁଣି ମାନସିକ ରୋଗୀ। ସଂଖ୍ୟା ବଢି ବଢି ଚାଲିଛି। ଜେଲ୍ ଡିଜି ମନୋଜ ଛାବ୍ରାଙ୍କ ସୂଚନା ଅନୁସାରେ, ରାଜ୍ୟରେ ଥିବା ୮୭ଟି ଜେଲରେ ୮୦୦ରୁ ଅଧିକ ମାନସିକ ରୋଗୀ ଅଛନ୍ତି। ମାଲକାନଗିରି ଜେଲରେ ସଂଖ୍ୟା ସବୁଠୁ ଅଧିକ ସଂଖ୍ୟକ ରୋଗୀ ଅଛନ୍ତି। ତା'ପଛକୁ ରହିଛି କୋରାପୁଟ ଓ ଜୟପୁର ଜେଲ। ଏନ୍‌ସିବିର ତଥ୍ୟ ଅନୁସାରେ, ଓଡ଼ିଶା ଜେଲରେ ମାନସିକ ରୋଗୀଙ୍କ ସଂଖ୍ୟା ୨୦୧୯ରେ ୬୨୬ ଥିବା ବେଳେ ୨୦୨୦ରେ ୬୯୬ ଓ ୨୦୨୧ ମସିହାରେ ୬୯୯ ଜଣ ଥିଲେ। ଚିନ୍ତାର ବିଷୟ ହେଉଛି ଯେ, ଜେଲରେ ଥିବା ମାନସିକ ରୋଗୀ ହାରରେ ଓଡ଼ିଶା ଉତ୍ତରପ୍ରଦେଶ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ବୋଲି ଜେଲ୍ ଡିଜି ମନୋଜ ଛାବ୍ରା କହିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି, ଜେଲରେ କାହିଁକି ବଢୁଛନ୍ତି ମାନସିକ ରୋଗୀଙ୍କ ସଂଖ୍ୟା? କଏଦୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁନି କି? ବିଚାର ପ୍ରକ୍ରିୟାରେ ବିଳମ୍ବ ଯୋଗୁ ବର୍ଷ ବର୍ଷ ଧରି ମାମଲାର ଫଇସଲା ନହୋଇପାରିବା କଏଦୀଙ୍କ ମାନସିକ ରୋଗଗ୍ରସ୍ତ ପଛର କାରଣ କି? ଜେଲରେ ଅଧିକ ଦିନ ରହିବା ଯୋଗୁ କଏଦୀଙ୍କ ମଧ୍ୟରେ ମାନସିକ ବିକାରଗ୍ରସ୍ତତା ବଢୁଥିବା ମଧ୍ୟ କହିଛନ୍ତି ବିଶେଷଜ୍ଞ। ସେପଟେ ମାନସିକ ରୋଗୀଙ୍କ ଉନ୍ନତ ଚିକିତ୍ସା ପାଇଁ ଅଣ୍ଟା ଭିଡିଛି ଜେଲ୍ ବିଭାଗ। ସେଥିପାଇଁ ନିଯୁକ୍ତ ହୋଇଛନ୍ତି ୩୩ ଜଣ ମାନସିକ ରୋଗ ବିଶେଷଜ୍ଞ। ସାଇକିଆଟ୍ରିକ୍ ସୋସିଆଲ ୱାର୍କର ଓ କ୍ଲିନିକାଲ ସାଇକୋଲୋଜିଷ୍ଟ ଭାବେ ସେମାନଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନେ ଜେଲରେ କଏଦୀଙ୍କ ମାନସିକ ଅବସ୍ଥା ଯାଞ୍ଚ କରିବା ସହ ରୋଗୀଙ୍କ ଚିକିତ୍ସା କରିବେ ବୋଲି ଜେଲ୍ ଡିଜି କହିଛନ୍ତି। ରାଜ୍ୟର ବିଭିନ୍ନ ଜେଲରେ ୮ଶହରୁ ଅଧିକ ମାନସିକ ରୋଗୀ ଥିବା ବେଳେ ପୂର୍ବରୁ ମାତ୍ର ୪ଟି ମାନସିକ ରୋଗ ବିଶେଷଜ୍ଞ ପଦବି ରହିଥିଲା। ତା'ଭିତରୁ କେବଳ ଗୋଟିଏ ପଦବୀ ପୂରଣ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଜିଲ୍ଲା ମୁଖ୍ୟ ହସପିଟାଲରେ ନିଯୁକ୍ତ ଡାକ୍ତର ଜେଲକୁ ଯାଇ ରୋଗୀଙ୍କ ଚିକିତ୍ସା କରୁଥିଲେ।

# ଚଳିତବର୍ଷ ୧୦ ନୂତନ ଆଇଟିଆଇରେ ହେବ ନାମଲେଖା



**ଭୁବନେଶ୍ୱର :** ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟରେ ଆଉ ୧୦ଟି ନୂତନ ସରକାରୀ ଆଇଟିଆଇରେ ନାମଲେଖା ହେବ। ପୂର୍ବରୁ ରାଜ୍ୟରେ ୫୦ଟି ଆଇଟିଆଇ ଥିବା ବେଳେ ଏବର୍ଷ ବାଲୁଗାଁ, ଭଞ୍ଜନଗର, କରଞ୍ଜିଆ, କପ୍ତିପଦା, ରୁଆ, ଓଳାଭର, ଆଠମଲ୍ଲିକ, ଜୁନାଗଡ଼, ପାଟଣାଗଡ଼ ଓ ବଂଶପାଳଠାରେ ନୂତନ ଆଇଟିଆଇ ଖୋଲିଛି। ଚଳିତ ଶିକ୍ଷାବର୍ଷ ପାଇଁ ଉକ୍ତ ଆଇଟିଆଇଗୁଡ଼ିକ ନୂଆଦିଲ୍ଲୀସ୍ଥିତ ଏନ୍‌ସିଭିଇଟି ସହବନ୍ଧିତ ହୋଇଛି ଏବଂ ଏହାଦ୍ୱାରା ବୈଷୟିକ ଶିକ୍ଷାରେ ଛାତ୍ରଛାତ୍ରୀଙ୍କୁ ଦକ୍ଷ କରାଯାଇପାରିବ ବୋଲି ରଜ୍ୟ ସରକାର ଆଶାବ୍ୟକ୍ତ କରିଛନ୍ତି। ଉକ୍ତ ୧୦ଟି ନୂତନ ଆଇଟିଆଇକୁ ମିଶାଇ ରାଜ୍ୟର ମୋଟ ୪୭୫ଟି ଶିକ୍ଷାନୁଷ୍ଠାନର ୮୦ ହଜାର ୨୫୬ ସିଟ୍‌ରେ ଚଳିତ ଶିକ୍ଷାବର୍ଷରେ ନାମଲେଖା ହେବ। ସେଥିମଧ୍ୟରୁ ୬୦ଟି ସରକାରୀ ଆଇଟିଆଇରେ ୧୫ ହଜାରରୁ ଅଧିକ ସିଟ୍ ରହିଛି। ଛାତ୍ରଛାତ୍ରୀଙ୍କ ଆଗ୍ରହକୁ ନଜରରେ ରଖି ଏଥର କେତେକ ଆଇଟିଆଇର ସିଟ୍ ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଛି। ବ୍ରହ୍ମପୁର ଆଇଟିଆଇରେ ସର୍ବାଧିକ ୧୮୮୦ ସିଟ୍ ଥିବା ବେଳେ କଟକ ଆଇଟିଆଇରେ ୧୫୯୨, ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ଆଇଟିଆଇରେ ୧୦୭୨, ସମ୍ବଲପୁର ଜିଲ୍ଲା ହୀରାକୁଦ ଆଇଟିଆଇରେ ୭୯୨, ବାଲେଶ୍ୱରର ୭୦୮, ହିଞ୍ଜିଳିକାଟୁରେ ୭୦୪, କେନ୍ଦୁଝର ଜିଲ୍ଲା ବଡବିଲ୍ରେ ୭୦୦, କୋରାପୁଟ ଜିଲ୍ଲାର ଗୋପବନ୍ଧୁ ଆମ୍ବାଗୁଡ଼ା ଆଇଟିଆଇର ୬୭୨, ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁରରେ ୬୫୬, ମୟୂରଭଞ୍ଜ ଜିଲ୍ଲା ଟିଟିଆଇ ଟାକଟପୁରରେ ୬୬୪, ଭୁବନେଶ୍ୱର ଆଇଟିଆଇରେ ୬୦୦ ସିଟ୍ ରହିଛି। ୪୧୫ଟି ବେସରକାରୀ ଆଇଟିଆଇରେ ପ୍ରାୟ ୬୫ ହଜାର ସିଟ୍ ରହିଥିବା ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଗତବର୍ଷଗୁଡ଼ିକରେ ଆଇଟିଆଇରେ ୫୦% ସିଟ୍ ଖାଲି ପଡୁଥିବା ବେଳେ ଗତବର୍ଷ ସାମାନ୍ୟ କମ୍ ଥିଲା।

# ବନ ବିଭାଗ ଆଣିଲା 'ମୋ ଜଙ୍ଗଲ' ଆପ୍

**ଭୁବନେଶ୍ୱର :** ବନ୍ୟପ୍ରାଣୀ ମୁଖ୍ୟାଳୟର ସୂଚନା ଅନୁଯାୟୀ ପୂର୍ବରୁ 'ଫରେଷ୍ଟ ସର୍ଭେ ଅଫ୍ ଅଣ୍ଡିଆ' ରାଜ୍ୟର ଜଙ୍ଗଲ ନିଆଁ ସମ୍ପର୍କରେ ସୂଚନା ଦେଇ ଆସୁଛି। ଏହି ସୂଚନାକୁ ଆଧାର କରି ପିସିସିଏଫ୍‌ଙ୍କଠାରୁ ଆରମ୍ଭ କରି ବିଟ୍‌ଗାର୍ଡ ପର୍ଯ୍ୟନ୍ତ ନିଆଁ ସମ୍ପର୍କରେ ଅବଗତ ହୋଇଥାନ୍ତି ଓ ଏହାକୁ ଲିଭାଇବା ପାଇଁ ପଦକ୍ଷେପ ନେଇଥାନ୍ତି। ତେବେ ଆଗକୁ ଲୋକମାନେ 'ମୋ ଜଙ୍ଗଲ' ଆପ୍ ଜରିଆରେ 'ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ' ଦ୍ୱାରା ଜଙ୍ଗଲ ନିଆଁ ସମ୍ପର୍କରେ ଜାଣିପାରିବେ। ଉଭୟ ସାଧାରଣ ଲୋକ ଓ ବନ କର୍ମଚାରୀଙ୍କ ପାଇଁ ଏହି ତଥ୍ୟ ଉପଲବ୍ଧ ହେବ। ରାଜ୍ୟରେ ଲାଗୁଥିବା ନିଆଁ ସମ୍ପର୍କରେ ଅବଗତ ହେବା ମାତ୍ରେ ବନ କର୍ମଚାରୀ ଏହାକୁ ଲିଭାଉଥିଲେ ମଧ୍ୟ 'ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ' ପୋର୍ଟାଲ୍ରେ ଏହି ତଥ୍ୟ ଆସିବା ବିଳମ୍ବ ହେଉଥିଲା। ଯାହାଦ୍ୱାରା ରାଜ୍ୟର ଜଙ୍ଗଲ ନିଆଁ ସଂଖ୍ୟାକୁ ନେଇ ମଧ୍ୟ ଅନେକ ସମୟରେ ବିବାଦ ଦେଖାଦେଉଥିଲା। ନିଆଁ ଲିଭିବା ପରେ ମଧ୍ୟ ବନାଗ୍ନି ସଂଖ୍ୟା ପୋର୍ଟାଲରେ କମୁ ନ ଥିବାରୁ ବନ ବିଭାଗ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେଉଥିଲା। ହେଲେ ଏହି ଆପ୍ରେ ନିଆଁ ଲିଭିବା ତଥ୍ୟ ତୁରନ୍ତ ଦିଆଯାଇପାରିବ ଓ ରାଜ୍ୟବାସୀଙ୍କୁ ସଠିକ୍ ତଥ୍ୟ ମିଳିପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହା ବ୍ୟତୀତ ଏହି ଆପ୍‌ରେ ଅନଲାଇନ୍ କାଠ କିଣା ଅନୁମୋଦନ ସମ୍ପର୍କରେ ସୂଚନା ପ୍ରଦାନ କରାଯିବ। ସେହିପରି କେଉଁ ଜିଲ୍ଲାରେ କେତେ ବନୀକରଣ କରାଯାଇଛି ସେ ସମ୍ପର୍କରେ ସୂଚନା ଦେବା ସହ ଲୋକମାନେ ଫିଡ୍‌ବ୍ୟାକ ଦେବାର ମଧ୍ୟ ବ୍ୟବସ୍ଥା କରାଯାଇଛି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

## ବିଦ୍ୟାଳୟରେ ଅଲିମ୍ପିକ୍ସ ମୂଲ୍ୟ ଆଧାରିତ ଶିକ୍ଷା

# ସାମିଲ ହେବେ ରାଜ୍ୟର ୨୫୦ ସ୍କୁଲ୍‌ର ଛାତ୍ରଛାତ୍ରୀ



**ଭୁବନେଶ୍ୱର:** ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ଲକ୍ଷ୍ୟରେ ଅଲିମ୍ପିକ୍ ମୂଲ୍ୟବୋଧ ଆଧାରିତ ଶିକ୍ଷାଦାନ କାର୍ଯ୍ୟକ୍ରମ (ଓଭିଇପି) ପରିଚାଳନାରେ ଓଡ଼ିଶାର ଉଲ୍ଲେଖନୀୟ ଅବଦାନ ରହିଛି। ରାଜ୍ୟର ଦୁଇ ପ୍ରମୁଖ ସହର ଭୁବନେଶ୍ୱର ଓ ରାଉରକେଲାର ୯୦ଟି ବିଦ୍ୟାଳୟର ୩୨ ହଜାର ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଛନ୍ତି ଏବଂ ଆଗାମୀ ଦିନରେ ରାଜ୍ୟର ୨୫୦ ବିଦ୍ୟାଳୟର ଦେଢ଼ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏପରି ଏକ ଅନନ୍ୟ କାର୍ଯ୍ୟକ୍ରମର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଛନ୍ତି ଅଲିମ୍ପିକ୍ ଫାଉଣ୍ଡେସନ୍ ଫର କଲ୍ଚର୍ ଆଣ୍ଡ ହେରିଟେଜ୍ (ଓଏଫ୍‌ସିଏଚ୍)ର ନିର୍ଦ୍ଦେଶକ ଆଞ୍ଜେଲିତା ଟେଓ। କ୍ରୀଡ଼ାର ପ୍ରଚାର ପ୍ରସାର ସହିତ ଅଲମ୍ପିକ ମୂଲ୍ୟବୋଧକୁ ପ୍ରୋତ୍ସାହନ ଦେବା ଲାଗି ଓଡ଼ିଶା ସରକାରଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଛନ୍ତି। ଓଭିଇପି କାର୍ଯ୍ୟକାରିତା ସମୀକ୍ଷା କରିବା ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ଓଏଫ୍ସିଏଚ୍ର ଏକ ପ୍ରତିନିଧି ଦଳ ଆଜି ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ ଅବସରରେ ଭୁରିଭୁରି ପ୍ରଶଂସା କରିଛନ୍ତି। ଏହା ସହିତ ଏହି କାର୍ଯ୍ୟକ୍ରମର ସଫଳତା ଲାଗି ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଓଏଫ୍‌ସିଏଚ୍‌ରେ ପ୍ରତିନିଧିଙ୍କୁ ଅବଗତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ପାଇଁ ଅଲିମ୍ପିକ୍ସ ମୂଲ୍ୟ ଆଧାରିତ ଶିକ୍ଷା କାର୍ଯ୍ୟକ୍ରମ ପ୍ରଚଳନ କରିଥିବାରୁ ଆଇଓସିକୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ପିଲାମାନଙ୍କ ମଧ୍ୟରେ ବନ୍ଧୁତ୍ୱ, ଉତ୍କର୍ଷ ଏବଂ ସମ୍ମାନବୋଧ ସୃଷ୍ଟ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଓଭିଇପି କାର୍ଯ୍ୟକାରୀ କରିବାରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ୨୦୨୨ ମେ' ମାସରେ ମୁଖ୍ୟମନ୍ତ୍ରୀ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭୁବନେଶ୍ୱର ଓ ରାଉରକେଲାର ୯୦ଟି ବିଦ୍ୟାଳୟର ୩୨,୦୦୦ ପିଲାଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଆଗାମୀ ଦିନରେ ରାଜ୍ୟର ୨୫୦ଟି ବିଦ୍ୟାଳୟର ୧୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ଦିଗରେ ଓଡ଼ିଶା ସରକାର କାର୍ଯ୍ୟ କରୁଛନ୍ତି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଅଭିନବ ବିନ୍ଦ୍ରା ଫାଉଣ୍ଡେସନ୍ ଟ୍ରଷ୍ଟ ଆନୁକୂଲ୍ୟରେ ଓଭିଇପି କାର୍ଯ୍ୟକାରୀ କରାଯାଉଛି। ବ୍ୟକ୍ତିଗତ ଭାବେ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସରକାର ଉଦ୍ୟମ କରୁଥିବାରୁ ଓଏଫ୍‌ସିଏଚ୍ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ବର୍ଷକ ମଧ୍ୟରେ ୧୦ ଲକ୍ଷ ବୃକ୍ଷ ରୋପଣ ପାଇଁ ସହମତି ପ୍ରକାଶ କରିବା ପରିବେଶ ସୁରକ୍ଷା ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ସୁନିଶ୍ଚିତ କରୁଛି ବୋଲି ଏହି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି। ଆସନ୍ତା ୩ ଓ ୪ ତାରିଖରେ ଏହି ପ୍ରତିନିଧି ଦଳ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ୨୦୨୧ରେ ପ୍ୟାରିସଠାରେ ସ୍ୱାକ୍ଷରିତ ଜଳବାୟୁ ପରିବର୍ତ୍ତନ ରାଜିନାମା ଅନୁସାରେ ଆଇଓସି ପକ୍ଷରୁ ବୃକ୍ଷ ରୋପଣ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏହି ଅବସରରେ ଆଇଓସି ସଭାପତି ଥୋମାସ୍ ବେକ୍‌ଙ୍କୁ ଓଡ଼ିଶା ଆସିବା ପାଇଁ ଉକ୍ତ ପ୍ରତିନିଧି ଦଳଙ୍କୁ ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଚଳିତ ବର୍ଷ ଅକ୍ଟୋବର ମାସରେ ମୁମ୍ବାଇ ଠାରେ ଆୟୋଜିତ ହେବାକୁ ଥିବା ଆଇଓସି ସେସନ୍‌ରେ ଯୋଗଦେବା ଲାଗି ଥୋମାସ୍ ଭାରତ ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିବା ଓଏଫ୍‌ସିଏଚ୍ ପ୍ରତିନିଧି ଦଳରେ ଏହାର ନିର୍ଦ୍ଦେଶକ ଆଞ୍ଜେଲିତା ଟେଓଙ୍କ ସମେତ ଆଇଓସି ଅନ୍ତର୍ଜାତୀୟ ସାଂସ୍କୃତିକ ବ୍ୟାପାର ମୁଖ୍ୟ ଫେଡେରିକ୍ ଜାମୋଲି, ଆଇଓସି ବରିଷ୍ଠ ଶିକ୍ଷା ପ୍ରବନ୍ଧକ ଜେନିଆ କୋର୍ଗୁଜୋଭା, ଅଲମ୍ପିଆନ୍ ତଥା ଅଭିନବ ବିନ୍ଦ୍ରା ଫାଉଣ୍ଡେସନ୍ ଟ୍ରଷ୍ଟର ସଂସ୍ଥାପକ ଅଭିନବ ବିନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ସାକ୍ଷାତକାର ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ୍, କ୍ରୀଡ଼ା ସଚିବ ଭିନୀଲ କ୍ରିଷ୍ଣା ଉପସ୍ଥିତ ଥିଲେ।

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

## QUOTATION CALL NOTICE

Sealed quotations are invited from Registered Firms/Dealers/Suppliers having valid GST,PAN & IT clearance for supply of Air Conditioners, Furniture & Almirah. The details can be known from official website **www.knwcbbsr.org** The sealed quotations are to be submitted on or before 14/04/2023 by regd/speed post only The authority reserves the right to cancel any/all quotation (s) without assigning any reason there of.

**Principal**
**Kamala Nehru Women's College,**
**Bhubaneswar**

# ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି

**ଭୁବନେଶ୍ୱର :** ରାଜ୍ୟ ସରକାର ସବୁ ବର୍ଗର ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ବୃଦ୍ଧି କରିଛନ୍ତି। ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଉଚ୍ଚ କୁଶଳୀ ଶ୍ରମିକଙ୍କ ଦୈନିକ ମଜୁରୀରେ ୧୨ଟଙ୍କା ବୃଦ୍ଧି ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବର୍ଦ୍ଧିତ ମଜୁରୀ ପିଛିଲା ଭାବେ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ। ରାଜ୍ୟ ଶ୍ରମ କମିଶନରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଶ୍ରମିକମାନଙ୍କର ଦୈନିକ ମଜୁରୀରେ ପରିବର୍ତ୍ତନଶୀଳ ମହଙ୍ଗା ଭତ୍ତା (ଭିଡିଏ)ରେ ୧୨ଟଙ୍କା ବୃଦ୍ଧି ହୋଇଛି। ଏହି ବର୍ଦ୍ଧିତ ଭିଡିଏ ଯୋଗୁ ଅଣକୁଶଳୀଙ୍କ ଶ୍ରମିକଙ୍କ ଦୈନିକ ସର୍ବନିମ୍ନ ମଜୁରୀ ୩୩୩ ଟଙ୍କାରୁ ୩୪୫ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ୩୭୩ରୁ ୩୮୫ଟଙ୍କା, କୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ପରିମାଣ ୪୨୩ରୁ ୪୩୫ଟଙ୍କା ଓ ଉଚ୍ଚ କୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ପରିମାଣ ୪୮୩ରୁ ୪୯୫ଟଙ୍କାକୁ ବୃଦ୍ଧି ପାଇଛି। ରାଜ୍ୟ ସରକାର ଶେଷଥର ପାଇଁ ୨୦୨୨ ଅକ୍ଟୋବର ୧ତାରିଖରେ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀକୁ ବୃଦ୍ଧି କରିଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**